ବର୍ଷ-୨୬, ସଂଖ୍ୟା-୨୫୮
ଭୁବନେଶ୍ୱର
୨୫, ସେପ୍ଟେମ୍ବର, ୨୦୨୬, ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-26, Issue No. 258
Bhubaneswar
25, September, 2026, Friday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ରାଜ୍ୟପାଳଙ୍କୁ ସାକ୍ଷାତ କଲେ 'ଲହରୀ' ଟିମ୍




**ଭୁବନେଶ୍ୱର,୨୪।୯(ମହାଭାରତ):** ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ ଓଡ଼ିଆ ଚଳଚ୍ଚିତ୍ର 'ଲହରୀ'ର ପ୍ରଯୋଜିକା ଶ୍ରୀମତୀ ଝିଲିକ ଭଟ୍ଟାଚାର୍ଯ୍ୟ ତଥା ଚଳଚ୍ଚିତ୍ରର ଅନ୍ୟ ସଦସ୍ୟମାନେ ବୁଧବାର ଦିନ ଲୋକଭବନ ଠାରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ।

ଏହି ଅବସରରେ ରାଜ୍ୟପାଳ 'ଲହରୀ' ଟିମ ସହ ଭାବ ବିନିମୟ କରି ଚଳଚ୍ଚିତ୍ରର ଜାତୀୟ ସ୍ୱୀକୃତି ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇ ଥିଲେ ଓ ଏହି ସଫଳତା ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି କହିବା ସହିତ ସମସ୍ତଙ୍କର ପ୍ରୟାସକୁ ପ୍ରଶଂସା କରି ଭବିଷ୍ୟତର କାର୍ଯ୍ୟକ୍ରମରେ ସଫଳତା ପାଇଁ ମଧ୍ୟ ରାଜ୍ୟପାଳ କାମନା କରିଥିଲେ। ଏତଦବ୍ୟତୀତ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଅର୍ଥପୂର୍ଣ୍ଣ ଓ ପ୍ରଭାବଶାଳୀ ଚଳଚ୍ଚିତ୍ର ନିର୍ମାଣ ଜାରି ରଖିବା ପାଇଁ ରାଜ୍ୟପାଳ ଉତ୍ସାହିତ କରିଛନ୍ତି ଏବଂ ଯୁବ ପିଢ଼ିକୁ ପ୍ରେରଣା ଦେବା ତଥା ସକାରାତ୍ମକ ପ୍ରଭାବ ପକାଇବା ପାଇଁ ସିନେମାକୁ ଏକ ମାଧ୍ୟମ ଭାବେ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି । ଜାତୀୟସ୍ତରରେ ଓଡ଼ିଆ ସିନେମାକୁ ପ୍ରୋତ୍ସାହିତ କରିବାରେ ଦଳର ଅବଦାନକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ।

## ଖୋର୍ଦ୍ଧା ଜିଲ୍ଲାପାଳ ହାଇକୋର୍ଟରେ ହାଜର

**କଟକ,୨୪।୯(ମହାଭାରତ):** ଘରୋଇ ଜମି ଉପରେ ନିର୍ମିତ ବାସଗୃହକୁ ସର୍ବସାଧାରଣ ରାସ୍ତା ନିର୍ମାଣ ପାଇଁ ଭାଙ୍ଗି ଦିଆଯିବା ଅଭିଯୋଗ ନେଇ ଦାୟର ମାମଲାରେ ବୁଧବାରର ନିର୍ଦ୍ଦେଶ ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ ଋତୁରାଜ ହାଇକୋର୍ଟରେ ହାଜର ହୋଇଥିଲେ। ଶୁଣାଣି ବେଳେ ଆବେଦନକାରୀଙ୍କ ଅଭିଯୋଗରେ ସତ୍ୟତା ରହିଥିବା ସ୍ପଷ୍ଟ ହେବା ପରେ ହାଇକୋର୍ଟ ଜିଲ୍ଲାପାଳଙ୍କୁ ଭର୍ତ୍ସନା କରିଥିଲେ। ଥଇଥାନ ବା ପୁନର୍ବାସ ଭଳି ବ୍ୟବସ୍ଥା ନ କରି ଘରୋଇ ଜମି ଉପରେ ଥିବା ବାସଗୃହକୁ କେଉଁ ପରିସ୍ଥିତିରେ ଭାଙ୍ଗି ଦିଆଯାଇଥିଲା ବୋଲି ହାଇକୋର୍ଟ ପ୍ରଶ୍ନ କରିଥିଲେ।



ଏକ ବିକଳ୍ପ ପ୍ଲଟ ଚିହ୍ନଟ କରାଯାଇ ଆବେଦନକାରୀଙ୍କୁ ଯୋଗାଇ ଦିଆଯିବ ବୋଲି ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଭର୍ଚୁଆଲ ବ୍ୟବସ୍ଥାରେ ଉପସ୍ଥିତ ରହି ଆଶ୍ୱସନା ଦେଇଥିଲେ। ଏହାପରେ ସେପ୍ଟେମ୍ବର ୨୮କୁ ହାଇକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ତାରିଖରେ ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଭର୍ଚୁଆଲ ବ୍ୟବସ୍ଥାରେ ଉପସ୍ଥିତ ରହିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଜୟମାଳା ନାୟକ ଓ ଅନ୍ୟ ଦୁଇ ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

## କୁକୁଡ଼ା ମାଂସ ଦର ନିୟନ୍ତ୍ରଣ ପାଇଁ ନିୟମାବଳୀ ନାହିଁ

**ଭୁବନେଶ୍ୱର,୨୪।୯ (ମହାଭାରତ):** କୁକୁଡା ମାଂସର ମୂଲ୍ୟ ନିର୍ଦ୍ଧାରଣ କରିବାପାଇଁ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ନିୟମାବଳୀ ନାହିଁ । ବ୍ରଏଲର ମାଂସର ଉତ୍ପାଦନ ଖର୍ଚ୍ଚ, ଯୋଗାଣ ଚାହିଦା ଏବଂ ପାଇକାରୀ ବାଣିଜ୍ୟ ଅବସ୍ଥାକୁ ନେଇ ଉତ୍ପାଦକ ଓ ବ୍ୟବସାୟୀମାନେ ମୂଲ୍ୟ ନିର୍ଦ୍ଧାରଣ କରିଥାନ୍ତି ।



ରାଜ୍ୟରେ କୁକୁଡା ପାଳନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ମୋଟ୍? ୨୩ହଜାର ୯୫୬ଟି ଛୋଟ ଓ ବଡ ବ୍ରଏଲର କୁକୁଡା ଫାର୍ମ ଓ ୧୮୯ ଟି ବ୍ୟବସାୟିକ ଭିତ୍ତିକ ଅଣ୍ଡାଦିଆ କୁକୁଡା ଫାର୍ମ ରହିଛି । ଏହି ଫାର୍ମ ଗୁଡିକରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୪୦ ହଜାର ୯୧୩ ଲକ୍ଷ ଅଣ୍ଡା ଓ ୧ଲକ୍ଷ ୬୪ ହଜାର ମେଟ୍ରିକ ଟନ୍? କୁକୁଡା ମାଂସ ଉତ୍ପାଦିତ ହୋଇଛି ।

ରାଜ୍ୟରେ କୁକୁଡା ଚାଷର ମୁଖ୍ୟତଃ ବିଭିନ୍ନ ବେସରକାରୀ କମ୍ପାନୀ ପୁଞ୍ଜି ନିବେଶ କରି ରାଜ୍ୟରେ ବ୍ୟବସାୟ ଚଳାଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ଏପର୍ଯ୍ୟନ୍ତ କୁକୁଡା ମାଂସର ମୂଲ୍ୟ ନିର୍ଦ୍ଧାରଣ କରିବାପାଇଁ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ନିୟମାବଳୀ ନାହିଁ । ବ୍ରଏଲର ମାଂସର ଉତ୍ପାଦନ ଖର୍ଚ୍ଚ, ଯୋଗାଣ ଚାହିଦା ଏବଂ ପାଇକାରୀ ବାଣିଜ୍ୟ ଅବସ୍ଥାକୁ ନେଇ ଉତ୍ପାଦକ ଓ ବ୍ୟବସାୟୀମାନେ ମୂଲ୍ୟ ନିର୍ଦ୍ଧାରଣ କରିଥାନ୍ତି । ସେହିଭଳି ଓଡିଶାରୁ ରପ୍ତାନି ହେଉଥିବା କୁକୁଡା ମାଂସ ସଂକ୍ରାନ୍ତରେ ମଧ୍ୟ ସରକାରଙ୍କ ନିକଟରେ ନିର୍ଦ୍ଦିଷ୍ଟ ସୂଚନା ନାହିଁ । କୁକୁଡା ମାଂସ ଉତ୍ପାଦକ କମ୍ପାନୀମାନଙ୍କ ହିସାବ ଅନୁଯାୟୀ ୨୦୨୫-୨୬ ଆର୍ଥିକ ବର୍ଷରେ ୪୯ହଜାର ମେଟ୍ରିକ ଟନ୍ ପରିମାଣର କୁକୁଡା ମାଂସ ଅନ୍ୟ ରାଜ୍ୟକୁ ରପ୍ତାନି କରାଯାଇଛି ।

# ଦକ୍ଷିଣ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି

### ଉପକୂଳ ଅତିକ୍ରମ କଲା ଗଭୀର ଅବପାତ



**ଭୁବନେଶ୍ୱର,୨୪।୯(ମହାଭାରତ):** ଉତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ସୃଷ୍ଟ ଗଭୀର ଅବପାତ ୨୩ ସେପ୍ଟେମ୍ବର ରାତି ୧୧ଟାରୁ ୨୪ ରାତି ୧ଟା ମଧ୍ୟରେ କଳିଙ୍ଗପଟ୍ଟନମର ଦକ୍ଷିଣ-ପଶ୍ଚିମ ନିକଟବର୍ତ୍ତୀ ଅଞ୍ଚଳ ଦେଇ ଉପକୂଳ ଅତିକ୍ରମ କରିଛି। ଏହି ସମୟରେ ଏହାର ସର୍ବାଧିକ ସ୍ଥାୟୀ ପବନ ବେଗ ଘଣ୍ଟାପ୍ରତି ୫୫-୬୫ କି.ମି. ଥିବାବେଳେ ଝଟକା ପବନର ବେଗ ଘଣ୍ଟାପ୍ରତି ୭୫ କି.ମି. ପର୍ଯ୍ୟନ୍ତ ରହିଥିଲା। ଏହା ପରେ ଗଭୀର ଅବପାତ ପଶ୍ଚିମ-ଉତରପଶ୍ଚିମ ଦିଗକୁ ଗତି କରିଛି। ଆଜି ସକାଳ ୫ଟା ୩୦ ସୁଦ୍ଧା ଏହା ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ଅବସ୍ଥିତ ଥିବାବେଳେ ଓଡ଼ିଶାର ଗୋପାଳପୁରଠାରୁ ପ୍ରାୟ ୧୭୦ କି.ମି. ଦକ୍ଷିଣ-ପଶ୍ଚିମରେ ରହିଥିଲା।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଉତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ସୃଷ୍ଟ ଗଭୀର ଅବପାତ ଗତ ୬ ଘଂଟା ମଧ୍ୟରେ ଘଂଟାପ୍ରତି ୭ କି.ମି. ବେଗରେ ଉତର-ପଶ୍ଚିମ ଦିଗକୁ ଗତି କରିଛି। ଆଜି, ୨୪ ସେପ୍ଟେମ୍ବର ୨୦୨୬, ସକାଳ ୮ଟା ୩୦ ମିନିଟ୍ ସମୟରେ ଏହା ଉତର ଉପକୂଳ ଆନ୍ଧ୍ରପ୍ରଦେଶ ଓ ସଂଲଗ୍ନ ଦକ୍ଷିଣ ଓଡ଼ିଶା ଉପରେ, ଅକ୍ଷାଂଶ ୧୮.୫ସ୍ପ ଉତର ଓ ଦ୍ରାଘିମା ୮୩.୫ସ୍ପ ପୂର୍ବରେ କେନ୍ଦ୍ରୀଭୂତ ହୋଇଥିଲା। ଏହା କଳିଙ୍ଗପଟ୍ଟନମ୍ (ଆନ୍ଧ୍ରପ୍ରଦେଶ)ର ପ୍ରାୟ ୭୦ କି.ମି. ପଶ୍ଚିମ-ଉତରପଶ୍ଚିମ, ରାୟଗଡ଼ା (ଓଡ଼ିଶା)ର ୮୦ କି.ମି. ଦକ୍ଷିଣ-ଦକ୍ଷିଣପୂର୍ବ, କୋରାପୁଟ (ଓଡ଼ିଶା)ର ୯୦ କି.ମି. ପୂର୍ବ-ଦକ୍ଷିଣପୂର୍ବ ଏବଂ ଜଗଦଲପୁର (ଛତିଶଗଡ଼)ର ୧୭୦ କି.ମି. ପୂର୍ବ-ଦକ୍ଷିଣପୂର୍ବରେ ଅବସ୍ଥିତ ଥିଲା। ଏହି ଗଭୀର ଅବପାତ ଉତର-ଉତରପଶ୍ଚିମ ଦିଗକୁ ଗତି କରି ୨୪ ସେପ୍ଟେମ୍ବର ସନ୍ଧ୍ୟା ସୁଦ୍ଧା ଧୀରେ ଧୀରେ ଦୁର୍ବଳ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହାପରେ ମଧ୍ୟ ପରବର୍ତୀ ୨୪ ଘଂଟା ମଧ୍ୟରେ ଉତର-ଉତରପଶ୍ଚିମ ଦିଗକୁ ଗତି କରି ଧୀରେ ଧୀରେ ଦୁର୍ବଳ ହେବାର ସମ୍ଭାବନା ରହିଛି। ଆସନ୍ତା ୧୨ ଘଂଟା ମଧ୍ୟରେ ଏହା ପ୍ରଥମେ ଉତର-ପଶ୍ଚିମ ଦିଗକୁ ଗତି କରି ଏହାର ତୀବ୍ରତା ବଜାୟ ରଖିବାର ସମ୍ଭାବନା ରହିଛି। ପରବର୍ତୀ ସମୟରେ ଏହା ଉତର-ଉତରପଶ୍ଚିମ ଦିଗକୁ ଗତି କରି କ୍ରମେ ଦୁର୍ବଳ ହେବାର ସମ୍ଭାବନା ରହିଛି। ଜିଲ୍ଲାଗୁଡ଼ିକରୁ ପ୍ରାପ୍ତ ରିପୋର୍ଟ ଅନୁଯାୟୀ, ଏପର୍ଯ୍ୟନ୍ତ ବ୍ୟାପକ ଭାବେ କୌଣସି ବଡ଼ ଧରଣର କ୍ଷୟକ୍ଷତି ଘଟିଥିବା ରିପୋର୍ଟ ମିଳିନାହିଁ। କୋରାପୁଟ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ ସାମଗ୍ରିକ ପରିସ୍ଥିତି ସ୍ୱାଭାବିକ ରହିଛି। ସିମିଳିଗୁଡ଼ା ବ୍ଲକ୍ ରେ ୧୦୦ ମି.ମି.ରୁ ଅଧିକ ବର୍ଷା ରେକର୍ଡ ହୋଇଥିଲେ ମଧ୍ୟ କୌଣସି ବଡ଼ ଧରଣର କ୍ଷୟକ୍ଷତି କିମ୍ବା ଜୀବନହାନି ଘଟିନାହିଁ।

ମାଲକାନଗିରିରେ ଜାତୀୟ ରାଜପଥର କେତେକ ସ୍ଥାନରେ ପାଣି ଉଛୁଳିବା ଯୋଗୁଁ କାଙ୍ଗୁରକୋଣ୍ଡା, ଏମ୍ ?ଭି-୯୦ ଓ କନ୍ୟାଶ୍ରମ ନିକଟସ୍ଥ ତିନୋଟି ସେତୁ ଦେଇ ଯାତାୟାତକୁ ବିକଳ୍ପ ମାର୍ଗରେ ପରିଚାଳନା କରାଯାଇଛି। ଏଥିପାଇଁ ଛତିଶଗଡ଼ ପୋଲିସ ସହ ସମନ୍ୱୟ କରାଯାଇଛି। କଳାହାଣ୍ଡି ରେ ବିଚ୍ଛିନ୍ନ ଭାବେ ଗଛ ଉପୁଡ଼ିଯିବା ଘଟଣାଗୁଡ଼ିକୁ ତୁରନ୍ତ ସଫା କରାଯାଇଛି। ଜିଲ୍ଲାର ସାମଗ୍ରିକ ପରିସ୍ଥିତି ସ୍ୱାଭାବିକ ରହିଛି ।ନବରଙ୍ଗପୁରରେ ତେନ୍ତୁଳିଖୁଂଟି ବ୍ଲକ୍ ର ଏକ ସେତୁ ଉପରେ ପାଣି ଉଛୁଳିବା ପରେ ସେଠାରେ ଯାତାୟାତକୁ ବିକଳ୍ପ ମାର୍ଗରେ ପରିଚାଳନା କରାଯାଇଛି। ଗଛ ଉପୁଡ଼ିଯିବା ଯୋଗୁଁ ଦୁଇଟି ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ପ୍ରଭାବିତ ଲୋକମାନଙ୍କୁ ନିରାପଦ ଭାବେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଗଜପତି ଜିଲ୍ଲାରେ ଗତକାଲି ସନ୍ଧ୍ୟା ୫ଟା ୩୦ରୁ ଆଜି ସକାଳ ୬ଟା ପର୍ଯ୍ୟନ୍ତ ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ରେକର୍ଡ ହୋଇଛି। ହାରାହାରି ବର୍ଷା ପରିମାଣ ପ୍ରାୟ ୭୦ ମି.ମି. ରହିଛି। ବଂଶଧାରା ନଦୀର ଜଳସ୍ତର ବୃଦ୍ଧି ପାଇଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନଦୀତଟ ଅଞ୍ଚଳରେ ନିରନ୍ତର ପାଟ୍ରୋଲିଂ କରାଯାଉଛି। ଏଥିରେ ଓଡ୍ରାଫ୍‌ର ଏକ ଟିମ୍ ନିୟୋଜିତ ରହିଛି। ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବଂଶଧାରା ଓ ଋଷିକୁଲ୍ୟା ନଦୀର ଜଳସ୍ତର ଉପରେ ନିରନ୍ତର ନଜର ରଖାଯାଉଛି। ଜଳ ପରିଚାଳନା ବ୍ୟବସ୍ଥାର ଅଂଶ ଭାବେ ରାତ୍ରିକାଳୀନ ପାଟ୍ରୋଲିଂ ଏବଂ ବ୍ୟାରେଜ୍ ଗେଟ୍‌ଗୁଡ଼ିକର ପରିଚାଳନା ମଧ୍ୟ କରାଯାଉଛି। ରାୟଗଡ଼ା ର ବଂଶଧାରା ନଦୀ ନିକଟବର୍ତୀ ଅଂଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରାଯାଇଛି। ବର୍ତମାନ ସୁଦ୍ଧା ଜିଲ୍ଲାରୁ କୌଣସି ବଡ଼ ଧରଣର କ୍ଷୟକ୍ଷତିର ରିପୋର୍ଟ ମିଳିନାହିଁ। ୨୪ ସେପ୍ଟେମ୍ବରରେ ବିଭିନ୍ନ ବ୍ଲକ୍ ରେ ୧୦୦ ମି.ମି.ରୁ ଅଧିକ ବର୍ଷା ରେକର୍ଡ ହୋଇଛି। ସେଥିମଧ୍ୟରେ କୋରାପୁଟର ସିମିଳିଗୁଡ଼ାରେ ୧୯୩.୯ ମି.ମି., ମାଲକାନଗିରିର ଚିତ୍ରକୋଣ୍ଡାରେ

# ଚାଲିପାରିଲାନି ଓଡ଼ିଶା ବିଧାନସଭାର ପ୍ରଥମାର୍ଦ୍ଧ

**ଭୁବନେଶ୍ୱର,୨୪।୯(ମହାଭାରତ):** ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନର ତୃତୀୟ ଦିନ ଗୁରୁବାର ମଧ୍ୟ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଓ ନାରାବାଜି ଯୋଗୁଁ ସଦନର ପ୍ରଥମାର୍ଦ୍ଧ ଚାଲିପାରିନାହିଁ। ଏମଏମଡିଆର ଆଇନକୁ ଓଡ଼ିଶାର ସ୍ୱାର୍ଥବିରୋଧୀ ଦର୍ଶାଇ ଏହାକୁ ପ୍ରତ୍ୟାହାର କରିବା ଦାବିରେ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସଦନର ମଧ୍ୟଭାଗକୁ ଆସି ପ୍ରତିବାଦ କରିଥିଲେ। ହଟ୍ଟଗୋଳ ଯୋଗୁଁ ପ୍ରଶ୍ନକାଳ, ଶୂନ୍ୟକାଳ ସମେତ ଧାର୍ଯ୍ୟ କାର୍ଯ୍ୟସୂଚୀ ପ୍ରଭାବିତ ହୋଇଥିଲା। ସ୍ଥିତିରେ ସୁଧାର ନଆସିବାରୁ ବାଚସ୍ପତିଙ୍କ ଅନୁପସ୍ଥିତିରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ସଦନର କାର୍ଯ୍ୟକ୍ରମକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।ଧାର୍ଯ୍ୟ କାର୍ଯ୍ୟସୂଚୀ ଅନୁଯାୟୀ ଗୁରୁବାର ସକାଳ ୧୦ଟା ୩୦ ମିନିଟରେ ବିଧାନସଭାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ପ୍ରଶ୍ନକାଳ ଆରମ୍ଭ କରିବା ପ୍ରକ୍ରିୟା ଆଗକୁ ବଢ଼ାଇବା ସମୟରେ ବିରୋଧୀ ସଦସ୍ୟମାନେ ଏମଏମଡିଆର ଆଇନକୁ ନେଇ ନାରାବାଜି ଆରମ୍ଭ କରିଥିଲେ। କିଛି ସମୟ ମଧ୍ୟରେ ସେମାନେ ନିଜ ଆସନ ଛାଡ଼ି ସଦନର ମଧ୍ୟଭାଗକୁ ଆସି ପ୍ରତିବାଦ କରିଥିଲେ। ସେମାନଙ୍କ ହାତରେ ବିଭିନ୍ନ ପ୍ଲାକାର୍ଡ ରହିଥିଲା ଏବଂ ସେଥିରେ ସରକାର ଓ ଏମଏମଡିଆର ଆଇନ ବିରୋଧୀ ନାରା ଲେଖା ଥିଲା।




ହଟ୍ଟଗୋଳ ମଧ୍ୟରେ ଉପବାଚସ୍ପତି ଅନୁଗୋଳର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଡାକିଥିଲେ । ବିରୋଧୀ ବିଧାୟକଙ୍କ ପ୍ରବଳ ହୋହଲ୍ଲା ମଧ୍ୟରେ ମନ୍ତ୍ରୀ ନିଜର ଉତ୍ତର ଜାରି ରଖିଥିଲେ।

ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ହଟ୍ଟଗୋଳ କରୁଥିବା ବିରୋଧୀ ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିଯାଇ ସଦନର କାର୍ଯ୍ୟ ସୁରୁଖୁରୁରେ ଚାଲିବାରେ ସହଯୋଗ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ। କିନ୍ତୁ ବିରୋଧୀ ସଦସ୍ୟମାନେ ତାଙ୍କ ଅନୁରୋଧକୁ ସ୍ୱୀକାର ନ କରି ହଟ୍ଟଗୋଳ ଜାରୀ ରଖିଥିଲେ । ଏହାପରେ ଉପବାଚସ୍ପତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଏକ ପ୍ରଶ୍ନର ଉତ୍ତର ଦେବାକୁ ଆହ୍ୱାନ କରିଥିଲେ। ହଟ୍ଟଗୋଳ ମଧ୍ୟରେ ମନ୍ତ୍ରୀ ପୂଜାରୀ ଉତ୍ତର ଦେବା ଆରମ୍ଭ କରିଥିଲେ। ପୂର୍ବରୁ ହୋଇଥିବା ବନ୍ୟାରେ ରାଜ୍ୟରେ ହୋଇଥିବା କ୍ଷୟକ୍ଷତି ଓ କ୍ଷତିପୂରଣ ସମ୍ପର୍କିତ ପ୍ରଶ୍ନର ସେ ଉତ୍ତର ଦେଉଥିଲେ। ତେବେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଓ ନାରାବାଜି ଜାରି ରହିବାରୁ ସଦନର ସ୍ୱାଭାବିକ କାର୍ଯ୍ୟ ସମ୍ଭବ ହୋଇନଥିଲା। ଶେଷରେ ଉପବାଚସ୍ପତି ସଦନର କାର୍ଯ୍ୟକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ମଙ୍ଗଳବାର ଆରମ୍ଭ ହୋଇଥିଲା। ଅଧିବେଶନର ପ୍ରଥମ ଦିନ ମଧ୍ୟ ଏମଏମଡିଆର ଆଇନ ପ୍ରତ୍ୟାହାର ଏବଂ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ଦିବଂଗତ ବିଧାୟକମାନଙ୍କ ସ୍ମୃତିରେ ଶୋକ ପ୍ରସ୍ତାବ ଏବଂ ନେପାଳରେ ଘଟିଥିବା ବନ୍ୟାକୁ ନେଇ ଶୋକ ପ୍ରସ୍ତାବ ପାରିତ ହେବା ପରେ ବିରୋଧୀ ସଦସ୍ୟମାନେ ପ୍ରତିବାଦ ଆରମ୍ଭ କରିଥିଲେ।

## ୨୮ରେ ବିଧାନସଭା ଘେରିବ ବିଜେଡି

**ଭୁବନେଶ୍ୱର,୨୪।୯ (ମହାଭାରତ):** ଏମଏମଡିଆର ସଂଶୋଧନ ଆଇନ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ହେବା ପରେ, ଏହାକୁ ତୀବ୍ର ବିରୋଧ କରି ଆସୁଥିବା ବିଜୁ ଜନତା ଦଳ ଏହି କଳା ଆଇନର ପ୍ରତ୍ୟାହାର ଦାବିରେ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି । ଆସନ୍ତା ସେପ୍ଟେମ୍ବର ୨୮ ତାରିଖରେ, ବିଜୁ ଜନତା ଦଳ ତରଫରୁ ଲୋୟର ପିଏମଜିରେ ଏକ ବିଶାଳ ଗଣ ବିକ୍ଷୋଭ ସଭା କାର୍ଯ୍ୟକ୍ରମ ଆୟୋଜିତ ହେବ ଓ ଏଥିରେ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବେ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି । ଶଙ୍ଖ ଭବନରେ ଗୁରୁବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଥିଲେ, ଖଣି ଓ ଖଣି ଥିବା ଜମି ଉପରେ ଥିବା ରାଜ୍ୟମାନଙ୍କ ଅଧିକାରକୁ ଏମଏମଡିଆର ସଂଶୋଧନ ଆଇନ ମାଧ୍ୟମରେ କେନ୍ଦ୍ର ସରକାର ଛଡାଇ ନେଇଛନ୍ତି, ଯାହା ଦେଶର ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ । ଦେଶର ଗଚ୍ଛିତ ଥିବା ସମୁଦାୟ ଖଣିଜ ସମ୍ପଦ ମଧ୍ୟରୁ କେବଳ ଓଡ଼ିଶାରେ ଏହାର ୪୪ ପ୍ରତିଶତ ଖଣିଜ ସମ୍ପଦ ରହିଥିବାରୁ, ଏହି ସଂଶୋଧିତ ଆଇନ



ଯୋଗୁ ଓଡିଶା ସର୍ବାଧିକ କ୍ଷତି ସହିତ । ଦୁଃଖ ଓ ପରିତାପର ବିଷୟ ରାଜ୍ୟ ବିଜେପି ନେତା ମାନେ କ୍ଷତି ନୁହେଁ ବରଂ ଲାଭ ହେବ ବୋଲି ବିତଣ୍ଡା ଯୁକ୍ତି ବାଢୁଛନ୍ତି । ତେଣୁ, ଏହାର ପ୍ରତ୍ୟାହାର ଦାବିରେ ବିଜେଡି ଆସନ୍ତା ୨୮ ତାରିଖରେ ଲୋୟର ପିଏମଜି ଠାରେ ଏକ ବିଶାଳ ଗଣବିକ୍ଷୋଭ ସଭା ଆୟୋଜିତ ହେବ, ଯେଉଁଥିରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଯୋଗଦେବେ।

# ସମନ୍ୱିତ କ୍ଲଷ୍ଟର ବିକାଶ ପଦକ୍ଷେପ ନେଇ ବୈଠକ

**ଭୁବନେଶ୍ୱର,୨୪।୯(ମହାଭାରତ):** ଓଡ଼ିଶାରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଇ ଅର୍ଥନୈତିକ ଅଭିବୃଦ୍ଧି ଲକ୍ଷ୍ୟରେ ପ୍ରଥମ ସମନ୍ୱିତ କ୍ଲଷ୍ଟର ବିକାଶ ପଦକ୍ଷେପ ପରାମର୍ଶ କର୍ମଶାଳା ଗୁରୁବାର ଲୋକସେବା ଭବନସ୍ଥିତ ରାଜ୍ୟ କନଭେନସନ ସେଂଟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳରେ ଉପରୋକ୍ତ କ୍ଷେତ୍ରରେ କ୍ଲଷ୍ଟରଭିତ୍ତିକ ବିକାଶର ସମ୍ଭାବନା, ପ୍ରାଥମିକ କ୍ଷେତ୍ର ଚିହ୍ନଟ, ପରିଲକ୍ଷିତ ହେଉଥିବା ଅଭାବର ଦୂରୀକରଣ, ଅନୁଷ୍ଠାନିକ ସମନ୍ୱୟ ଓ ପରବର୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ନେଇ ବିସ୍ତୃତ ଆଲୋଚନା ହୋଇଛି।

ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶ ପରିଷଦ(ଇଏସି-ପିଏମ), ନୀତି ଆୟୋଗ ଏବଂ ଓଡ଼ିଶା ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଷଦର ଅଧ୍ୟକ୍ଷ ପ୍ରଫେସର ଏସ୍. ମହେନ୍ଦ୍ର ଦେବ, ଓଡ଼ିଶା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ନୀତି ଆୟୋଗର କାର୍ଯ୍ୟକ୍ରମ ନିର୍ଦ୍ଦେଶକ (ଅର୍ଥନୈତିକ ଓ ଆର୍ଥିକ) ର ଡଃ. ପ୍ରଭାକର ସାହୁ, ଇଏସି-ପିଏମ୍ ର ଯୁଗ୍ମ ଶାସନ ସଚିବ ଡଃ. କେ.କେ.ତ୍ରିପାଠୀ, ଓଡ଼ିଶା କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଜାଧବ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ପ୍ରେମ ଚନ୍ଦ୍ର ଚୌଧାରୀ, ଆନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ(ଆଇଏଫପିଆରଆଇ)ର ବରିଷ୍ଠ ଗବେଷିକା ଡଃ ସୁଧା ନାରାୟଣନ, ଇଏସି-ପିଏମ, ନୀତି ଆୟୋଗଏବଂ ସଂପୃକ୍ତ ବିଭିନ୍ନ ବିଭାଗ ଓ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । କର୍ମଶାଳାର ଉଦ୍ଘାଟନୀ ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶ ପରିଷଦର ଅଧ୍ୟକ୍ଷ ପ୍ରଫେସର ଦେବ ଯୋଗଦେଇ ବିଭିନ୍ନ କୃଷିଭିତ୍ତିକ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ସହ ଫସଲ ଅମଳ ପରବର୍ତୀ ଉତ୍ପାଦନ ହାର ବୃଦ୍ଧି, କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କ ଉନ୍ନତି, କୃଷକ ଉତ୍ପାଦକ ଗୋଷ୍ଠୀ, ସମବାୟ ସମତିଗୁଡ଼ିକ ସମ୍ମିଳିତ ପ୍ରୟାସରେ ଅଭିବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ



ଉତ୍ପାଦନରୁ କିପରି ଅଧିକ ଆୟ ସୃଷ୍ଟି କରାଯାଇପାରିବ, ସେଥିପାଇଁ 'ଉତ୍ପାଦନଭିତିକ ଆଭିମୁଖ୍ୟ'ରୁ 'କୃଷି ଆୟଭିତିକ ଆଭିମୁଖ୍ୟ'କୁ ଗୁରୁତ୍ୱ ଦେବାଉପରେ ଆଲୋକପାତ କରିଥିଲେ । କୃଷି ଓ ଆନୁଷଙ୍ଗିକ କରିଥିଲେ । ପାଇଲଟ୍ ପ୍ରୋଜେକ୍ଟ ଭାବେ ଏହା ପ୍ରଥମେ ପୁରୀ ଓ ଗଂଜାମ ଜିଲ୍ଲାରେ କ୍ଲଷ୍ଟର ବିକାଶ ପଦକ୍ଷେପ ଆରମ୍ଭ କରାଯିବା ନେଇ ଆଲୋଚନା କରାଯାଇଥିଲା ।ପରବର୍ତୀ ପର୍ଯ୍ୟାୟରେ ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର ଓ ଦେଓଗଡ୍ ଜିଲ୍ଲାରେ ଏହି ପଦକ୍ଷେପ କାର୍ଯ୍ୟକାରୀ ହେବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ଏ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଉପସ୍ଥିତ ଥିଲେ ।

ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଥିଲେ ଯେ, ବିକଶିତ ଓଡ଼ିଶାର ସଫଳତା ବିକଶିତ ଭାରତର ଲକ୍ଷ୍ୟ ସାଧନରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ ।ରାଜ୍ୟର ପ୍ରତ୍ୟେକ ଅଞ୍ଚଳର ସାମର୍ଥ୍ୟକୁ ସମ୍ପୂର୍ଣ୍ଣ ଭାବେ ଉପଯୋଗ କରି ସମାବେଶୀ ଓ ସନ୍ତୁଳିତ ବିକାଶ ନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।କୃଷି ଉତ୍ପାଦନ ସହମୂଲ୍ୟଯୁକ୍ତ ଉତ୍ପାଦନ, ପ୍ରକ୍ରିୟାକରଣ ଓ ବଜାର ସଂଯୋଗକୁ ଏକୀକୃତ କରି 'ଉତ୍ପାଦନରୁ ବଜାର' ପର୍ଯ୍ୟନ୍ତ ସମଗ୍ର ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବାଆବଶ୍ୟକ ବୋଲି ସେ କହିଥିଲେ। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ ଗଞ୍ଜାମ ଓ ପୁରୀକୁ ପ୍ରାଥମିକ କ୍ଲଷ୍ଟର ଭାବେ ନେଇ କାଜୁ, ଆମ୍ବ, ପନିପରିବା, ମସଲା ଆଦିର ଉତ୍ପାଦନ ସହିତ ସଂଗ୍ରହ, ଶୀତଳ ଭଣ୍ଡାର, ପ୍ରକ୍ରିୟାକରଣ ଓ ବଜାର ସଂଯୋଗକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଥିଲେ ।

## ପ୍ରସ୍ତୁତ କରନ୍ତୁ ଗୋଟା ରସୁଣ ଚିକେନ ଲଟପଟ



**ଆବଶ୍ୟକୀୟ ସାମଗ୍ରୀ:**ଚିକେନ, ପିଆଜ, ରସୁଣ ପାଖୁଡ଼ା, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ, ରିଫାଇଲ ତେଲ, ଗରମ ମସଲା।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଚିକେନରେ ଲୁଣ, ହଳଦୀ ପକେଇ ଭଲ ଭାବରେ ଗୋଳାଇ ରଖନ୍ତୁ। କରେଇରେ ତେଲ ଗରମ କରି ପିଆଜ ପକାଇ ଭାଜି ରଖନ୍ତୁ। ପିଆଜ ଅଳ୍ପ ଭାଜି ହୋଇଗଲା ପରେ ଲୁଣ ହଳଦୀ ଗୋଳା ଚିକେନ୍ ପକାଇ କଷନ୍ତୁ। ଚିକେନ ଅଳ୍ପ କଷି ହୋଇଗଲେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଗରମ ମସଲା, ଗୋଟା ରସୁଣ ପକାଇ ଘାଣ୍ଟନ୍ତୁ। ଚିକେନରେ ମସଲା ଭଲ ଭାବେ ମିଶି ଯିବା ପରେ ଘୋଡ଼ଣୀ ଘୋଡ଼ାଇ ଦିଅନ୍ତୁ। ପ୍ରତି ୪ରୁ ୫ ମିନିଟ୍ ବ୍ୟବଧାନରେ ଚିକେନକୁ ଗୋଳାଇ ଦିଅନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ଗୋଟା ରସୁଣ ଚିକେନ ଲଟପଟ।

ଖବର

# କାହିଁକି ବୃଦ୍ଧିପାଏ କୋଲେଷ୍ଟ୍ରଲ ?

କୋଲେଷ୍ଟ୍ରଲ ବୃଦ୍ଧି ପାଇଲେ ହୃଦଘାତ ଏବଂ ମସ୍ତିଷ୍କ ଆଘାତର ଆଶଙ୍କା ବଢ଼ିଯାଏ। ଖାଦ୍ୟପେୟରେ ଅନିୟମିତତା ଏବଂ ସ୍ୱଳ୍ପ ଶାରୀରିକ କାର୍ଯ୍ୟକଳାପ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ପ୍ରମାଣିତ ହେଉଛି। ଏହି ସାମାନ୍ୟ ଅବହେଳା ବହୁ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ସେଥିମଧ୍ୟରୁ କୋଲେଷ୍ଟ୍ରଲ ବୃଦ୍ଧି ଅନ୍ୟତମ। ଶରୀରରେ ଖରାପ କୋଲେଷ୍ଟ୍ରଲ ବୃଦ୍ଧି ହେଲେ ହୃଦୟ ସ୍ୱାସ୍ଥ୍ୟ ବିଗିଡ଼ିଯାଏ। ଏହି କାରଣରୁ ରକ୍ତ ମସ୍ତିଷ୍କ ଏବଂ ହୃଦୟରେ ପହଞ୍ଚେ ନାହିଁ, ଯେଉଁ କାରଣରୁ ହୃଦଘାତ ଏବଂ ମସ୍ତିଷ୍କ ଆଘାତର ଆଶଙ୍କା ବଢ଼ିଯାଏ। ସେଥିପାଇଁ ଉଚ୍ଚ କୋଲେଷ୍ଟ୍ରଲକୁ ନୀରବ ଘାତକ ବୋଲି କୁହାଯାଏ। ଶରୀରରେ କୋଲେଷ୍ଟ୍ରଲ ବୃଦ୍ଧି ହେଲେ କି କି ଲକ୍ଷଣ ଦେଖାଯାଏ, ଜାଣନ୍ତୁ...



କୋଲେଷ୍ଟ୍ରଲ ବୃଦ୍ଧିର ଲକ୍ଷଣ

ଆଖିର ଚାରିପାଖରେ ହଳଦିଆ ଦାଗ, ଯାହାକୁ ଜେନଥୋମାସ୍ କୁହାଯାଏ।

ଛାତି ଯନ୍ତ୍ରଣା (ଏନଜାଇନା)

ଶରୀରର ଗୋଟିଏ ପାର୍ଶ୍ୱରେ ଦୁର୍ବଳତା।

ଷ୍ଟ୍ରୋକ୍ କାରଣରୁ ପକ୍ଷାଘାତ ବା ପାରାଲିସିସ୍।

ଗୋଡରେ ଯନ୍ତ୍ରଣା, ଚାଲିବାରେ ଅସୁବିଧା।

ଉଚ୍ଚ କୋଲେଷ୍ଟ୍ରଲରୁ କିପରି ରକ୍ଷା ପାଇବେ

ଉଚ୍ଚ କୋଲେଷ୍ଟ୍ରଲରୁ ରକ୍ଷା ପାଇବା ପାଇଁ, ସର୍ବପ୍ରଥମେ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ପ୍ରତିଦିନ ପର୍ଯ୍ୟାପ୍ତ ପରିମାଣରେ ଶୋଇବା ଜରୁରୀ। ଖାଦ୍ୟ ସାଙ୍ଗକୁ ଶାରୀରିକ ବ୍ୟାୟାମ କରନ୍ତୁ। ଖାଦ୍ୟରେ ସବୁଜ ପତ୍ରଯୁକ୍ତ ପନିପରିବା ଅନ୍ତର୍ଭୁକ୍ତ କରନ୍ତୁ। ପ୍ରତିଦିନ ଫଳ ଖାଇବା ଅଭ୍ୟାସ ରଖନ୍ତୁ। ବିଭିନ୍ନ ପ୍ରକାର ସିଡ୍ସ ଏବଂ ଡ୍ରାଏ ଫ୍ରୁଟ୍ସ ଖାଆନ୍ତୁ। ଅଧିକ ଚାପ ନିଅନ୍ତୁ ନାହିଁ। ବାହାର ଖାଦ୍ୟ, ଜଙ୍କ ଫୁଡଠାରୁ ଦୂରରେ ରୁହନ୍ତୁ। ପ୍ରକ୍ରିୟାକୃତ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଲାଲ୍ ମାଂସଠାରୁ ଦୂରେଇ ରୁହନ୍ତୁ। ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ। ଏହି ସବୁ ଉପାୟ ଅବଲମ୍ବନ କରି କେବଳ ସୁସ୍ଥ ଜୀବନଶୈଳୀ ମାଧ୍ୟମରେ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିପାରିବେ।



## ଆଖି ତଳ କଳାଦାଗର ଉପଚାର

ଶୀତଦିନିଆ ଥଣ୍ଡା ପରିବେଶ କାରଣରୁ କେତେଜଣଙ୍କର ଆଖି ତଳ କଳାଦାଗ ସମସ୍ୟା ବଢ଼େ। ଏଥିରୁ ରକ୍ଷା ପାଇବାକୁ କେତୋଟି ସରଳ ଘରୋଇ ଉପଚାର:

◆ ବାଦାମ ତେଲ ୧ଚାମଚ ଓ ଲେମ୍ବୁ ରସ ଅଧ ଚାମଚକୁ ମିଶାଇ ତୁଳାରେ ନେଇ ଆଖି ତଳ କଳାଦାଗରେ ଲଗାଇ ୨ମିନିଟ୍ ମାଲିସ୍ କରନ୍ତୁ। ରାତିରେ ଏଇ ପ୍ୟାକ୍ ଲଗାଇ ଶୋଇବା ଭଲ। ସପ୍ତାହେ କରିବା ପରେ ଫରକ୍ ଜାଣିପାରିବେ।

◆ କଞ୍ଚା କ୍ଷୀରରେ ଭିଟାମିନ୍ ଇ ମିଶାଇ ଆଖି ଚାରିପାଖେ ମାଲିସ୍ କରନ୍ତୁ। ସ୍ନାନ ପୂର୍ବରୁ ଏହି ପ୍ୟାକ୍ ଲଗାନ୍ତୁ। ଆଖି ତଳ କଳାଦାଗ ଦୂର ହେବା ପରେ ମଧ୍ୟ ଏଇ ପ୍ୟାକ୍ ଲଗାଇଲେ ଆଖି ବିନ୍ଧା ସମସ୍ୟା ଦୂର ହୁଏ।



◆କାକୁଡ଼ି ଓ ଟମାଟୋ ରସ ସମପରିମାଣରେ ମିଶାଇ ଆଖି ତଳ କଳାଦାଗରେ ଲଗାଇବା ଭଲ। ପ୍ରତିଦିନ ଏଇ ପ୍ୟାକ୍ ଲଗାଇଲେ ଶୀଘ୍ର ଫରକ୍ ଜାଣିପାରିବେ।

# ପ୍ରକୃତି ଦିଏ ଯଥାର୍ଥ ନ୍ୟାୟ

ଧର୍ମ ଶାସ୍ତ୍ରରେ ଯାହା ବର୍ଣ୍ଣନା ହୋଇଛି, ଜଗତ ସେତିକି ମାତ୍ର ନୁହେଁ। ଶାସ୍ତ୍ରରେ ତ କିଛି ଅଂଶ ହିଁ ଅଛି। ବାକି, ଜଗତ ତ ଅବକ୍ତବ୍ୟ ଏବଂ ଅବର୍ଣ୍ଣନୀୟ ଅଟେ ଯେ ଯାହା ଶବ୍ଦରେ ଧାରଣ ହୋଇପାରେ ଏପରି ନୁହେଁ, ତେବେ ପୁଣି ଶବ୍ଦରୁ ବାହାରର କଥା ତୁମେ କେଉଁଠୁ ଆଣିବ ? ଶବ୍ଦରେ ଧାରଣ ହୁଏ ନାହିଁ ତେବେ ଶବ୍ଦରୁ ବାହାରେ ତୁମେ ତାହାର ବର୍ଣ୍ଣନା କିପରି ବୁଝିବ ?

ପ୍ରକୃତିର ଯେଉଁ ନ୍ୟାୟ, ସେଥିରେ ଗୋଟିଏ କ୍ଷଣ ପାଇଁ ମଧ୍ୟ ଅନ୍ୟାୟ ହୋଇନାହିଁ। ଏ ପ୍ରକୃତି, ଗୋଟିଏ କ୍ଷଣ ପାଇଁ ମଧ୍ୟ ଅନ୍ୟାୟୀ ହୋଇନାହିଁ। କୋର୍ଟରେ ଅନ୍ୟାୟ ହୋଇଥାଇପାରେ, କିନ୍ତୁ ପ୍ରକୃତି କେବେ ଅନ୍ୟାୟୀ ହୋଇନାହିଁ। ପ୍ରକୃତିର ନ୍ୟାୟ କିପରି ଅଟେ ଯେ, ଯଦି ତୁମେ ଭଲ ମଣିଷ ଅଟ ଏବଂ ଆଜି ତୁମେ ଚୋରି କରିବା ପାଇଁ ଯାଅ ତେବେ ତୁମକୁ ପ୍ରଥମରୁ ହିଁ ଧରା ପକାଇ ଦେବ ଆଉ ଯଦି ଖରାପ ମଣିଷ ହୋଇଥିବ ତେବେ ତାକୁ ପ୍ରଥମ ଦିନ ପ୍ରୋତ୍ସାହିତ କରିବ। ପ୍ରକୃତିର ଏପରି ହିସାବ ଯେ, ପ୍ରଥମବାଲାକୁ ଭଲ ରଖିବାର ଅଛି, ସେଥିପାଇଁ ତା'କୁ ଧରା ପକାଇଦେବ, ତା'କୁ ସହାୟତା କରିବ ନାହିଁ ଆଉ ଦ୍ୱିତୀୟ ଜଣଙ୍କୁ ସହାୟତା କରିଚାଲିବ



ଏବଂ ପରେ ଏମିତି ମାଡ଼ ମାରିବ ଯେ, ପୁଣି ସେ ଉପରକୁ ଉଠି ପାରିବ ନାହିଁ। ସେ ଅଧୋଗତିରେ ଯିବ। ପ୍ରକୃତି ଗୋଟିଏ ମିନିଟ୍ ମଧ୍ୟ ଅନ୍ୟାୟୀ ହୋଇନାହିଁ। ଯଦି ପ୍ରକୃତିର ନ୍ୟାୟକୁ ବୁଝିବ ଯେ, 'ଯାହା ହେଲା ତାହା ନ୍ୟାୟ' ତେବେ ତୁମେ ଏ ଜଗତରୁ ମୁକ୍ତ ହୋଇ ପାରିବ ଅନ୍ୟଥା ପ୍ରକୃତିକୁ ଡିଳେମାତ୍ର ବି ଅନ୍ୟାୟୀ ମାନିଲ, ତେବେ ତାହା ତୁମ ପାଇଁ ଜଗତରେ ସମସ୍ୟାର ହିଁ କାରଣ ଅଟେ। ପ୍ରକୃତିକୁ ନ୍ୟାୟ ମାନିବା, ତାହାର ନାମ ଜ୍ଞାନ । 'ଯେପରି ଅଟେ ସେପରି' ଜାଣିବା, ତାହାର ନାମ ଜ୍ଞାନ ଏବଂ 'ଯେପରି ଅଟେ ସେପରି' ନଜାଣିବା, ତାହାର ନାମ ଅଜ୍ଞାନ। ଜଗତରେ ନ୍ୟାୟ ଖୋଜିବା ଯୋଗୁଁ ହିଁ ତ ପୁରା ଦୁନିଆରେ ଲଢ଼େଇ ସବୁ ହୋଇଛି। ଜଗତ ନ୍ୟାୟ ସ୍ୱରୂପ ହିଁ ଅଟେ। ଏଥିପାଇଁ ଏ ଜଗତରେ ନ୍ୟାୟ ଖୋଜିବ ହିଁ ନାହିଁ। ଯାହା ହେଲା, ତାହା ନ୍ୟାୟ। ଯାହା ହୋଇଗଲା ତାହା ହିଁ ନ୍ୟାୟ। ନ୍ୟାୟ ଖୋଜୁଛନ୍ତି, ସେଥିପାଇଁ ଏ କୋର୍ଟ ଇତ୍ୟାଦି ସବୁ ତିଆରି ହେଲା ! 'ନ୍ୟାୟ' ସ୍ୱରୂପ ଅଲଗା ଅଟେ ଏବଂ ଆମର ଏ ଫଳ ସ୍ୱରୂପ ଅଲଗା ଅଟେ ! ନ୍ୟାୟ-ଅନ୍ୟାୟର ଫଳ, ତାହା ତ ହିସାବ ଅନୁଯାୟୀ ଆସେ ଆଉ ଆମେ ତା ସହିତ ନ୍ୟାୟ ଯୋଡ଼ିବା ପାଇଁ ଯାଆନ୍ତି, ପୁଣି କୋର୍ଟକୁ ହିଁ ଯିବାକୁ ପଡ଼ିବ ଅବା ଆଉ ସେଠାକୁ ଯାଇ, ଥକିକରି, ଶେଷରେ ଫେରିକି ହିଁ ଆସିବାର ଅଛି ! ତୁମେ କାହାକୁ ଗୋଟିଏ ଗାଳି ଦେଲ ତେବେ ପୁଣି ସେ ତୁମକୁ ଦୁଇ-ତିନି ଗାଳି ଦେଇ ଦେବ, କାହିଁକି ତା'ମନ ତୁମ ଉପରେ କ୍ରୋଧିତ ଥାଏ। ସେତେବେଳେ ଲୋକେ କ'ଣ କୁହନ୍ତି ? ତୁ କ'ଣ ପାଇଁ ତିନୋଟି ଗାଳି ଦେଲୁ, ସେ ତ ଗୋଟିଏ ହିଁ ଦେଇଥିଲା।

# ଧର୍ମାତ୍ମାଙ୍କ ଘରେ ବିଷ୍ଣୁ ଓ ଲକ୍ଷ୍ମୀ ବାସ କରନ୍ତି



ବିଭୁସେନ ଉଦାର ଏବଂ ପ୍ରଜାବତ୍ସଳ ରାଜା ଥିଲେ । ସେ ରାଜ୍ୟର ଶିଳ୍ପକାରଙ୍କ ଆର୍ଥିକ ଦୁର୍ଦ୍ଦଶା ଦେଖି ଏକ ବଜାର ପ୍ରତିଷ୍ଠା କଲେ । ସେ ଘୋଷଣା କରାଇଲେ ଯେ ସନ୍ଧ୍ୟା ପର୍ଯ୍ୟନ୍ତ ଯେଉଁ କଳାକୃତି ବିକ୍ରି ହେବନି, ସେ ନିଜେ ସେହି ମୂର୍ତ୍ତି ସବୁ କିଣିନେବେ । ଦିନେ ବଜାରରେ ସବୁ ମୂର୍ତ୍ତି ବିକ୍ରି ହୋଇଗଲା । କେବଳ ଗୋଟିଏ ମୂର୍ତ୍ତି ବାକି ରହିଲା । ସେଇଟି ଥିଲା ଅଲକ୍ଷ୍ମୀଙ୍କ ମୂର୍ତ୍ତି । ଶିଳ୍ପକାର ତା'କୁ ନେଇ ରାଜାଙ୍କ ପାଖରେ ପହଞ୍ଚିଲା । ମନ୍ତ୍ରୀ ରାଜାଙ୍କ ପାଖରେ ଥିଲେ । ସେ ରାଜାଙ୍କୁ ପରାମର୍ଶ ଦେଲେ ଯେ ଅଲକ୍ଷ୍ମୀ ମୂର୍ତ୍ତି କିଣିଲେ ରାଜ ଉଆସରୁ ଲକ୍ଷ୍ମୀ ଛାଡ଼ିଯିବାର ସମ୍ଭାବନା ରହିଛି । କିନ୍ତୁ ରାଜା ନିଜ ବଚନରେ ବାନ୍ଧି ହୋଇ ରହିଥିଲେ । ଏଣୁ ସେ ମୂର୍ତ୍ତିଟିକୁ କିଣି ନେଲେ । ସାରା ଦିନର କାର୍ଯ୍ୟରୁ ନିବୃତ ହୋଇ ରାଜା ଯେତେବେଳେ ଶୋଇବାକୁ ଗଲେ ସେ କାହାର କ୍ରନ୍ଦନ ଶୁଣିବାକୁ ପାଇଲେ । ରାଜା ଦେଖିଲେ, ବେଶ୍ ମୂଲ୍ୟବାନ ବସ୍ତ୍ର-ଆଭୂଷଣ ପରିହିତା ଜଣେ ସୁସଜ୍ଜିତ ସ୍ତ୍ରୀ କାନ୍ଦୁଛନ୍ତି । ରାଜା ଏହାର କାରଣ ପଚାରିବାରୁ ସେ କହିଲେ, ମୁଁ ଲକ୍ଷ୍ମୀ । ଆଜି ଆପଣ ଅଲକ୍ଷ୍ମୀଙ୍କ ମୂର୍ତ୍ତି ଆଣି ମୋର ଅପମାନ କରିଛନ୍ତି । ଆପଣ ସେହି ମୂର୍ତ୍ତିକୁ ବାହାରକୁ ବାହାର କରି ଦିଅନ୍ତୁ । ନଚେତ୍ ମୁଁ ଏହି ଉଆସ ଛାଡ଼ି ଚାଲିଯିବି । ରାଜା କହିଲେ, ମୁଁ ସେପରି କରିପାରିବି ନାହିଁ । କାରଣ ମୁଁ ବଚନରେ ବାନ୍ଧି ହୋଇ ରହିଛି । ଏହାପରେ ଦେବୀ ଲକ୍ଷ୍ମୀ ଚାଲିଗଲେ । ରାଜା ନିଜ ଶୟନ କକ୍ଷ ଆଡ଼କୁ ଯିବା ସମୟରେ ପଛରୁ କିଏ ଡାକିବା ଭଳି ଶୁଣାଗଲା । ରାଜା ପଛକୁ ବୁଲି ଚାହିଁବାରୁ ଭଗବାନ ବିଷ୍ଣୁ ଛିଡ଼ା ହୋଇଥିଲେ । ସେ କହିଲେ, ରାଜନ୍ ଆପଣ ମୋ ପତ୍ନୀଙ୍କ ଅପମାନ କରିଛନ୍ତି । ଏଣୁ ମୁଁ ମଧ୍ୟ ଉଆସ ଛାଡ଼ି ଚାଲିଯାଉଛି । ରାଜା ଭଗବାନ ବିଷ୍ଣୁଙ୍କ କଥା ମଧ୍ୟ ଶୁଣିଲେ ନାହିଁ । ସେ ନିଜ ଶୟନ କକ୍ଷ ଆଡ଼କୁ ଫେରିବାକୁ ବାହାରନ୍ତେ ଏକ ଉଜ୍ଜ୍ୱଳ ଆଲୋକ ଦେଖାଗଲା । ରାଜା କହିଲେ, ଆପଣ ବି ରାଜଭବନ ଛାଡ଼ି ଯିବାକୁ ଚାହୁଁଥିଲେ, ଯାଇପାରନ୍ତି । କିନ୍ତୁ ଏକ ଶବ୍ଦ ଶୁଣାଗଲା-ମୁଁ ଧର୍ମରାଜ, ମୁଁ କିପରି ଏହି ଉଆସ ଛାଡ଼ିଯିବି । ସେହି ରାତିରେ ରାଜା ଏକ ସ୍ୱପ୍ନ ଦେଖିଲେ, ଲକ୍ଷ୍ମୀ ଓ ନାରାୟଣ ରାଜାଙ୍କୁ କହୁଥିଲେ ଯେଉଁଠି ଧର୍ମ ରହିଛି, ସେହିଠାରେ ଆମ ଠିକଣା ଅଛି । ରାଜା ନିଜ ବଚନବଦ୍ଧତା ଏବଂ ପ୍ରଜାକଲ୍ୟାଣ ଧର୍ମ ପାଳନ କାରଣରୁ ଆମର ହୃଦୟ ଜିଣିପାରିଛନ୍ତି । ଆମେ ପୁଣି ଥରେ ରାଜନଅରକୁ ଫେରୁଛୁ ।

## ସ୍ୱାସ୍ଥ୍ୟ ପାଇଁ ହିତକର ନାଲି ଲଙ୍କା

ଅଧିକାଂଶ ଲୋକ ରାଗ ଖାଇବାକୁ ପସନ୍ଦ କରନ୍ତିନି। ସେଥିପାଇଁ ଡାଏଟରେ ଲଙ୍କା ବ୍ୟବହାର କରନ୍ତିନି। ବିଶେଷକରି ଲୋକେ ନାଲି ଲଙ୍କା ଠାରୁ ଦୁରେଇ ରହନ୍ତି।



ଏକ ଅଧ୍ୟୟନ ଅନୁଯାୟୀ, ନିୟମିତ ନାଲି ଲଙ୍କା ସେବନ କଲେ ଆୟୁଷ ବଢ଼ିଥାଏ ଏବଂ ଅକାଳ ମୃତ୍ୟୁ ଅଶଙ୍କା ମଧ୍ୟ କମିଯାଇଥାଏ। ଅଧ୍ୟୟନ ଅନୁଯାୟୀ, ଯେଉଁମାନେ ନାଲି ଲଙ୍କା ସେବନ କରନ୍ତି ସେମାନଙ୍କୁ ରୋଗ ହେବାର ସମ୍ଭାବନା ଏକ ଚତୁର୍ଥାଂଶ କମିଯାଇଥାଏ। ବୈଜ୍ଞାନିକମାନେ ନାଲି ଲଙ୍କାରେ ଥିବା ରାଗ ଅଂଶକୁ ଶରୀର ପାଇଁ ଲାଭଦାୟକ ବୋଲି କହିଛନ୍ତି। ବୈଜ୍ଞାନିକଙ୍କ ଅନୁଯାୟୀ, ନାଲି ଲଙ୍କା ଶର୍କରା ସ୍ତର ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ଏବଂ ଟ୍ୟୁମର ସହ ସୁଜନ କମ୍ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ନାଲି ଲଙ୍କାରେ ଭିଟାମିନ-ସି ରହିଛି ଯାହା ପ୍ରତିରୋଧକ କ୍ଷମତାକୁ ମଜବୁତ କରିଥାଏ। ନାଲି ଲଙ୍କାରେ ଆଣ୍ଟି ଅକ୍ସିଡେଣ୍ଟ ରହିଛି ଯାହା ସିରାପ୍ରଶିରାରେ ବ୍ଲଡ଼ ବ୍ଲକେଜକୁ ଦୂର କରିଥାଏ। କିନ୍ତୁ ନାଲି ଲଙ୍କା ଗୁଣ୍ଡ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ବିଶ୍ୱ ସ୍ତରରେ ପାଖାପାଖି ୫୭ ହଜାର ଲୋକଙ୍କ ସ୍ୱାସ୍ଥ୍ୟ ଓ ଆହାର ରେକର୍ଡ ଆଧାରରେ ଅଧ୍ୟୟନ କରାଯାଇଥିଲା। କିନ୍ତୁ ସୂଚନା ଆଧାରରେ ଅନ୍ୟ ଅଧ୍ୟୟନ ଭଳି ଏହାର ଅନ୍ଜ୍ଲେକ ପରିଣାମ ମିଳିଥିଲା। କାରଣ ଅଧିକ ବ୍ୟକ୍ତିଗତ ଅଧ୍ୟୟନ କରୁଥିବା ବୈଜ୍ଞାନିକଙ୍କୁ ଏହା ଜାଣିବା ଆବଶ୍ୟକ ଯେ କେଉଁ କିସମର ଲଙ୍କା ସୁରକ୍ଷା ପ୍ରଦାନ କରିଥାଏ ଏବଂ କେତେ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ବୈଜ୍ଞାନିକ କହିଛନ୍ତି ଯେ, ଖାଇବାରେ ତାଜା ଓ ଶୁଖିଲା ଲଙ୍କା କିମ୍ବା ଗୋଲମରିଚ ବ୍ୟବହାର କଲେ ଖାଇବାର ସ୍ୱାଦ ଦୁଇଗୁଣ ବଢ଼ିଯାଇଥାଏ। ତାଛଡା ଏହା ଖାଇବାରେ ଲୁଣର ମାତ୍ରା ମଧ୍ୟ ନିୟନ୍ତ୍ରଣ କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ଅତ୍ୟଧିକ ଲୁଣ ସେବନ ଉଚ୍ଚ ରକ୍ତଚାପ ଓ ହୃଦୟରୋଗର କାରଣ ହୋଇଥାଏ। କିନ୍ତୁ ବୈଜ୍ଞାନିକ ମିଶ୍ରିତ ମସଲା ଓ ବଜାରରେ ମିଳୁଥିବା ଚିଲି ସସ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛନ୍ତି। ବୈଜ୍ଞାନିକ କହିଛନ୍ତି ଯେ ଏଥିରେ ଅଧିକ ମାତ୍ରାରେ ସୋଡିୟମ ଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଅଧ୍ୟୟନର ପ୍ରମୁଖ ଲେଖକ କହିଛନ୍ତି ଯେ, ନିୟମିତ ନାଲି ଲଙ୍କା ସେବନ କ୍ୟାନସର ଓ ହୃଦୟରୋଗ ଭଳି ନାନା ରୋଗର ଆଶଙ୍କା କମ କରିପାରେ।

# ବିଷ୍ଣୁ ଭାଇ ଥିଲେ ନିଷ୍ଠା ଓ ଦିଗଦର୍ଶନର ପ୍ରତୀକ

ଭୁବନେଶ୍ୱର,୨୪।୯ (ମହାଭାରତ): ଧାମନଗରର ପୂର୍ବତନ ବିଧାୟକ, ଓଡ଼ିଶା ବିଧାନସଭାର ପୂର୍ବତନ ବିରୋଧୀ ଦଳର ଉପନେତା ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀ ଏବେ ଜଣେ ବିଚାର ଓ ଅନୁଷ୍ଠାନରେ ପରିଣତ ହୋଇସାରିଛନ୍ତି । ସେ ଥିଲେ ଜନସେବା, ନିଷ୍ଠା ଓ ଦଳୀୟ ସଂଗଠନକୁ ନୂତନ ଦିଗଦର୍ଶନ ଦେବାର ଏକ ସୁଦୃଢ଼ ଆଦର୍ଶ ଏବଂ ପ୍ରେରଣାର ମହାନ୍ ପ୍ରତୀକ । ଶନିବାର ତାଙ୍କର ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ଭଦ୍ରକ ଜିଲ୍ଲା ତିହିଡ଼ି ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଏହି ଅବସରରେ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ 'ବିଷ୍ଣୁ ସେଠୀ ସ୍ମୃତି ସଂସଦ' ଦ୍ୱାରା ପ୍ରକାଶିତ 'ବିଷ୍ଣୁ ବିଭବ' ଓ 'ଘାସଫୁଲ'ର ବିଶେଷ ପତ୍ରିକା ଏବଂ ସଂସ୍କରଣ ସହ 'ଘାସଫୁଲ' ନାମକ ଡିଜିଟାଲ୍ ୱେବସାଇଟ୍ ର ଲୋକାର୍ପଣ କରିଥିଲେ ।

ଏହି ସ୍ମରଣ ସଭାରେ ଶ୍ରୀ ପ୍ରଧାନ ନିଜର ପୁରୁଣା ସ୍ମୃତିରୋମନ୍ଥନ କରି କହିଛନ୍ତି ଯେ, ୨୦୦୦ ମସିହାରେ ସେ ଏବଂ ବିଷ୍ଣୁ ଭାଇ ଏକାସାଙ୍ଗରେ ବିଧାନସଭାକୁ



ନିର୍ବାଚିତ ହୋଇଥିଲେ । ବିଧାନସଭାରେ ଏକାଠି ବସିବା ଠାରୁ ଆରମ୍ଭ କରି ଏକା କମିଟିରେ କାର୍ଯ୍ୟ କରିବା ପର୍ଯ୍ୟନ୍ତ ତାଙ୍କ ସହ ଅନେକ ଅଭୁଲା ସ୍ମୃତି ରହିଛି । ଦଳର ପ୍ରାରମ୍ଭିକ ଦିନରେ ଯେତେବେଳେ ହାତଗଣତି କେତେଜଣ ନେତା ଥିଲେ, ସେତେବେଳେ ବିଷ୍ଣୁ ଭାଇ ଅତ୍ୟନ୍ତ ପରିଶ୍ରମୀ ଥିଲେ । ରାମ ଜନ୍ମଭୂମି ଆନ୍ଦୋଳନ ପରେ ଓଡ଼ିଶାରେ ଦଳର ଯେଉଁ ବ୍ୟାପକ ବିସ୍ତାର ଆରମ୍ଭ ହେଲା, ସେଥିରେ ବିଷ୍ଣୁ ଭାଇ ଆମ ଦଳର ମୁଖ୍ୟ ଚେହେରା ସାଜିଥିଲେ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ, ସମାଜର ଗରିବ ଓ ନିଷ୍ପେସିତ ଲୋକଙ୍କ ପାଇଁ ନିଜର ଭାବନା, ଆବେଗ ଓ ସର୍ବସ୍ୱ ଜଳାଞ୍ଜଳି ଦେଇଥିବା ଏକ ଅନୁଷ୍ଠାନର ନାଁ ହେଉଛି ବିଷ୍ଣୁ ସେଠୀ । ସେ ଜନସେବା, ରାଜନୈତିକ ମୂଲ୍ୟବୋଧ ଏବଂ ଜଣେ ପ୍ରତିଭାବାନ୍ ସାହିତ୍ୟିକ ଭାବେ ଏକ ଲମ୍ବା ରେଖା ଟାଣିଛନ୍ତି । ଭଦ୍ରକ ଜିଲ୍ଲାର କୌଣସି ସାମାଜିକ ସଂଗଠନ ହେଉ କି ଦାୟିତ୍ୱସମ୍ପନ୍ନ କାର୍ଯ୍ୟ, ସେ ସବୁଥିରେ ମାହିର ଥିଲେ । ସରକାର ଓ ବ୍ୟବସ୍ଥା ସାମ୍ନାରେ ସାଧାରଣ ଲୋକଙ୍କ ହକ୍ ପାଇଁ ସ୍ୱର ଉତ୍ତୋଳନ କରିବାରେ ସେ ଥିଲେ ଅତ୍ୟନ୍ତ ନିର୍ଭୀକ ନେତା । ତାଙ୍କର ଆବର୍ତ୍ତମାନରେ ତାଙ୍କର ଏହି ନୀତି, ବିଚାର ଓ ପ୍ରେରଣା ସବୁ କାର୍ଯ୍ୟକର୍ତ୍ତାଙ୍କ ପାଇଁ ସହାୟକ ହେବ । ପ୍ରକାଶିତ 'ଘାସଫୁଲ' ପତ୍ରିକା ଓ ଡିଜିଟାଲ୍ ସଂସ୍କରଣ ବିଷୟରେ ଆଲୋଚନା କରି କହିଛନ୍ତି ଯେ, ଓଡ଼ିଶାର ଗରିବ, ବଂଚିତ ଓ ନିଷ୍ପେସିତ ଲୋକଙ୍କ ଅଭିବ୍ୟକ୍ତି ପ୍ରକାଶର ମୁଖ୍ୟ ମଂଚ ହେଉଛି 'ଘାସଫୁଲ' । ଏହା ନିୟମିତ ସାହିତ୍ୟ ଓ ପ୍ରବନ୍ଧ ଆକାରରେ ବାହାରିଲେ ତାହା ହିଁ ବିଷ୍ଣୁ ଭାଇଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ । ଏହାସହ ସ୍ୱର୍ଗତ ବିଷ୍ଣୁ ଭାଇଙ୍କ ସଂସ୍କାର ଓ ଆଦର୍ଶରେ ଆଜି ତାଙ୍କ ପୁଅ ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଆଗକୁ ବଢୁଛନ୍ତି । ସ୍ୱର୍ଗତ ବିଷ୍ଣୁ ଭାଇଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ସେତେବେଳେ ହେବ, ଯେତେବେଳେ ଆମେ ସମସ୍ତେ ସମାଜ ପ୍ରତି ନିଜର ଦାୟିତ୍ୱ ବୁଝି ବିଦ୍ୟାଳୟ ଓ ଅଙ୍ଗନବାଡ଼ିରେ ପଢୁଥିବା ପିଲାମାନଙ୍କର ପୋଷଣ ଏବଂ ଯତ୍ନର ଦାୟିତ୍ୱ ନେବା ସହ ପ୍ଲାଷ୍ଟିକ୍-ମୁକ୍ତ ଓ ସ୍ୱଚ୍ଛ ପରିବେଶ ଗଢ଼ିତୋଳିବା ।

# ପଣ୍ୟ ଅନ୍‌ଲୋଡିଂରେ ପୂର୍ବତଟ ରେଳପଥ ଦେଶର ପ୍ରଥମ

ଭୁବନେଶ୍ୱର,୨୪।୯ (ମହାଭାରତ): ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ରେ ମାଲ୍‌ବାହୀ ଟ୍ରେନ୍ ରୁ ପଣ୍ୟ ଖଲାସ ବା ଅନ୍ ଲୋଡିଂ କ୍ଷେତ୍ରରେ ୧୦୦ ମେଟ୍ରିକ୍ ଟନର ସୀମା ଅତିକ୍ରମ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛି । ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୧୭ ଦିନ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରି ପୂର୍ବ ତଟ ରେଳପଥ ଦେଶର ପ୍ରଥମ ରେଳ ଜୋନ୍ ରେ ପରିଣତ ହୋଇଛି । ଏହି ସମୟ ମଧ୍ୟରେ, ୨୦୨୫-୨୬ ଆର୍ଥିକ ବର୍ଷର ସମାନ ସମୟ ତୁଳନାରେ ପୂର୍ବତଟ ରେଳପଥ ପଣ୍ୟ ରିଲିଜ୍ ଟନେଜ୍ ରେ ୯.୮% ଅଭିବୃଦ୍ଧି ରେକର୍ଡ କରିଛି । ବିଶେଷକରି ବିଓଏକ୍ସଏନ୍ ଏବଂ ବିଓବିଆରଏନ୍ ୱାଗନ୍ ଗୁଡ଼ିକର ଉନ୍ନତ ହ୍ୟାଣ୍ଡଲିଂ ଓ ଶୀଘ୍ର ରିଲିଜ୍ ଦ୍ୱାରା ଏହି ବୃଦ୍ଧି ସମ୍ଭବ ହୋଇପାରିଛି । ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ବିଓଏକ୍ସଏନ୍ ୱାଗନ୍ ଗୁଡ଼ିକର ରିଲିଜ୍ ୭.୩% ବୃଦ୍ଧି ପାଇଥିବା ବେଳେ ବିଓବିଆରଏନ୍ ୱାଗନ୍ ରିଲିଜ୍ ରେ ୯.୮% ବୃଦ୍ଧି ପଞ୍ଜୀକୃତ ହୋଇଛି । ୱାଗନ୍ ରିଲିଜ୍ ରେ ଏହି ସୁଧାର, ଉନ୍ନତ ଟର୍ନଅରାଉଣ୍ଡ ଏବଂ ମାଲ୍ ପରିବହନ ପରିଚାଳନାରେ ବର୍ଦ୍ଧିତ ଦକ୍ଷତାକୁ ଦର୍ଶାଉଛି । ପୂର୍ବତଟ ରେଳପଥ ପଣ୍ୟ ଲୋଡିଂ କ୍ଷେତ୍ରରେ ୩.୯% ବୃଦ୍ଧି ପଞ୍ଜୀକୃତ କରିଥିବା ବେଳେ ଏହି



ସମାନ ଅବଧି ମଧ୍ୟରେ ପଣ୍ୟ ପରିବହନରୁ ରାଜସ୍ୱ ଆଦାୟରେ ୩.୨% ଅଭିବୃଦ୍ଧି ରେକର୍ଡ କରିଛି । ଏହି ପ୍ରଗତି ପଣ୍ୟ ପରିବହନ କ୍ଷମତା ବୃଦ୍ଧି ଏବଂ ଉପଲବ୍ଧ ରେଳ ସମ୍ପତ୍ତିର ସର୍ବୋତ୍ତମ ବ୍ୟବହାର ଉପରେ ଜୋନର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରୁଛି । ପୂର୍ବତଟ ରେଳପଥ ମାଧ୍ୟମରେ ପଣ୍ୟ ପରିବହନ ବିଭିନ୍ନ ପ୍ରମୁଖ ଶିଳ୍ପ ଓ ବ୍ୟବସାୟିକ କ୍ଷେତ୍ରର ଲଜିଷ୍ଟିକ୍ସ ଆବଶ୍ୟକତା ପୂରଣ କରୁଛି । ଅତ୍ୟାବଶ୍ୟକ ସାମଗ୍ରୀ ଓ କଂଚାମାଲର ପରିବହନକୁ ସୁଗମ କରିବା ସହିତ, ଉନ୍ନତ ପଣ୍ୟ ଅନ୍ ଲୋଡିଂ ଏବଂ ୱାଗନ୍ ରିଲିଜ୍ ପ୍ରଦର୍ଶନ ଅଧିକ ଦ୍ରୁତ, ସୁଗମ ଓ ବ୍ୟୟସାପେକ୍ଷ ପଣ୍ୟ ପରିବହନକୁ ଆହୁରି ସୁଦୃଢ଼ କରିବ ଏବଂ ଲଜିଷ୍ଟିକ୍ସ ବ୍ୟବସ୍ଥାରେ ରେଳପଥର ଭୂମିକାକୁ ଅଧିକ ମଜବୁତ କରିବ ।

# ମହିଳା କଂଗ୍ରେସର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୪।୯ (ମହାଭାରତ): ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରର ବାଜପେୟୀ ନଗରସ୍ଥିତ



ଯାତ୍ରା ପଡ଼ିଆରେ ଅଖିଳ ଭାରତ ମହିଳା କଂଗ୍ରେସର ୪୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏହି ଅବସରରେ ମିନାକ୍ଷୀ ବାହିନୀପତି କହିଥିଲେ ଯେ, ୧୯୪୦ ମସିହାରେ ସ୍ୱାଧୀନତା ସଂଗ୍ରାମୀ ସୁଚେତା କୃପଲାନୀ ଭାରତୀୟ ଜାତୀୟ କଂଗ୍ରେସର ମହିଳା ଶାଖା ପ୍ରତିଷ୍ଠା କରିଥିଲେ । ୧୯୫୨ରୁ ୧୯୮୩ ପର୍ଯ୍ୟନ୍ତ ଏହା ଦଳର ମହିଳା ସେଲ୍ ଭାବେ କାର୍ଯ୍ୟ କରିଥିଲା । ୧୯୮୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ମହିଳା କଂଗ୍ରେସର ପୁନର୍ଗଠନ କରି ବେଙ୍ଗାଲୁରୁରେ ଆୟୋଜିତ ଜାତୀୟ ସମ୍ମିଳନୀରେ ଏହାକୁ 'ଅଖିଳ ଭାରତ ମହିଳା କଂଗ୍ରେସ' ଭାବେ ରୂପାୟିତ କରିଥିଲେ । ୧୯୮୪ରୁ ୧୯୮୮ ପର୍ଯ୍ୟନ୍ତ ବେଗମ ଅବିଦା ଅହମ୍ମଦ ପ୍ରଥମ ଜାତୀୟ ସଭାନେତ୍ରୀ ଏବଂ ଜୟନ୍ତୀ ପଟ୍ଟନାୟକ ଦ୍ୱିତୀୟ ସଭାନେତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ ।

ବର୍ତ୍ତମାନ ଅଖିଳ ଭାରତ ମହିଳା କଂଗ୍ରେସ ଜାତୀୟ ସଭାନେତ୍ରୀ ଅଲକା ଲାମ୍ବାଙ୍କ ନେତୃତ୍ୱରେ ସକ୍ରିୟ ଭାବେ କାର୍ଯ୍ୟ କରୁଛି ବୋଲି ବାହିନୀପତି କହିଥିଲେ । ମହିଳା ଅଧିକାର, ନ୍ୟାୟ ଓ ନିଯୁକ୍ତି ପାଇଁ ଲାମ୍ବାଙ୍କ ନେତୃତ୍ୱରେ ଲଢ଼େଇ ଜାରି ରହିଛି ବୋଲି ସେ ଉଲ୍ଲେଖ କରିଥିଲେ । ଓଡ଼ିଶାରେ ମହିଳାଙ୍କ ବିରୋଧରେ ଦୁଷ୍କର୍ମ ଓ ନିର୍ଯାତନା ବିରୋଧରେ ମହିଳା କଂଗ୍ରେସ ଆନ୍ଦୋଳନ ଜାରି ରଖିଛି ବୋଲି ସେ କହିଥିଲେ । ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ସଂଗ୍ରାମକୁ ଆଗେଇ ନେବା ପାଇଁ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରୁଛନ୍ତି ବୋଲି ସେ କହିଥିଲେ । ଏହି ଅବସରରେ ଜୟଶ୍ରୀ ପଟ୍ଟନାୟକ, ପ୍ରଣତୀ ମିଶ୍ର, ପ୍ରତିମା ମଲ୍ଲିକ, ବିଶ୍ୱକଲ୍ୟାଣୀ କର, ଜୟସ୍ମିତା ମହାନ୍ତି, ଶ୍ରୀୟା ମହାନ୍ତି, ଲଳିତା ନାୟକ, ପ୍ରମିଳା ସାହୁ, ଉର୍ବଶୀ ମିଶ୍ର ଉପସ୍ଥିତ ଥିଲେ ।

# ଫ୍ୟାକଲ୍ଟି ଅଫ୍ ନର୍ସିଂ ଏବଂ ଫାର୍ମାସୀ ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୪।୯ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ (ଏସ୍ଏନ୍‌ସି)କ୍ୟାମ୍ପସ-୧ ଓ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (ଏସ୍‌ପିଏସ୍) କ୍ୟାମ୍ପସ-୧ରୁ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି । ସୋଆ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ କ୍ୟାମ୍ପସ-୧ର ୨୦୨୨-୨୬ ବ୍ୟାଚର ବି ଫାର୍ମା, ୨୦୨୪-୨୬ ବ୍ୟାଚ୍‌ର ଏମ୍.ଫାର୍ମା, ୨୦୨୧-୨୬ ବ୍ୟାଚ୍‌ର ଇନ୍‌ଟିଗ୍ରେଟେଡ ଏମ୍‌ଏସ୍‌ସି ବାୟୋଟେକ୍ନୋଲଜି, ୨୦୨୪-୨୬ ବ୍ୟାଚ୍‌ର ଏମ୍‌ଏସ୍‌ସି ବାୟୋଟେକ୍ନୋଲିର ଛାତ୍ରଛାତ୍ରୀ ଓ ସମ୍ ନର୍ସିଂ କଲେଜ କ୍ୟାମ୍ପସ୍-୧ର ୨୦୨୩-୨୦୨୫ ବ୍ୟାଚର ଏମ୍‌ଏସ୍‌ସି ନର୍ସିଂ, ୨୦୨୧-୨୫ ବ୍ୟାଚର ବିଏସ୍‌ସି (ନର୍ସିଂ),



୨୦୨୩-୨୫ ବ୍ୟାଚର ପୋଷ୍ଟ ବେସିକ୍ ବିଏସ୍‌ସି ନର୍ସିଂ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀମାନେ ଗ୍ରାଜୁଏସନ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଠାରୁ ଡିଗ୍ରୀ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ନନ୍ଦ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇବା ସହ ବିଶ୍ୱବିଦ୍ୟାଳୟରୁ ଗ୍ରହଣ କରିଥିବା ଶିକ୍ଷା ଯୋଗୁଁ ସେମାନେ ସ୍ୱାସ୍ଥ୍ୟ ବିଜ୍ଞାନ ସହ ଯୋଡ଼ି ହୋଇପାରିଥିବା କହିଥିଲେ । କୋଭିଡ ମହାମାରୀ ସମୟରେ ନର୍ସ, ଫାର୍ମାସିଷ୍ଟ ଓ ପାରାମେଡିକ୍ସଙ୍କର ମହତ୍ କାର୍ଯ୍ୟ ସାରା ବିଶ୍ୱ ଦେଖିଛି । ସେମାନଙ୍କ ଯୋଗୁଁ ହିଁ କୋଟି କୋଟି ଲୋକଙ୍କର ଜୀବନ ରକ୍ଷା ହୋଇପାରିଛି ବୋଲି କୁଳପତି କହିବା ସହ ଏହି ପାଠ୍ୟକ୍ରମରେ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ସମାଜର ହିତ ନିମନ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଉପ-କୁଳପତି ପ୍ରଫେସର ନୀତା ମହାନ୍ତି ଓ ପ୍ରଫେସର ଅନୁପ କୁମାର ସାମନ୍ତରାୟ,ଏସ୍‌ପିଏସ୍-୧ର ଡିନ୍ ପ୍ରଫେସର ଦେବଜ୍ୟୋତି ଦାସ,ଏସ୍‌ଏନ୍‌ସି -୧ର ଡିନ୍ ପ୍ରଫେସର ସସ୍ମିତା ଦାସ, ସେଂଟର ଅଫ୍ ବାୟୋଟେକ୍ନୋଲୋଜିର ମୁଖ୍ୟ ପ୍ରଫେସର ସଂଘମିତ୍ରା ନାୟକ, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଏସ୍ଏନ୍‌ସିର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତି ତ୍ରିପାଠୀ, ଏସ୍‌ପିଏସ୍-୧ ଓ ଏସ୍ଏନ୍‌ସି-୧ର ବିଭିନ୍ନ ବିଭାଗର ମୁଖ୍ୟ, ପ୍ରଫେସର ତଥା ଏକାଡେମିକ୍ କାଉନ୍‌ସିଲର ସଦସ୍ୟ ଓ ଫ୍ୟାକଲ୍ଟି ମେମ୍ବରମାନେ ଉପସ୍ଥିତ ଥିଲେ । ସେଂଟର ଅଫ୍ ବାୟୋଟେକ୍ନୋଲୋଜିର ମୁଖ୍ୟ ପ୍ରଫେସର ସଂଘମିତ୍ରା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ତ୍ରିଲୋଚନ କାନୁନଗେ ସ୍ମାରକୀ ବ୍ୟକ୍ତୃତା

ଭୁବନେଶ୍ୱର,୨୪।୯ (ମହାଭାରତ): କଟକ ମୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ ପୂର୍ବତନ ସାଂସଦ ଓ ବିଧାୟକ ଜନନେତା ତ୍ରିଲୋଚନ କାନୁନଗୋଙ୍କ ୮୬ ତମ ଜନ୍ମ ଜୟନ୍ତୀ ଅବସରରେ ତ୍ରିଲୋଚନ କାନୁନଗୋ ସ୍ମୃତି କମିଟି ପକ୍ଷରୁ ଦ୍ୱିତୀୟ ତ୍ରିଲୋଚନ କାନୁନଗୋ ସ୍ମାରକୀ ବ୍ୟକ୍ତୃତା ଭୁବନେଶ୍ୱରର ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ରବି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବ୍ୟକ୍ତୃତା ମାଳାର 'ଭାରତୀୟ ଗଣତନ୍ତ୍ର ସଂମ୍ମୁଖରେ ଆହ୍ୱାନ' ଶୀର୍ଷକ ବିଷୟ ବସ୍ତୁ ଉପରେ ରାଜ୍ୟ ସଭା ସାଂସଦ ପ୍ରଫେସର ମନୋଜ କୁମାର ଝା ବ୍ୟକ୍ତବ ଉପସ୍ଥାପନ କରିଥିଲେ । ଆମ ସମ୍ବିଧାନ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ନାଗରିକ ମାନଙ୍କୁ ସମାନତା ସ୍ୱାଧୀନତା ଓ ନ୍ୟାୟ ର ଅଧିକାର ଦେଇଛି । ଗଣତନ୍ତ୍ର ବ୍ୟବସ୍ଥା ଅଧିକ ସୁଦୃଢ ଓ କ୍ରିୟାଶିଳ ହେଲେ ଭାରତ ବର୍ଷର ଜନଗଣଙ୍କ ମଧ୍ୟରେ ସାମାଜିକ ସମାନତା ପ୍ରତିଷ୍ଠା କରାଯାଇପାରିବ । ସମ୍ମାନିତ ଅତିଥି ଭାବରେ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଏବଂ ପୋଲିସ ମହାନିର୍ଦ୍ଦେଶକ ଅମୀୟ ଭୂଷଣ ତ୍ରିପାଠୀ ପ୍ରମୁଖ ବ୍ୟକ୍ତବ ରଖି ଗଣତନ୍ତ୍ର କେବଳ ଏକ ସରକାର ଗଠନ ପ୍ରଣାଳୀ ନୁହେଁ ବରଂ ଆମ ସମଗ୍ର ବ୍ୟବସ୍ଥାର ଏକ ମୁଖ୍ୟ ଅଂଶ ଆମେ ଯେତବେଳେ ସଚେତନ ନିରପକ୍ଷ ଏବଂ ନିଜ ଅଧିକାର ଓ କର୍ତବ୍ୟ ପ୍ରତି ଜାଗ୍ରତ ହେବା ସେତବେଳେ ହିଁ ଗଣତନ୍ତ୍ରର ପ୍ରକୃତ ଅର୍ଥ ସଫଳ ହୋଇପାରିବ । ଶ୍ରେଷ୍ଠ ଜନଦରଦୀ ବିଧାୟକ ଭାବରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଶ୍ରେଷ୍ଠ ସମାଜସେବୀ ଭାବରେ ଶୋଭନୀୟ ଆନ୍ଦୋଳନର ନେତ୍ରୀ ଅରୁନ୍ଧତୀ ଦେବୀଙ୍କୁ ଜନନେତା ତ୍ରିଲୋଚନ କାନୁନଗୋ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯାଇ ଥିଲା ।

# ପୂର୍ବତନ କର୍ପୋରେଟରଙ୍କ ସହ ଅନେକ ନେତୃବୃନ୍ଦ କଂଗ୍ରେସରେ ସାମିଲ

ଭୁବନେଶ୍ୱର,୨୪।୯ (ମହାଭାରତ): କଂଗ୍ରେସ ଭବନଠାରେ ବୁଧବାର ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ ଏଆଇସିସି ଓଡିଶା ପ୍ରଭାରୀ ଲାଲଜୀ ଦେଶାଇଙ୍କ ଉପସ୍ଥିତିରେ କଟକର ଅନେକ ନେତୃବୃନ୍ଦ ଏକ ମିଶ୍ରଣ ସମାରୋହରେ କଂଗ୍ରେସ ଦଳରେ ଯୋଗଦାନ କରିଥିଲେ । ଯୁବ କଂଗ୍ରେସ ନେତା ହରିଶଙ୍କର ରାଉତଙ୍କ ନେତୃତ୍ୱରେ କଟକ ମହାନଗର ନିଗମର ପୂର୍ବତନ କର୍ପୋରେଟର ରମଜାନ ଖାଁ ଓ ତାଙ୍କ ସହ ଶହ ଶହ ସମର୍ଥକ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନିତୀ ଆଦର୍ଶରେ ଅନୁପ୍ରାଣିତ ହୋଇ ଏବଂ କ୍ରାନ୍ତିକାରୀ ନେତା ତଥା ଓପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି କଂଗ୍ରେସରେ ଯୋଗଦାନ କରିଛନ୍ତି । ଏହି ଅବସରରେ ପ୍ରଭାରୀ ଶ୍ରୀ ଦେଶାଇ ଉପସ୍ଥିତ କର୍ମୀ ତଥା ଗଣମାଧ୍ୟମକୁ କହିଛନ୍ତି ଯେ, କଂଗ୍ରେସ ଶକ୍ତିଶାଳୀ




ହେଉଛି, ଆଜିର କାର୍ଯ୍ୟକ୍ରମ ତାହାର ଏକ ଉଦାହରଣ । ଡବଲ ଇଞ୍ଜିନ ସରକାରଙ୍କ ଶାସନରେ ଲୋକେ ଅତିଷ୍ଠ ହୋଇ ସାରିଲେଣି । ରାହୁଲ ଗାନ୍ଧୀଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଯୋଗୁଁ ଆଜି ଦେଶର ପ୍ରତ୍ୟେକ ଲୋକ ତାଙ୍କ ନେତୃତ୍ୱ ଚାହୁଁଛନ୍ତି । ଯାହାଙ୍କ ନୀତି ଆଦର୍ଶ ଦେଶ ଓ ଜନତାଙ୍କ ସ୍ୱାର୍ଥ ପାଇଁ ସମର୍ପିତ ସେମାନେ କଂଗ୍ରେସରେ ଯୋଗ ଦେଉଛନ୍ତି ଏବଂ ଆଗକୁ ଅଧିକରୁ ଅଧିକ ନେତୃବୃନ୍ଦ କଂଗ୍ରେସ ଦଳରେ ସାମିଲ ହେବେ ବୋଲି ପ୍ରକାଶ କରିଥିଲେ । ପୂର୍ବତନ କର୍ପୋରେଟର ଶ୍ରୀ ଖାନ କହିଥିଲେ ଯେ, ରାହୁଲ ଗାନ୍ଧୀଙ୍କ ଜନତାଙ୍କ ପାଇଁ ସଂଗ୍ରାମ ଓ ଲୋକପ୍ରିୟତା ତଥା ସଭାପତି ଶ୍ରୀ ଦାସଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ କଂଗ୍ରେସ ଦଳକୁ ମୁଁ ଫେରି ଆସିଛି । ଛାତ୍ର ଓ ଯୁବକ ଦିନରୁ ମୁଁ କଂଗ୍ରେସ ସାଥିରେ ଥିଲି କିନ୍ତୁ ପୁଣି ମୁଁ ବାହୁଡ଼ି ଆସିଛି । କଂଗ୍ରେସ ନେତୃବର୍ଗ ଯାହା ଦାୟିତ୍ୱ ଓ କାର୍ଯ୍ୟ ଅର୍ପଣ କରିବେ ତାହା ମୁଁ ନିଷ୍ଠାପର ଭାବେ କରିବି ବୋଲି କହିବା ସହ ସାଥୀଗଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମିଶ୍ରଣ ପର୍ବରେ ପୂର୍ବତନ ବିଧାୟକ ତଥା ଓପିସିସି ଉପସଭାପତି ଡ଼ ଦେବାଶିଷ ପଟ୍ଟନାୟକ, କୋଷାଧ୍ୟକ୍ଷ ସିଦ୍ଧାର୍ଥ ଦାଶ, କଟକ ଜିଲ୍ଲା ଗ୍ରାମୀଣ କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସ, ଭୁବନେଶ୍ୱର ଜିଲ୍ଲା ସଭାପତି ପ୍ରକାଶ ଜେନା ଉପସ୍ଥିତ ଥିଲେ ।

# ଓଡିଶାରେ ବୃଦ୍ଧିଶୀଳ କର୍କଟ ଭାର ଆରମ୍ଭିକ ଚିହ୍ନଟ

ଭୁବନେଶ୍ୱର,୨୪।୯ (ମହାଭାରତ): ଓଡିଶାରେ କର୍କଟ ରୋଗରେ ବୃଦ୍ଧି ପରିଲିଖିତ ହୋଇଛି, ଯାହାଫଳରେ ବଢୁଥିବା ଘଟଣା ଏବଂ ଡେରିରେ ଚିହ୍ନଟ କାରଣରୁ ପରିବାର ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଚାପ ବଢିଚାଲିଛି । ମୁଖ, ସ୍ତନ, ଗର୍ଭାଶୟ ଗ୍ରୀବା, ଜଠରାନ୍ତ୍ର (ଜିଆଇ) କର୍କଟ ଏବଂ ଫୁସଫୁସ କର୍କଟ ପ୍ରମୁଖ ବିପଦ ଭାବେ ଉଭା ହୋଇଛି, ଯାହାପାଇଁ ସମୟୋପଯୁକ୍ତ ଯାଞ୍ଚ, ପ୍ରାରମ୍ଭିକ ଚିହ୍ନଟ ଏବଂ ନିରବିଚ୍ଛିନ୍ନ, ପ୍ରମାଣାଧାରିତ ଚିକିତ୍ସାର ଆବଶ୍ୟକତା ବଢି ଚାଲିଛି । ଓଡିଶା ସରକାର ଦୀର୍ଘ ସମୟ ଧରି ସାର୍ବଜନୀନ ସ୍ୱାସ୍ଥ୍ୟ ସେବାକୁ ପ୍ରାଥମିକତା ଦେଇଆସୁଛନ୍ତି । ଡାକ୍ତରଖାନା ଭିତ୍ତିକ ଚିକିତ୍ସା ସେବାର ସମ୍ପ୍ରସାରଣ ଏବଂ ଅସହାୟ ପରିବାରଗୁଡ଼ିକୁ ସ୍ୱାସ୍ଥ୍ୟଗତ ବ୍ୟୟଭାରରୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ କର୍କଟ ପରି ପ୍ରମୁଖ ଚିକିତ୍ସା ସେବାଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଯୋଜନାରେ ଅନ୍ତର୍ଭୁକ୍ତ ଥିବା ପରିବାରମାନେ ପ୍ରତିବର୍ଷ ୫ ଲକ୍ଷ ପର୍ଯ୍ୟନ୍ତ ବୀମା ପାଆନ୍ତି, ଏବଂ ମହିଳା ଲାଭାର୍ଥୀମାନଙ୍କ ପାଇଁ ପ୍ରାରମ୍ଭିକ ସୀମା ଶେଷ ହେବା ପରେ ଅତିରିକ୍ତ ୫ ଲକ୍ଷର ବ୍ୟବସ୍ଥା ରହିଛି । ପ୍ରଥମେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ପ୍ୟାକେଜ୍ ସହିତ ସମନ୍ୱିତ ଥିବା ଏହି ବ୍ୟବସ୍ଥାକୁ, ଓଡିଶା ସମ୍ପ୍ରତି ରାଜ୍ୟ-ନିର୍ଦ୍ଦିଷ୍ଟ କର୍କଟ ପ୍ୟାକେଜ ପ୍ରବର୍ତ୍ତନ କରିଛି ଯେଉଁଥିରେ ଅନେକ ଅଭିନବ ଚିକିତ୍ସା ପଦ୍ଧତିକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହା ଦ୍ୱାରା ଓଡିଶା ରାଜ୍ୟ ସରକାରୀ ବୀମା ଯୋଜନା ଅଧୀନରେ ଏହିପରି ପଦକ୍ଷେପ ନେଇଥିବା ଭାରତର ପ୍ରଥମ ରାଜ୍ୟ ହୋଇଛି ।

# ସୋଆ ଏନ୍‌ଏସ୍‌ଏସ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ଭୁବନେଶ୍ୱର,୨୪।୯ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ବ୍ୟୁରୋ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ଓ ସମ୍ ଲାଇଫସାଇସେନ୍ସ ପକ୍ଷରୁ ବୁଧବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଉପକଣ୍ଠ ଗୋଠପାଟଣାସ୍ଥିତ ସମ୍ ଲାଇଫସାଇସେନ୍ସ ପରିସରରେ ଏହି ଶିବିର ଆୟୋଜିତ ହୋଇଥିଲା । ସକାଳ ୧୦ଟା ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଶିବିରରେ ସମ୍ ଲାଇଫସାଇନ୍ସରେ କାର୍ଯ୍ୟରତ ଶତାଧିକ ନିର୍ମାଣ ଶ୍ରମିକ ଓ କର୍ମଚାରୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଡାକ୍ତରୀ ଟିମ୍ ଶ୍ରମିକମାନଙ୍କର ରକ୍ତଚାପ, ମଧୁମେହ, ଚକ୍ଷୁ, ଚର୍ମ, ଦନ୍ତ ସହ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବିତରଣ କରିଥିଲେ । କାର୍ଯ୍ୟକ୍ରମକୁ ସୋଆ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ୍‌ର କୋଅର୍ଡିନେଟର ଡକ୍ଟର କମଳ ଲୋଚନ ମହାନ୍ତ, ସମ୍ ଲାଇଫସାଇନ୍ସର ଚିଫ୍ କୋଅର୍ଡିନେଟର ନରୋତମ ଦାସ, ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଫିସର ଡାକ୍ତର ଶିଶିର କୁମାର ଏବଂ ଏନ୍‌ଏସ୍‌ଏସ୍ ଅଫିସିଆଲ୍ ରାଜଶେଖର ବେହେରା ପରିଚାଳନା କରିଥିଲେ ।

# ଡାଇଗ୍‌ନୋଷ୍ଟିକ୍ ସେବାର ସମ୍ପ୍ରସାରଣ ପାଇଁ ନ୍ୟୁବର୍ଗ ଏବଂ ପ୍ରୋଲାଇଫ ମଧ୍ୟରେ ବୁଝାମଣା

ଭୁବନେଶ୍ୱର,୨୪।୯ (ମହାଭାରତ): ଭାରତର ଅଗ୍ରଣୀ ସମନ୍ୱିତ ଡାଇଗ୍‌ନୋଷ୍ଟିକ୍ ନେଟୱାର୍କ ମଧ୍ୟରୁ ଅନ୍ୟତମ ନ୍ୟୁବର୍ଗ ଡାଇଗ୍‌ନୋଷ୍ଟିକ୍ସ, ସମଗ୍ର ଓଡ଼ିଶାରେ ଉଚ୍ଚମାନର, ସୁଲଭ ତଥା ଉନ୍ନତମାନର ଡାଇଗ୍‌ନୋଷ୍ଟିକ୍‌ସେବାଉପ ଲବ୍ଧକରାଇବା ପାଇଁ ଭୁବନେଶ୍ୱରସ୍ଥିତ ପ୍ରୋଲାଇ ଫ୍ଡାଇଗ୍‌ନୋଷ୍ଟିକ୍ସ ସହିତ ଏକରଣ ନୈତିକ ମିଳିତ ଉଦ୍‌ଯୋଗ (ଜଏଣ୍ଟଭେଞ୍ଚର) ସ୍ଥାପନ କରିଛି ।

ଏହି ନୂତନ ଉଦ୍‌ଯୋଗ 'ନିଉବର୍ଗ ପ୍ରୋଲାଇଫ୍', ନିଉବର୍ଗର ସମଗ୍ର ଭାରତୀୟ ବ୍ୟାପ୍ତି, ଉନ୍ନତ ରୋଗ ନିର୍ଣ୍ଣୟ (ଡାଇଗ୍‌ନୋଷ୍ଟିକ୍) କ୍ଷମତା, ଉଚ୍ଚସ୍ତରୀୟ ଜ୍ଞାନକୌଶଳ, ଏଆଇ-ଆଧାରିତ ଆଇଟି ପ୍ଲାଟଫର୍ମ ଏବଂ ଗୁଣବତ୍ତା ବ୍ୟବସ୍ଥାକୁ ପ୍ରୋଲାଇଫ୍ର ସୁନାମ, ସ୍ଥାନୀୟ ଉପସ୍ଥିତି ତଥା ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ର ବିଷୟରେ ଥିବା ଗଭୀର ବୁଝାମଣା ସହିତ ଏକତ୍ରିତ କରିବ । ନିଉବର୍ଗ ପ୍ରୋଲାଇଫ ସାଧାରଣ ତଥା ବିଶେଷଜ୍ଞ ପାଥୋଲୋଜି, ରେଡିଓଲୋଜି, ପ୍ରତିଷେଧକ ସୁସ୍ଥତା




ଏବଂ ଉନ୍ନତ ଡାଇଗ୍‌ନୋଷ୍ଟିକ୍ସ—ଯେପରିକି ଜେନୋମିକ୍ସ, ମେଟାବୋଲୋମିକ୍ସ, ପ୍ରୋଟିଓମିକ୍ସ, ଡିଜିଟାଲ ପାଥୋଲୋଜି ଓ ଏଆଇ-ଚାଳିତ ଉନ୍ନତରେ ଡିଓଲୋଜି ସମେତ ଏକ ବ୍ୟାପକ ସେବା ପରିସର ପ୍ରଦାନ କରିବ ।

ନ୍ୟୁବର୍ଗ ଡାଏଗ୍‌ନୋଷ୍ଟିକ୍ସର ଅଧ୍ୟକ୍ଷତ ଥାପରିଚାଳନା ନିର୍ଦ୍ଦେଶକ ଡକ୍ଟରଜି.ଏସ୍.କେ. ଭେଲୁ କହିଛନ୍ତି, 'ନିଉବର୍ଗର ସମଗ୍ର ଭାରତୀୟ ସମ୍ପ୍ରସାରଣ ଯାତ୍ରାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ବଜାର, ଯେଉଁଠାରେ ପ୍ରମୁଖ ସହରାଞ୍ଚଳ ବାହାରେ ମଧ୍ୟ ଗୁଣାତ୍ମକ ତଥା ଉନ୍ନତ ରୋଗ ନିର୍ଣ୍ଣୟ (ଡାଏଗ୍‌ନୋଷ୍ଟିକ୍ସ) ସେବାର ଉପଲବ୍ଧତାକୁ ବୃଦ୍ଧି କରିବାର ଯଥେଷ୍ଟ ସମ୍ଭାବନା ରହିଛି । ଏହାର ସମ୍ପ୍ରସାରଣ ରଣନୀତିର ଏକଅଂଶଭାବରେ, ନ୍ୟୁବର୍ଗପ୍ରୋଲାଇଫ୍ଭୁ ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ପୁରୀ, ବାଲେଶ୍ୱର, ଭଦ୍ରକ, ବାରିପଦା ଏବଂ ଝାରସୁଗୁଡ଼ାରେ ୧୦ଟି ସମନ୍ୱିତ ରୋଗ ନିର୍ଣ୍ଣୟ ତଥା ୱେଲନେ ସ୍କନ୍ଦ୍ର ପ୍ରତିଷ୍ଠା କରିବାକୁ ଯୋଜନା କରିଛି । ଆଗାମୀ ଦୁଇବର୍ଷ ମଧ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ୧୦ ୦ରୁ ଅଧିକ ସାଟେଲାଇଟ ଲାବୋରେଟୋରୀ ଏବଂ ନମୁନା ସଂଗ୍ରହ କେନ୍ଦ୍ର ଦ୍ୱାରା ଏହି କେନ୍ଦ୍ରଗୁଡ଼ିକୁ ସହାୟତା ପ୍ରଦାନ କରାଯିବ । ପ୍ରୋଲାଇଫ୍ ଡାଇଗ୍‌ନୋଷ୍ଟିକ୍ସର ନିର୍ଦ୍ଦେଶକ ତଥା ଦେଶର ଜଣେ ପ୍ରତିଷ୍ଠିତ ରେଡିଓଲୋଜିଷ୍ଟ ଡକ୍ଟର ସତ୍ୟସୁନ୍ଦର ମହାପାତ୍ର କହିଛନ୍ତି, "ଏହି ରଣନୈତିକ ସହଭାଗିତା ମାଧ୍ୟମରେ ନ୍ୟୁବର୍ଗ ପ୍ରୋଲାଇଫ୍ ରାଜ୍ୟବ୍ୟାପୀ ଏକ ସୁଦୃଢ଼ ଡାଇଗ୍‌ନୋଷ୍ଟିକ୍ ପ୍ଲାଟଫର୍ମ ଗଠନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ସ୍ଥାନୀୟ ବିଶ୍ୱାସ ଓ ଉପଲବ୍ଧତାକୁ ଜାତୀୟସ୍ତରର ଦକ୍ଷତା, ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଅପୋଷହୀନ ଗୁଣବତ୍ତା ସହିତ ଯୋଡ଼ିବ; ଫଳରେ ସମଗ୍ର ଓଡ଼ିଶାରେ ନିୟମିତ, ପ୍ରତିଷେଧକ ତଥା ଉନ୍ନତମାନର ରୋଗ ନିରୂପଣ ସେବା ଅଧିକ ସୁଲଭ ଏବଂ ସହଜଲଭ୍ୟ ହୋଇପାରିବ ।"

# ଇଭିଏମରେ ଗଡ଼ବଡ

ଦେଶର ପ୍ରତ୍ୟେକ ସାବାଳକ ନିର୍ବାଚନରେ ନିଜର ମତଦାନ ଅଧିକାର ସାବ୍ୟସ୍ତ କରନ୍ତି। ନିର୍ବାଚିତ ପ୍ରତିନିଧିମାନେ ଦେଶର ଆଇନ ପ୍ରଣୟନ କରିବା ସହ ସାମ୍ବିଧାନିକ ବିଧି ବ୍ୟବସ୍ଥା ଆଧାରରେ ଶାସନ କରନ୍ତି। ନିର୍ବାଚନ ପ୍ରକ୍ରିୟାରେ ଗତ ୭୦ ବର୍ଷ ଭିତରେ ଅନେକ ସଂସ୍କାର ଆସିଛି। ଭୋଟ ବାକ୍ସ ବଦଳରେ ଭୋଟିଂ ମେସିନ ବ୍ୟବହାର ହେଉଛି। ନିର୍ବାଚନ ପ୍ରଚାର ମଧ୍ୟ ବ୍ୟାପକ ହେଲାଣି। କରୋନା କଟକଣା ବେଳେ ଦେଶରେ ଡିଜିଟାଲ ପ୍ରଚାର ବ୍ୟବସ୍ଥା ହୋଇଥିଲା। ସେହିପରି ନିର୍ବାଚନ ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ମଧ୍ୟ ନିର୍ବାଚନ କମିଶନଙ୍କ ଦାୟିତ୍ୱ। ଉଭୟ ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବାହିନୀର ସହଯୋଗରେ ନିର୍ବାଚନ ମୁକ୍ତ ଏବଂ ଅବାଧ ନିର୍ବାଚନ ପରିଚାଳନା ନିମନ୍ତେ ପ୍ରୟାସ କରନ୍ତି। ୧୯୯୫ରେ ଟି ଏନ ଶେଷାନ ଭାରତର ନିର୍ବାଚନ କମିଶନର ଥିବା ବେଳେ ଭୋଟର ପରିଚୟପତ୍ର ବ୍ୟବସ୍ଥା ଆରମ୍ଭ ହେଲା। ଏବେ ଭୋଟର ପରିଚୟପତ୍ର ସହିତ ଆଧାର ବା ଅନ୍ୟ କେତେକ ପରିଚୟପତ୍ର ଦେଖାଇ ଭୋଟ ଦେବାକୁ ପଡୁଛି। ଫଳରେ ନିର୍ବାଚନରେ ଜାଲ ଭୋଟ ଅନେକାଂଶରେ କମିଛି। ଇଭିଏମ ବ୍ୟବହାର ଦ୍ୱାରା ଭୋଟ କୌଣସି ନାକଚ ହେଉନି। ଏହା ବ୍ୟତିତ ଇଭିଏମରେ ନୋଟା ବ୍ୟବସ୍ଥା ମଧ୍ୟ କରାଯାଇଛି। ଯଦି କୌଣସି ପ୍ରାର୍ଥୀ ପସନ୍ଦର ହୋଇନଥିବେ ତେବେ ଜଣେ ନୋଟାରେ ଭୋଟ ଦେଇପାରିବେ। ଏହା ଦ୍ୱାରା ଭୋଟଦାନ ହାର ବଢୁଛି। ଏଭଳି ଭାବେ ନିର୍ବାଚନ ବ୍ୟବସ୍ଥାରେ ଅନେକ ସଂସ୍କାରମୂଳକ ବ୍ୟବସ୍ଥା ହୋଇଛି। କିନ୍ତୁ ଏହା ଭିତରେ ନିର୍ବାଚନ କମିଶନଙ୍କ ନିରପେକ୍ଷତା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଅନେକ ସମୟରେ ବିରୋଧୀ ଦଳ ନିର୍ବାଚନ କମିଶନଙ୍କ ପ୍ରତି ଆକ୍ଷେପ କରୁଛନ୍ତି। ଶାସକ ଦଳକୁ ସୁହାଇଲା ଭଳି ସେ ନିଷ୍ପତ୍ତି ନେଉଥିବା କୁହାଯାଉଛି। ଲବେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଭୋଟ ଚୋରୀ ଏବଂ ଇଭିଏମରେ ଗଡ଼ବଡ଼ ଅଭିଯୋଗ କରି ସିଧାସଳଖ ନିର୍ବାଚନ କମିଶନଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଆସୁଛନ୍ତି। ପ୍ରତି ନିର୍ବାଚନ ବେଳେ ଇଭିଏମରେ ଗଡ଼ବଡ଼ କରାଯାଇଥିବା ଅଭିଯୋଗ ଉଠୁଛି। ନିର୍ବାଚନ କମିଶନ ଏହାକୁ ବାରମ୍ବାର ଅସ୍ୱୀକାର କରି ଆସୁଛନ୍ତି ଏବଂ ଏହାକୁ ପ୍ରମାଣିତ କରିବା ଲାଗି ଆହ୍ୱାନ କରୁଛନ୍ତି। କିନ୍ତୁ କେହି ଆଜି ପର୍ଯ୍ୟନ୍ତ ଏଥିରେ ସଫଳ ହୋଇପାରିନାହାଁନ୍ତି। କିନ୍ତୁ ପରାଜିତ ଦଳ ସବୁ ବେଳେ ନିର୍ବାଚନ କମିଶନଙ୍କ ପ୍ରତି ଆକ୍ଷେପ କରୁଛନ୍ତି। ଅତୀତରେ ଭାରତରେ ଜଣେ ନିର୍ବାଚନ କମିଶନର ରହୁଥିଲେ। ଏବେ ତିନିଜଣିଆ ନିର୍ବାଚନ କମିଶନ ନିଯୁକ୍ତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ମୁଖ୍ୟ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ଦିଆଯାଉଛି। ତେବେ ନିର୍ବାଚନ ପରିଚାଳନା ସମ୍ପର୍କିତ ସମସ୍ତ ନିଷ୍ପତ୍ତି ତିନିଜଣିଆ କମିଶନ ସହମତି ବା ସର୍ବସମ୍ମତି କ୍ରମେ ନେଇଆସୁଛନ୍ତି। କେନ୍ଦ୍ର ସରକାରଙ୍କ ସୁପାରିସରେ ଭାରତର ରାଷ୍ଟ୍ରପତି ନିର୍ବାଚନ କମିଶନଙ୍କୁ ନିଯୁକ୍ତି ପ୍ରଦାନ କରୁଛନ୍ତି। ପ୍ରଶାସନିକ କ୍ଷେତ୍ରରେ ଦକ୍ଷତା ଏବଂ ଅଭିଜ୍ଞତା ସମ୍ପନ୍ନ ବ୍ୟକ୍ତିଙ୍କୁ ଏଥିଲାଗି ଚୟନ କରାଯାଉଛି। ବିଭିନ୍ନ ରାଜ୍ୟରେ ରାଜ୍ୟପାଳ ଯେପରି କେନ୍ଦ୍ର ସରକାରଙ୍କ ଇଚ୍ଛାରେ ନିଯୁକ୍ତ ହେଉଛନ୍ତି ଏବେ ନିର୍ବାଚନ କମିଶନ ଠିକ ସେହି ଆଧାରରେ ନିଯୁକ୍ତି ପାଉଛନ୍ତି। କିନ୍ତୁ ସୁପ୍ରିମକୋର୍ଟ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ସମ୍ବିଧାନରେ ନିର୍ବାଚନ କମିଶନ ନିଯୁକ୍ତି ପ୍ରକ୍ରିୟା ନେଇ କୌଣସି ସ୍ପଷ୍ଟ ଉଲ୍ଲେଖ ନାହିଁ। ଯେ ପର୍ଯ୍ୟନ୍ତ ଏଥିଲାଗି ନିର୍ଦ୍ଦିଷ୍ଟ ନୀତି ନିୟମ ପ୍ରଣୀତ ହୋଇନାହିଁ, ସେ ପର୍ଯ୍ୟନ୍ତ ଭାରତର ନିର୍ବାଚନ କମିଶନଙ୍କ ନିଯୁକ୍ତି ଲାଗି ଏକ ତିନିଜଣିଆ କମିଟି ଗଠନ ନିମନ୍ତେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ, ଲୋକସଭାରେ ବିରୋଧୀ ଦଳ ନେତା ଏବଂ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ ନେଇ ଏକ କମିଟି ସର୍ବସମ୍ମତିକ୍ରମେ ଏଥିଲାଗି ନିଷ୍ପତ୍ତି ନେବେ ଏବଂ ରାଷ୍ଟ୍ରପତିଙ୍କୁ ସୁପାରିସ କରିବେ। ଏହି ସୁପାରିସ ଆଧାରରେ ଭାରତର ନିର୍ବାଚନ କମିଶନଙ୍କୁ ରାଷ୍ଟ୍ରପତି ନିଯୁକ୍ତି ପ୍ରଦାନ କରିବେ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ।

# ସ୍ତନ୍ୟପାନରୁ ବଞ୍ଚିତ ୧୫ ନିୟୁତ ଶିଶୁ

**॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥**

> "ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା, ୟୁନିସେଫ୍ ଏବଂ ଗ୍ଲୋବାଲ ବ୍ରେଷ୍ଟ ଫିଡ଼ିଂ କଲେକ୍ଟିଭ୍‌ର ମିଳିତ ଉଦ୍ୟମରେ ସ୍ତନ୍ୟପାନ ନିମନ୍ତେ ସଚେତନତା ପାଇଁ ସାରା ବିଶ୍ୱରେ ଅଗଷ୍ଟ ୧ରୁ ୭ ତାରିଖ ଯାଏ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି। ତେଣୁ ଶିଶୁ ଜନ୍ମଠାରୁ ପ୍ରଥମ ୨ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ ପାଇଁ ମା'ମାନଙ୍କୁ ଉତ୍ସାହିତ କରାଯିବା ଉଚିତ। ସ୍ତନ୍ୟପାନ ଏକ ମାତ୍ର ଉପାୟ, ଯାହା ମାଧ୍ୟମରେ ପ୍ରତିବର୍ଷ ୮ଲକ୍ଷ ୨୦ ହଜାର ଶିଶୁଙ୍କର ଜୀବନ ସୁରକ୍ଷିତ କରାଯାଇପାରିବ।

ମା' କ୍ଷୀର ଶିଶୁ ପାଇଁ ଅମୃତ। ଆଦିମ କାଳରୁ ରହିଥିବା ଏହି ପ୍ରସଙ୍ଗ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଫିକା ପଡ଼ିଛି। ଅଧିକାଂଶ ମା'ଙ୍କର ସ୍ତନ୍ୟପାନକୁ ନେଇ ବିଚିତ୍ର ମାନସିକତା ରହିଛି। ସ୍ତନ୍ୟପାନ କରାଇଲେ ସୌନ୍ଦର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରି ଶିଶୁଙ୍କ ସ୍ତନ୍ୟପାନ କରାଇବା ପାଇଁ ସେମାନେ ଇଛା ପ୍ରକାଶ କରୁନାହାନ୍ତି। ଫଳରେ ଅମୃତ କୁହାଯାଉଥିବା ଏହି ମା'କ୍ଷୀର ଏବେ ଶିଶୁ ପାଇଁ ସ୍ୱପ୍ନ ହୋଇଛି। ମା'ଶବ୍ଦ ମନକୁ ଆସିଲେ ଆପେ ଚାଲିଆସେ ମମତାର ଭାବନା ମା' ଓ ମମତା ସହ ଜଡ଼ିତ ଆଉ ଏକ ଶବ୍ଦ ସ୍ତନ୍ୟପାନ। କିଏ କହେ ଅମୃତର ଧାରା ତ କିଏ କହେ ମମତାର ବିନ୍ଦୁ। ଶିଶୁଟି ଜନ୍ମ ହେବା ଠାରୁ ଛଅ ମାସ ପର୍ଯ୍ୟନ୍ତ ମା'କ୍ଷୀର ପିଇବା ଅତ୍ୟନ୍ତ ଆବଶ୍ୟକ। ଏହା ଶିଶୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଶରୀରକୁ ଅନେକ ପ୍ରକାର ପୋଷକ ତତ୍ତ୍ୱ ଯୋଗାଇଥାଏ। ଏଣୁ ଏ ଦିଗରେ ମା'ମାନଙ୍କୁ ସଚେତନ କରାଇବା ପାଇଁ ଅଗଷ୍ଟ ୧ ରୁ ୭ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପାଳିତ ହୋଇଥାଏ ସ୍ତନ୍ୟପାନ ସପ୍ତାହ। ୧୯୯୨ ମସିହାରେ ପ୍ରଥମ ଥର ପାଇଁ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଥିଲା। ଏହା ପରଠାରୁ ପ୍ରତ୍ୟେକ ବର୍ଷ ପ୍ରାୟ ୧୨୦ରୁ ଉର୍ଦ୍ଧ୍ୱ ଦେଶରେ ପାଳିତ ହୋଇଥାଏ ଏହି ସପ୍ତାହ। ଏହି ଦିବସ ପାଳନ କରୁଥିବା ଦେଶମାନଙ୍କ ମଧ୍ୟରେ ଭାରତ ଅନ୍ୟତମ।

ଭାରତରେ ବର୍ଷକୁ ହାରାହାରି ୨୬ ନିୟୁତ ଶିଶୁ ଜନ୍ମ ଗ୍ରହଣ କରନ୍ତି। ଯେଉଁମାନଙ୍କ ଭିତରୁ ୧୫ ନିୟୁତ ଶିଶୁଙ୍କୁ ଜନ୍ମର ଏକ ଘଣ୍ଟା ଭିତରେ ସ୍ତନ୍ୟପାନ କରିବାକୁ ଦିଆଯାଏ ନାହିଁ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଜନ୍ମ ହେଉଣୁ ଶିଶୁକୁ ମା'ସ୍ତନ୍ୟପାନ କରାଇବା ଖୁବ୍ ଗୁରୁତ୍ୱପୂର୍ଣ୍ଣ କଥା। କାରଣ ମା'ର କଷକ୍ଷୀରରେ କୋଲୋଷ୍ଟ୍ରମ ଥାଏ। ଏହା ଶିଶୁର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟକ ହୁଏ। କିନ୍ତୁ ନବଜାତ ଶିଶୁଙ୍କୁ ଏଥିରୁ ବଞ୍ଚିତ କରାଯାଉଥିବା ରିପୋର୍ଟ ମିଳୁଛି। ଜନ୍ମର ଘଣ୍ଟାକ ମଧ୍ୟରେ ଶିଶୁକୁ ମା'କ୍ଷୀର ଖୁଆଇବା ସ୍ତନ୍ୟପାନର ପ୍ରାଥମିକ ପର୍ଯ୍ୟାୟ ବିବେଚନା କରାଯାଏ। ସ୍ତନ୍ୟପାନ ଉପରେ ଭାରତର ନୀତି ଓ କାର୍ଯ୍ୟକ୍ରମ 'ଆରେଷ୍ଟେଡ ଡେଭଲପ୍‌ମେଣ୍ଟ'ର ୫ମ ରିପୋର୍ଟରେ କୁହାଯାଇଛି ଯେ, ୨୦୧୫ରେ ଭାରତର ସ୍କୋର ୪୪ ଥିବାବେଳେ ଚଳିତବର୍ଷ ୪୫କୁ ଉନ୍ନୀତ ହୋଇଛି। ଏମ୍‌ସ, ୟୁନିସେଫ ସମେତ କେତେକ ସରକାରୀ ସଂସ୍ଥା ଏବଂ ଜନସ୍ୱାସ୍ଥ୍ୟ ଗୋଷ୍ଠୀର ମିଳିତ ଉଦ୍ୟମରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସମ୍ମତି ଏବଂ ଭାରତ ସରକାରଙ୍କ ମୁଖ୍ୟ ନୀତି ନିର୍ଦ୍ଧାରକଙ୍କ ମତାମତ ଉପରେ ଏହି ରିପୋର୍ଟ ପର୍ଯ୍ୟବସିତ ହୋଇଛି। ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେ ରିପୋର୍ଟ-୪କୁ ଉଦ୍ଧାର କରି କୁହାଯାଇଛି, ଶିଶୁ ୬ ମାସ ପର୍ଯ୍ୟନ୍ତ ମାତୃସ୍ତନ୍ୟପାନରୁ ବଞ୍ଚିତ ନ କରାଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେବା ଉଚିତ। ଫେଡେରେସନ ଅଫ୍ ଅବଷ୍ଟ୍ରିଟ୍ରିକ୍ ଆଣ୍ଡ ଗାଇନାକୋଲୋଜିକାଲ ସୋସାଇଟିଜ୍ ଅଫ ଇଣ୍ଡିଆ (ଏଫ୍‌ଓଜିଏସ୍‌ଆଇ)ର ସଭାପତି କହିଛନ୍ତି ଯେ, ସ୍ତନ୍ୟପାନର ଗୁରୁତ୍ୱ ସମସ୍ତେ ବୁଝିବା ଉଚିତ। ବିଶେଷଜ୍ଞମାନେ ମାତୃସ୍ତନ୍ୟ ବ୍ୟାଙ୍କ ଉପରେ ମଧ ଗୁରୁତ୍ୱ ଦେଇଥିଲେ। ଉତ୍ସର୍ଗୀକୃତ ମନୋଭାବ ନେଇ ମାତୃସ୍ତନ୍ୟପାନ ବିଷୟରେ ସଚେତନତା ସୃଷ୍ଟି ହେବା କଥା।

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା, ୟୁନିସେଫ୍ ଏବଂ ଗ୍ଲୋବାଲ ବ୍ରେଷ୍ଟ ଫିଡ଼ିଂ କଲେକ୍ଟିଭ୍‌ର ମିଳିତ ଉଦ୍ୟମରେ ସ୍ତନ୍ୟପାନ ନିମନ୍ତେ ସଚେତନତା ପାଇଁ ସାରା ବିଶ୍ୱରେ ଅଗଷ୍ଟ ୧ରୁ ୭ ତାରିଖ ଯାଏ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି। ତେଣୁ ଶିଶୁ ଜନ୍ମଠାରୁ ପ୍ରଥମ ୨ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ ପାଇଁ ମା'ମାନଙ୍କୁ ଉତ୍ସାହିତ କରାଯିବା ଉଚିତ। ସ୍ତନ୍ୟପାନ ଏକ ମାତ୍ର ଉପାୟ, ଯାହା ମାଧ୍ୟମରେ ପ୍ରତିବର୍ଷ ୮ଲକ୍ଷ ୨୦ ହଜାର ଶିଶୁଙ୍କର ଜୀବନ ସୁରକ୍ଷିତ କରାଯାଇପାରିବ। ତେଣୁ ଶିଶୁକୁ ସୁସ୍ଥ, ସବଳ ଓ ନୀରୋଗ ରଖିବା ପାଇଁ ମା'ମାନଙ୍କୁ ସ୍ତନ୍ୟପାନ ସମ୍ପର୍କରେ ପ୍ରଶିକ୍ଷିତ କରାଇବା ତଥା ଶିଶୁ ପାଇଁ ସ୍ତନ୍ୟପାନର ଉପାଦେୟତା ସମ୍ପର୍କରେ ସେମାନଙ୍କୁ ସଚେତନ କରାଇବା ଏହି ସପ୍ତାହର ଲକ୍ଷ୍ୟ। ସ୍ତନ୍ୟପାନ କରାଇବା ବେଳେ ଶିଶୁଟିକୁ ଭଲ ଭାବରେ ମା'ମାନେ ଧରିବା ଉଚିତ। ସର୍ବପ୍ରଥମେ ମା'ଜଣଙ୍କ ଆରାମରେ ବସିବା ଦରକାର। ପିଲାଟିକୁ କ୍ଷୀର ଖୁଆଇବା ସମୟରେ ମା'ମାନେ ନିଜ ମାନସିକତାକୁ ସକରାତ୍ମକ ରଖିବା ଦରକାର। ପିଲାଟିକୁ ଅତି କମ୍‌ରେ ୨ଘଣ୍ଟା କ୍ଷୀର ଦେବା ଜରୁରୀ। ପିଲାଟିକୁ ସ୍ତନ୍ୟପାନ ପରେ କାନ୍ଧରେ ପକାଇ ହାଲୁକା ଭାବେ ତା ପିଠିକୁ ଥାପୁଡ଼ାନ୍ତୁ ଯାହାକୁ ଡାକ୍ତରୀ ଭାଷାରେ ବର୍ପିଙ୍ଗ କୁହାଯାଏ। ଏହାଦ୍ୱାରା ପିଲାଟିର ପେଟ ଭିତରେ ଥିବା ବାୟୁ ହାକୁଟି ଦ୍ୱାରା ବାହାରିଯାଏ। ଶିଶୁଟିକୁ ଚିତ୍ କରି ନଶୁଆଇ କଡ଼ମାଡ଼ି କିମ୍ବା ତାର ମୁହଁକୁ ଗୋଟାଏ କଡ଼କୁ କରି ଶୁଆଇ ଦିଅନ୍ତୁ। କାରଣ ଚିତ୍ ହୋଇ ଶୋଇଲେ ଶିଶୁଟି ବାନ୍ତି କରିଦେଲେ ଏହା ନାକ ଦେଇ ଭିତରକୁ ଯାଇ ନିଃଶ୍ୱାସ ବନ୍ଦ ହେବାର ଆଶଙ୍କା ରଖିଥାଏ। ପିଲାଟିକୁ ସ୍ତନ୍ୟପାନ ପୂର୍ବରୁ ମା'ମାନେ ନିଜର ସ୍ତନ ଓ ଏହାର ଅଗ୍ର ଭାଗକୁ ଭଲ ଭାବେ ଧୋଇ ଦିଅନ୍ତୁ ଯାହାଦ୍ୱାରା ପିଲାଟି କୌଣସି ସଂକ୍ରମଣର ଶିକାର ହୋଇନଥାଏ। ପିଲାଟିକୁ ସ୍ତନ୍ୟପାନ କରାଉଥିବାବେଳେ ମା'ମାନଙ୍କ ପାଇଁ ସୁଷମ ଖାଦ୍ୟ ଜରୁରୀ। ଏ ସମୟରେ ମା'ମାନେ ଆଣ୍ଟିବାୟୋଟିକ୍ସ, ବିଭିନ୍ନ ହରମୋନ, ମଦ, ତମାଖୁ ଇତ୍ୟାଦି ଠାରୁ ଦୂରେଇ ରହିବା ଭଲ। ନୂଆ ନୂଆ ସ୍ତନ୍ୟପାନ କରାଉଥିବା ସମୟରେ ଅଧିକାଂଶ ମାଆ ଶିଶୁକୁ କିଛି କିଛି ସମୟ ଅନ୍ତରାଳରେ କ୍ଷୀର ପିଆଇଥାନ୍ତି। କିନ୍ତୁ ଏହାଦ୍ୱାରା ପିଲାଟିର ଅରୁଚି ବା ବାନ୍ତି ହେବାର ସମ୍ଭାବନା ଥାଏ। କିନ୍ତୁ ପିଲାଟି ଭୋକ କଲେ ବା କାନ୍ଦିଲେ କ୍ଷୀର ଦେବା ଦ୍ୱାରା ତାର ହଜମ ସହଜରେ ହୋଇଥାଏ। ଶୋଇବା ବେଳେ ପିଲାଟିକୁ ସ୍ତନ୍ୟପାନ କରାନ୍ତୁ ନାହିଁ। ଏହାଦ୍ୱାରା ପିଲାଟିର ନାକରେ ଚାପ ପଡ଼ି ଶ୍ୱାସରୁଦ୍ଧର ଆଶଙ୍କା ରହିଥାଏ। ଶିଶୁକୁ ସର୍ବଦା ଦୁଇସ୍ତନରୁ ସମାନ ପରିମାଣରେ କ୍ଷୀର ପିଆଇବାକୁ ଚେଷ୍ଟା କରନ୍ତୁ। ମାନସିକ ରୋଗଗ୍ରସ୍ତ, କୁଷ୍ଠ, ଏଚ୍‌ଆଇଭି, ଯକ୍ଷ୍ମା, ହାଡ଼ଫୁଟି, ମିଳିମିଳା, ଜଣ୍ଡିସ ଆଦି ରୋଗ ଥିଲେ କିମ୍ବା ସ୍ତନରେ ଘାଆ ହୋଇଥିଲେ ସ୍ତନ୍ୟପାନ କରାଇବା ଶିଶୁ ପାଇଁ ବିପଦଜନକ। ଶିଶୁ କ୍ଷୀର ଖାଇବା ଦ୍ୱାରା ମା'ର ମସ୍ତିଷ୍କରୁ ଅକ୍ସିଟୋସିନ ହରମୋନ କ୍ଷରଣ ହେବା ଦ୍ୱାରା ଜରାୟୁ ସଂକୁଚିତ ହୋଇ ଏହାର ଆକାର କ୍ରମଶଃ ହ୍ରାସ ପାଇଥାଏ। ତେଣୁ ପ୍ରସବ ପରେ ରକ୍ତକ୍ଷରଣ କମ୍ ହୋଇଥାଏ। ଶିଶୁ କ୍ଷୀର ଖାଇବା ଦ୍ୱାରା କେତେକ ମା'ମାନଙ୍କର ମାସିକ ଋତୁସ୍ରାବ ବିଳମ୍ବ ହୋଇଥାଏ। ପିଲାଟିକୁ ନିୟମିତ ଭାବରେ ସ୍ତନ୍ୟପାନ କରାଇ ନିଜ ଆଗାମୀ ବଂଶଧରକୁ ସମସ୍ତ ରୋଗରୁ ଦୂରେଇ ତାକୁ ଈଶ୍ୱରପ୍ରଦତ୍ତ କୃପାରୁ ବଞ୍ଚିତ କରନ୍ତୁନାହିଁ।


ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪


# ମା'କ୍ଷୀର ଅମୃତ

**॥ ଡାକ୍ତର ଶୁଭଶ୍ରୀ ମିଶ୍ର ॥**

ମା' କ୍ଷୀର ଶିଶୁ ପାଇଁ ଅମୃତ। ଆଦିମ କାଳରୁ ରହିଥିବା ଏହି ପ୍ରସଙ୍ଗ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଫିକା ପଡ଼ିଛି। ଅଧିକାଂଶ ମା'ଙ୍କର ସ୍ତନ୍ୟପାନକୁ ନେଇ ବିଚିତ୍ର ମାନସିକତା ରହିଛି। ସ୍ତନ୍ୟପାନ କରାଇଲେ ସୌନ୍ଦର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରି ଶିଶୁଙ୍କ ସ୍ତନ୍ୟପାନ କରାଇବା ପାଇଁ ସେମାନେ ଇଛା ପ୍ରକାଶ କରୁନାହାନ୍ତି। ଫଳରେ ଅମୃତ କୁହାଯାଉଥିବା ଏହି ମା'କ୍ଷୀର ଏବେ ଶିଶୁ ପାଇଁ ସ୍ୱପ୍ନ ହୋଇଛି। ମା'ଶବ୍ଦ ମନକୁ ଆସିଲେ ଆପେ ଚାଲିଆସେ ମମତାର ଭାବନା ମା' ଓ ମମତା ସହ ଜଡ଼ିତ ଆଉ ଏକ ଶବ୍ଦ ସ୍ତନ୍ୟପାନ। କିଏ କହେ ଅମୃତର ଧାରା ତ କିଏ କହେ ମମତାର ବିନ୍ଦୁ। ଶିଶୁଟି ଜନ୍ମ ହେବା ଠାରୁ ଛଅ ମାସ ପର୍ଯ୍ୟନ୍ତ ମା'କ୍ଷୀର ପିଇବା ଅତ୍ୟନ୍ତ ଆବଶ୍ୟକ। ଏହା ଶିଶୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଶରୀରକୁ ଅନେକ ପ୍ରକାର ପୋଷକ ତତ୍ତ୍ୱ ଯୋଗାଇଥାଏ। ଏଣୁ ଏ ଦିଗରେ ମା'ମାନଙ୍କୁ ସଚେତନ କରାଇବା ପାଇଁ ଅଗଷ୍ଟ ୧ ରୁ ୭ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପାଳିତ ହୋଇଥାଏ ସ୍ତନ୍ୟପାନ ସପ୍ତାହ। ୧୯୯୨ ମସିହାରେ ପ୍ରଥମ ଥର ପାଇଁ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଥିଲା। ଏହା ପରଠାରୁ ପ୍ରତ୍ୟେକ ବର୍ଷ ପ୍ରାୟ ୧୨୦ରୁ ଉର୍ଦ୍ଧ୍ୱ ଦେଶରେ ପାଳିତ ହୋଇଥାଏ ଏହି ସପ୍ତାହ। ଏହି ଦିବସ ପାଳନ କରୁଥିବା ଦେଶମାନଙ୍କ ମଧ୍ୟରେ ଭାରତ ଅନ୍ୟତମ।

ଶିଶୁକୁ ୬ମାସ ବୟସ ହେବା ଯାଏଁ ମା କ୍ଷୀର ତା ପାଇଁ ସର୍ବୋତ୍ତମ ଆହାର । ଏହି ସମୟ ଯାଏଁ ତଥା ଏହି ସମୟ ପରେ ବି ଶିଶୁକୁ ସ୍ତନ୍ୟପାନ କରାଇବା ନିହାତି ଦରକାର । ନିହାତି ଦରକାର ନହେଲେ ଏହି ସମୟ ମଧ୍ୟରେ ଶିଶୁକୁ ଅନ୍ୟ କୌଣସି କ୍ଷୀର, ଖାଦ୍ୟ, ପାନୀୟ କିମ୍ବା ପାଣି ଦେବା ଦରକାର ହୁଏ ନାହିଁ । ଜନ୍ମ ହେବାର ଅଧ ଘଣ୍ଟାରୁ ଏକ ଘଣ୍ଟା ମଧ୍ୟରେ ଶିଶୁକୁ ଯେତେ ଶୀଘ୍ର ସମ୍ଭବ ସ୍ତନ୍ୟପାନ କରାଇବା ଉଚିତ । ଶିଶୁ ଜନ୍ମ ହେବାର ପ୍ରଥମ ଦୁଇ-ତିନି ଦିନ ଭିତରେ ମା'ର ପ୍ରଥମ ହଳଦିଆ ତଥା ଈଷତ୍ ହଳଦିଆ ରଙ୍ଗର କ୍ଷୀର ପିଆଇବା ଖୁବ୍ ଜରୁରୀ । ଏହି କ୍ଷୀରକୁ କୋଲେଷ୍ଟ୍ରମ୍ କୁହାଯାଏ । ଏଥିରେ ପିଲା ପାଇଁ ଉପାଦେୟ ଅନେକ ପ୍ରକାରର ଭିଟାମିନ୍ ଭରି ରହିଥାଏ । ଶିଶୁ ଜନ୍ମ ହେବାପରେ ପ୍ରଥମ ଥର ସନ୍ତ୍ୟପାନ କରାଇବା ପୂର୍ବରୁ ତାକୁ ଅନ୍ୟ କୌଣସି ଜିନିଷ ପିଇବାକୁ ଦେବା ଅନୁଚିତ । ପିଲା ଜନ୍ମ ହେବାପରେ ତାକୁ ଅନ୍ୟ ଜିନିଷ ଦେବା ପାଇଁ କେତେକ କୁହନ୍ତି କିନ୍ତୁ ସେ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ନେବା ଭଲ । ଏହି ସମୟ ମଧ୍ୟରେ କ୍ଷୀର ବଦଳରେ କେହି କେହି ମହୁ ଚାଟନ୍ତି । ଏପରି କରିବା ଶିଶୁ ପାଇଁ କ୍ଷତିକାରକ । କିଛି ନିର୍ଦ୍ଦିଷ୍ଟ ରୋଗ ଯେମିତିକି ଏଡ଼ସ୍ କିମ୍ବା ବ୍ରେଷ୍ଟ କ୍ୟାନସର ଆଦି ରୋଗକୁ ବାଦଦେଇ ଅନ୍ୟାନ୍ୟ ରୋଗ ଭୋଗୁଥିବା ବେଳେ ଆପଣ ବିନା ଦ୍ୱିଧାରେ ଶିଶୁକୁ ସ୍ତନ୍ୟପାନ କରାଇପାରିବେ । ଏହାଦ୍ୱାରା ଆପଣଙ୍କର ଶିଶୁର କୌଣସି କ୍ଷତି ହେବନାହିଁ । ଆପଣ ଚାହିଁଲେ ଦୁଇବର୍ଷ କିମ୍ବା ତା'ଠାରୁ ଅଧିକ ବୟସ ଯାଏଁ ଶିଶୁକୁ ସ୍ତନ୍ୟପାନ କରାଇପାରିବେ । ବଟଲରେ କ୍ଷୀର ପିଆଇବେ ନାହିଁ । କାରଣ ଅନେକ ସମୟରେ ବଟଲରେ ପିଇବା ଦ୍ୱାରା ଶିଶୁର କ୍ଷତି ହୁଏ । ଶିଶୁର ତରଳ ଝାଡ଼ା ହେବାପାଇଁ ବଟଲ ହିଁ ଅନେକାଂଶରେ ଦାୟୀ । ଶିଶୁକୁ ସଠିକ୍ ଭାବେ ୬ମାସ ଯାଏଁ ସ୍ତନ୍ୟପାନ କରାଇବା ପରେ ଅନ୍ୟ ଖାଦ୍ୟ ଦେବା ଉଚିତ । ବଜାରରେ ମିଳୁଥିବା ଖାଦ୍ୟ ତୁଳନାରେ ଘର ତିଆରି ଖାଦ୍ୟ ଶିଶୁ ପାଇଁ ଅପେକ୍ଷାକୃତ ଭଲ ।

ବ୍ରେଷ୍ଟ ଫିଡିଂ ଶିଶୁପାଇଁ କାହିଁକି ଭଲ : ମା' କ୍ଷୀରରେ ଯଥେଷ୍ଟ କ୍ୟାଲୋରୀ ରହିଛି । ଏହା ଶିଶୁକୁ ସଠିକ୍ ମାତ୍ରାରେ ପ୍ରୋଟିନ୍, ଫ୍ୟାଟ୍, ଲାକଟୋଜ, ଭିଟାମିନ୍ ଆଇରନ, ମିନେରାଲ, ପାଣି ଏବଂ ଏନଜାଇମ ଯୋଗାଇଥାଏ । ଯାହା ଶିଶୁର ବିକାଶ ପାଇଁ ଖୁବ୍ ଦରକାର । ମା' କ୍ଷୀରରେ ଆଇରନ, ଭିଟାମିନ୍ ଡି, ଭିଟାମିନ୍ ଏ, ସି ଏବଂ ଇ ଭରି ରହିଥାଏ । ଯାହା ଗାଈ କ୍ଷୀରରେ ନଥାଏ । ମା' କ୍ଷୀର ସ୍ୱଚ୍ଛ, ବ୍ୟାକ୍ଟେରିଆ ମୁକ୍ତ ଏବଂ ଏଥିରେ ଆଣ୍ଟି ଇନଫେକ୍ଟିଭ ପ୍ରପର୍ଟି ଭରି ରହିଛି । ମା' କ୍ଷୀରରେ ଏପରି ଏକ ଉପାଦାନ ଅଛି ଯାହା ଶିଶୁର ପତଳା ଝାଡ଼ା ପ୍ରତିରୋଧ କରିପାରେ । ମା' କ୍ଷୀରର ଆଉ ଏକ ଉପକାରିତା ହେଲା ଇଛା ହେଲା ମାତ୍ରେ ଶିଶୁକୁ ଖୁଆଇ ପାରିବେ ଏବଂ ଏହାକୁ ପ୍ରସ୍ତୁତ କରିବା ପାଇଁ ସମୟ ଦରକାର ହୁଏନାହିଁ । ଏବଂ ଏହାକୁ ଗରମ କିମ୍ବା ଥଣ୍ଡା କରିବାକୁ ପଡ଼େ ନାହିଁ । ଏଥିପାଇଁ ମା'କୁ ନିଜ ଖାଦ୍ୟ ବ୍ୟତୀତ ଆଉ ଅଧିକ ପଇସା ଖର୍ଚ୍ଚ କରିବାକୁ ପଡ଼େ ନାହିଁ ଏବଂ ଏଥିରେ ରୋଗ ସଂକ୍ରମଣର ଆଶଙ୍କା ନଥାଏ । ବରଂ ଶିଶୁର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାରେ ଏହା ସାହାଯ୍ୟ କରେ । ମା'କ୍ଷୀର ନବଜାତ ଶିଶୁ ଓ ମା' ମଧ୍ୟରେ ଭାବନାତ୍ମକ ସଂପର୍କ ଦୃଢ଼ କରେ । ଶିଶୁକୁ ବ୍ରେଷ୍ଟଫିଡ଼ିଂ କରାଇବା ବେଳେ ଶିଶୁପ୍ରତି ମା'ର ଆବେଗ, ଭଲ ପାଇବା ଆହୁରି ଗଭୀର ହୁଏ । ଶିଶୁକୁ ପରିଣତ ବୟସ ପର୍ଯ୍ୟନ୍ତ ସଠିକ ମାତ୍ରାରେ ସନ୍ତ୍ୟପାନ କରାଇଲେ ବୟସ ହେବାପରେ ଡାଏବେଟିସ, ହୃଦରୋଗ, ଏକଜିମା, ଆସ୍ତମା ଏବଂ ଅନ୍ୟାନ୍ୟ ଆଲର୍ଜି ଜନୀତ ରୋଗର ଆଶଙ୍କା କମିଯାଏ । ସଠିକ ଭାବେ ସ୍ତନ୍ୟପାନ କରିଥିବା ଶିଶୁମାନଙ୍କ ମସ୍ତିଷ୍କ ସକ୍ରୀୟ ରହେ । ସେମାନେ ବୁଦ୍ଧିଆ ହୁଅନ୍ତି ।

ବ୍ରେଷ୍ଟ ଫିଡ଼ିଂର ଉପକାରିତା : ଶିଶୁକୁ ସ୍ତନ୍ୟପାନ କରାଇବା ଦ୍ୱାରା ପ୍ରସବ ପରବର୍ତ୍ତୀ ରକ୍ତ କ୍ଷରଣ ଏବଂ ଆନିମିଆ ହେବାର ଆଶଙ୍କା କମ କରେ । ଶିଶୁକୁ ସଠିକ ପରିମାଣରେ ବ୍ରେଷ୍ଟ ଫିଡିଂ କରାଇଲେ ମେଦ ବହୁଳତା ହେବାର ଆଶଙ୍କା ମଧ କମି ସାଧାରଣ ସ୍ୱାସ୍ଥ୍ୟ ଫେରିଆସେ । ଶିଶୁକୁ ନିୟମିତ ସ୍ତନ୍ୟପାନ କରାଇଲେ ଅବାଞ୍ଛିତ ଗର୍ଭ ଧାରଣର ଆଶଙ୍କା କମିଯାଏ । ବ୍ରେଷ୍ଟ ଫିଡ଼ିଂର ଆଉ ଏକ ଉପକାରିତା ହେଲା ଏହା ବ୍ରେଷ୍ଟ ତଥା ଓଭାରିଆନ କ୍ୟାନସର ଆଶଙ୍କାକୁ ବହୁ ପରିମାଣରେ କମ୍ କରେ । ଯଦି ଆପଣ ଶିଶୁକୁ ନିୟମିତ ଭାବେ ଏବଂ ଅଧିକ ଥର ସ୍ତନ୍ୟପାନ କରାଇବେ ତା'ହେଲେ ଶିଶୁ ସହିତ ଆପଣଙ୍କର ମାନସିକ ସ୍ତରରେ ବୁଝାମଣା ମଧ ଠିକ୍ ରହିବ ।


ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦୂରଭାଷ : ୯୮୬୧୪୬୩୪୦୬


# ଅନୁଚିନ୍ତନରେ ଦେବଭାଷା ସଂସ୍କୃତ

**॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

ସଂସ୍କୃତ ଭାଷାର ପ୍ରାଚୀନତା, ବ୍ୟାପକତା ତଥା ଏହାର ବିପ୍ରତ୍ତି ପାଇଁ ସାଧାରଣରେ ଭାଷା ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତିଟି ଲୋକପାଇଁ ଆଜି ହେଉଛି ଏକ ଅତ୍ୟନ୍ତ ପବିତ୍ରତମ ଦିବସ । ଦେବଭାଷା ସଂସ୍କୃତର ପ୍ରାଚୀନତା କାହାକୁ ବା ଅଜଣା । ଏହି ଭାରତୀୟ ଆର୍ଯ୍ୟ ଭାଷାରୁ ଅଧିକାଂଶ ଭାରତୀୟ ଓ ବିଶ୍ୱ ଭାଷାର ସୃଷ୍ଟି । ଏହି ଭାଷା ଏବେ ବିଲୁପ୍ତ ପ୍ରାୟ । ୨୦୨୦ର ଏକ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଭାରତବର୍ଷରେ ସଂସ୍କୃତ ଭାଷାଭାଷୀଙ୍କ ସଂଖ୍ୟା ୧,୧୪,୧୩୫ ମଧ୍ୟରେ ସୀମିତ । ଏହି ପରିପ୍ରେକ୍ଷୀରେ କର୍ଣ୍ଣାଟକ ଅନ୍ତର୍ଗତ ମାତ୍ତୁର ଗ୍ରାମର ସମସ୍ତ ବାସିନ୍ଦା କେବଳ ଏହି ଭାଷାରେ କଥାବର୍ତ୍ତା ହେଉଥିବା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ସିମୋଗା ସହରଠାରୁ ମାତ୍ର ୧୦ କିମି ଦୂରରେ ଏହି ଗାଁ ଅବସ୍ଥିତ ଏବଂ ଗ୍ରାମବାସୀଙ୍କ ବ୍ୟାବହାରିକ ଭାଷା ସଂସ୍କୃତ । ଉଲ୍ଲେଖନୀୟ ଯେ, ଗ୍ରାମବାସୀଙ୍କର ଜୀବିକା କୃଷି । ୧୯୮୨ ପର୍ଯ୍ୟନ୍ତ ସେମାନଙ୍କର ମାତୃଭାଷା ଥିଲା କନ୍ନଡ଼ । ସେହି ବର୍ଷ ସଂସ୍କୃତ ଭାରତୀ ନାମକ ଅନୁଷ୍ଠାନ ଭାଷା ପ୍ରଚାର ପାଇଁ ବାଛିଥିଲା ମାତ୍ତୁର୍ ଗାଁକୁ । ଅନୁଷ୍ଠାନ ସହ ଜଡ଼ିତ ସ୍ୱେଚ୍ଛାସେବୀମାନେ ଏକ ୧୦ ଦିନିଆ ଶିକ୍ଷା ଯୋଜନାରେ ସଂସ୍କୃତରେ କିପରି କଥାବାର୍ତ୍ତା କରିହେବ ସେଠାକାର ବାସିନ୍ଦାଙ୍କୁ ଶିଖାଇଲେ । ସ୍ଥାନୀୟ ଲୋକେ ମଧ ଆଗ୍ରହରେ ତାହା ଗ୍ରହଣ କଲେ । ଏମିତି ଜଣେ ଅନ୍ୟକୁ ଶିଖାଇଲା । ପିଲାମାନେ ବି ଶିଖିଲେ । କିଛି ବର୍ଷ ମଧ୍ୟରେ ସମସ୍ତେ ପାଲଟିଗଲେ ସଂସ୍କୃତଭାଷୀ ଏବଂ ସେହି ଭାଷାକୁ ବ୍ୟବହାର କଲେ ଭାବ ପରିପ୍ରକାଶ ପାଇଁ । ମାତ୍ତୁର୍‌ବାସୀଙ୍କ ପ୍ରଭାବରେ ଆସି ନିକଟବର୍ତ୍ତୀ ହୋସାହାଲି ଗ୍ରାମର ଲୋକେ ମଧ ଏବେ ସଂସ୍କୃତରେ କଥାବାର୍ତ୍ତା ହେଉଛନ୍ତି । ପୁଣି ମଧ ପ୍ରଦେଶ ଅନ୍ତର୍ଗତ ରାଜଗଡ଼ ଜିଲ୍ଲା ଅନ୍ତର୍ଗତ ଝିରି ଗାଁର ଲୋକେ ମଧ ସଂପ୍ରତି କେବଳ ସଂସ୍କୃତରେ କଥା ହେଉଥିବା ପ୍ରକାଶ । ଏମିତି ଧୀରେ ଧୀରେ ସଂସ୍କୃତ ଭାଷାର ପୁନରୁଦ୍ଧାର ହେଉଛି।

ସାଧାରଣରେ ବେଦ ଭାଷା ବା ଭଗବାନଙ୍କ ଭାଷାରୂପେ ସଂସ୍କୃତକୁ ସମସ୍ତେ ବୁଝନ୍ତି । ତେବେ ଭାରତ ବାହାରେ ଅନେକ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ନେପାଳ, ଶ୍ରୀଲଙ୍କା, ଫିଲିପାଇନସ୍ ପରି କିଛି ବିଦେଶ ରାଷ୍ଟ୍ରରେ ସଂସ୍କୃତ ଭାଷାକୁ ସ୍ଥାନୀୟ ସରକାର ସମ୍ମାନ ଦେବା ସହ ସେମାନଙ୍କର ସରକାରୀ ଭାଷା ସିଡୁଲ୍‌ରେ ସଂସ୍କୃତ ପରି ପ୍ରାଚୀନତମ ଭାଷା ବି ସ୍ଥାନିତ ହୋଇଛି । ତେବେ ସାଧାରଣରେ ହିନ୍ଦୀ ଓ ସଂସ୍କୃତ ଅପେକ୍ଷା ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଯାଇଥିବାରୁ ସଂସ୍କୃତ ଭାଷା କିଛିକାଂଶରେ ପଛୁଆ ପଡ଼ିଯାଇଛି କହିଲେ ଭୁଲ୍ ହେବନାହିଁ । ସଂସ୍କୃତ ଭାଷାକୁ ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, କେରଳ ପରି ରାଜ୍ୟରେ ବହୁତ ଗୁରୁତ୍ୱ ଦିଆଯାଏ । ଏହି ରାଜ୍ୟମାନଙ୍କରେ ସଂସ୍କୃତ ବହିର ବ୍ୟାପକ ବିକ୍ରି ହେବା ସହିତ ସଂସ୍କୃତ ଭାଷାରେ କଥାବାର୍ତ୍ତା ଅଧିକାଂଶ ଲୋକ ହୋଇଥାନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି ହଜାର ହଜାର ବର୍ଷ ତଳର ଏହି ଅତ୍ୟନ୍ତ ଲୋକପ୍ରିୟ ତଥା ଶୁଦ୍ଧ ଭାଷା କିନ୍ତୁ ସରକାରୀ ସ୍ତରରେ ସେପରି ପ୍ରୋତ୍ସାହନ ପାଉନାହିଁ । ବିଶ୍ୱବିଦ୍ୟାଳୟ ବା ବଡ଼ ବଡ଼ ମହାବିଦ୍ୟାଳୟରେ ସଂସ୍କୃତ ଭାଷାକୁ ପାଠ୍ୟକ୍ରମରେ ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ । ଏ କ୍ଷେତ୍ରରେ ବଡ଼ ଅସୁବିଧା ହେଉଛି ସଂସ୍କୃତକୁ ନେଇ କ୍ୟାରିୟର କରିବା ପାଇଁ ସେପରି ନାଁ ବିଭାଗ ଅଛି ନାଁ କର୍ମବୃତ୍ତି । ଯାହାଦ୍ୱାରା ଏହି ଭାଷାକୁ କ୍ୱଚିତ୍ ଛାତ୍ରଛାତ୍ରୀ ଆଗ୍ରହର ସହ ଗ୍ରହଣ କରୁଛନ୍ତି । ଦ୍ୱିତୀୟତଃ ସଂସ୍କୃତ ଭାଷାରେ ବହି, ପତ୍ରପତ୍ରିକାର ପ୍ରଚଳନ କମ୍ । ଦିନଥିଲା ଗାଁ ଗଣ୍ଡା ବା ସହରରେ ଛତୁ ଫୁଟିଲା ପରି ଟୋଲ୍ ସ୍କୁଲ ସବୁ ଖୋଲିଥିଲା । ପରବର୍ତ୍ତୀ ସମୟରେ କିନ୍ତୁ ଏହି ଟୋଲ୍ ଗୁଡ଼ିକ ଏକ ପ୍ରକାର ମୃତପ୍ରାୟ ହୋଇଗଲା । ସରକାରୀ ସ୍ତରରେ ସେପରି ନା ସହାୟତା ରହିଲା ନା ସାଧାରଣରେ ଏହାକୁ ଗ୍ରହଣ କରିବା ପାଇଁ କିଛି ଆଗ୍ରହବୋଧ ! ସଂସ୍କୃତ ଭାଷାକୁ ଅତ୍ୟନ୍ତ ନିଷ୍ଠାର ସହିତ ଶ୍ରଦ୍ଧା ରଖୁଥିବା, କର୍ମକାଣ୍ଡ ବ୍ରାହ୍ମଣ ବା କିଛି ଭିନ୍ନ ରୁଚିର ମେଧାବୀମାନେ ବର୍ତ୍ତମାନ ସଂସ୍କୃତ ଭାଷାକୁ ଗ୍ରହଣ କରୁଛନ୍ତି । ସାଧାରଣରେ ସରକାରୀ ସ୍କୁଲରେ ସଂସ୍କୃତ ପଣ୍ଡିତମାନଙ୍କ ନିଯୁକ୍ତି ପ୍ରକ୍ରିୟା ଏହାଭିତରେ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି । ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ହିନ୍ଦୀ ଓ ସଂସ୍କୃତ ଭାଷାର ପିଲାମାନେ ଅନେକ ସମସ୍ୟା ସାମ୍ନା କରିବା ସହ ସେମାନଙ୍କ ପରୀକ୍ଷା ଫଳ ମଧ ଅଧିକାଂଶ କ୍ଷେତ୍ରରେ ଖରାପ ହୋଇଥିଲା । ତେବେ ଯାହାହେଉନା କାହିଁକି ସଂସ୍କୃତ ଭାଷାକୁ ବିଦେଶରେ କିନ୍ତୁ ଦିନକୁ ଦିନ ଆଗ୍ରହ ରଖୁଛନ୍ତି ବିଦେଶୀମାନେ । ଭାରତରେ ଯେଉଁ ଭାଷା ସୃଷ୍ଟି ହୋଇ ମୃତପ୍ରାୟ ହେବାକୁ ଯାଉଛି ସେ ଭାଷା କିନ୍ତୁ ଦେଶ ବିଦେଶରେ ବେଶ୍ ଆଗ୍ରହ ରଖୁଛି ଜାଣିବା ଓ ଶିଖିବାରେ । ବର୍ତ୍ତମାନ ଛୋଟ ପିଲାଟି ନିଜ ଜେଜ ବା ଗୋସେଇଁ ବାପାଙ୍କ ଅମଳର ସଂସ୍କୃତ ବହିଟି ଦେଖିଲେ ତାକୁ ଏକପ୍ରକାର ବିଚିତ୍ର ଭାଷା ପରି ହୃଦ୍‌ବୋଧ ହେଉଛି । କାରଣ ପିଢ଼ୀ ପରେ ପିଢ଼ୀ ସଂସ୍କୃତ ଭାଷାଟି ସେପରି ଶ୍ରଦ୍ଧା ବା ଭଲ ପାଇବା ପାଉନାହିଁ । ଆସନ୍ତୁ ଆଜିପରି ଏକ ଅନୁଚିନ୍ତନର ଦିବସରେ ସଂସ୍କୃତର ଭାଷାକୁ ଭଲପାଇବାର, ଜାଣିବାର ଶ୍ରଦ୍ଧା ବଢ଼ାଇବାର ସ୍ମରଣୀୟ ଦିବସଟିଏ ହେଉ । ଏହି ଦିବସଟି ଆମ ସମସ୍ତଙ୍କ ପାଇଁ ଏହି ଦେବ ଓ ମହାନ୍ ଭାଷା ପ୍ରତି ମମତାବୋଧକୁ ବଢ଼ାଉ ଏହା ହିଁ କାମନା । ଏହି ପ୍ରସଙ୍ଗରେ ଯୁଗାବତାର ପରମ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – 'ସଂସ୍କୃତ ଭାଷା ହିଁ ହେଉଛି ସମସ୍ତ ଭାଷାର ଆଦିଭାଷା। ଏପରିକି ଇଂରାଜୀ ଭାଷା ମଧ ସଂସ୍କୃତ ଭାଷାରୁ ହିଁ ସୃଷ୍ଟି।' ଶ୍ରୀ ଶ୍ରୀ ଠାକୁର ଆଶା ପ୍ରକାଶ କରିଛନ୍ତି, ଯେ ସଂସ୍କୃତ ଭାଷା ହିଁ ଭାରତର ଜାତୀୟ ଭାଷାର ମାନ୍ୟତା ପାଇବା ଉଚିତ। ସଂସ୍କୃତ ହିଁ ହେଉଛି ଦେବଭାଷା ଓ ଆର୍ଯ୍ୟ ଭାରତ ବର୍ଷର ଋଷି ପରମ୍ପରା ଅନୁଯାୟୀ ସଂସ୍କୃତ ଭାଷାର ଉନ୍ନତି ଉପରେ ଆର୍ଯ୍ୟ ଭାରତ ବର୍ଷର ଉନ୍ନତି, ସଂହତି ଓ ବୈଦିକ ଅନୁଚିନ୍ତନ ତଥା ସର୍ବଧର୍ମ ସମନ୍ୱୟର ପ୍ରଚାର ଓ ପ୍ରସାର ନର୍ଭର କରେ।


ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






# ଛାତ୍ରଛାତ୍ରୀଙ୍କୁ ସାଇବର ଠକେଇ ଓ ପୋସ୍କୋ ଆଇନ ସମ୍ପର୍କରେ ସଚେତନତା

ଧାମନଗର, (ମହାଭାରତ) : ଦିନକୁ ଦିନ ଡିଜିଟାଲ୍ ପ୍ରଯୁକ୍ତିର ବ୍ୟବହାର ବଢ଼ିବା ସହିତ ସାଇବର ଅପରାଧ ମଧ୍ୟ ବୃଦ୍ଧି ପାଉଥିବା ବେଳେ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଧାମନଗର ବ୍ଲକ ଅନ୍ତର୍ଗତ ଇନ୍ଦ୍ର ଗୋବିନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅନ୍ୟମାନଙ୍କୁ ସାଇବର ଅପରାଧର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ କରିବା ସହ ଏଥିରୁ କିପରି ନିଜକୁ ସୁରକ୍ଷିତ ରଖିହେବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଭଦ୍ରକ ସାଇବର ଥାନାର ଆଇଆଇସି ଦୟାନିଧି ଦାସ। ଏସ୍‌ବିଆଇ ବ୍ୟାଙ୍କର ମ୍ୟାନେଜର ସଞ୍ଜୟ କୁମାର ତ୍ରିପାଠୀ,ଇନ୍ଦ୍ର ଗୋବିନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଖଗେଶ୍ୱର ଜେନା ଆଡଭୋକେଟ୍ ତାପସ କୁମାର ମହାନ୍ତିଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମଟି ପ୍ରଥମେ




ଦୀପ ପ୍ରଜ୍ୱଳନ ମାଧ୍ୟମରେ ଆରମ୍ଭ ହୋଇଥିଲା। ଏହାପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରି ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ଆୟୋଜିତ ସାଧାରଣ ସଭାରେ ସାଇବର ଅପରାଧର ବିଭିନ୍ନ ରୂପ, ଏହାର କାରଣ, ଅପରାଧୀମାନଙ୍କ ଠକେଇର ବିଭିନ୍ନ ଉପାୟ ଏବଂ ଏଥିରୁ ରକ୍ଷା ପାଇବାର ଉପାୟ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ।

ବିଶେଷକରି ବର୍ତ୍ତମାନ ସମୟରେ ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ଓ ସୋସିଆଲ୍ ମିଡିଆର ବ୍ୟବହାର ବଢ଼ିଥିବାରୁ ଛାତ୍ରଛାତ୍ରୀମାନେ ଅନଲାଇନ୍ ସୁରକ୍ଷା ପ୍ରତି ଅଧିକ ସଚେତନ ରହିବା ଆବଶ୍ୟକ ବୋଲି ଆଲୋଚନା କରାଯାଇଥିଲା। ଅଜଣା ବ୍ୟକ୍ତିଙ୍କ ଠାରୁ ଆସୁଥିବା ଫୋନ୍ କଲ୍, ମେସେଜ୍, ଇ-ମେଲ୍ କିମ୍ବା ସନ୍ଦେହଜନକ ଲିଙ୍କ୍ ପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିଲା।

ସେହିପରି ଓଟିପି, ଏଟିଏମ କାର୍ଡ ନମ୍ବର, ସିଭିଭି, ପାସୱାର୍ଡ, ବ୍ୟାଙ୍କ ଆକାଉଣ୍ଟ ସୂଚନା ଓ ଅନ୍ୟାନ୍ୟ ବ୍ୟକ୍ତିଗତ ତଥ୍ୟ କୌଣସି ଅଜଣା ବ୍ୟକ୍ତିଙ୍କ ସହ ଶେୟାର ନକରିବାକୁ ସଚେତନ କରାଯାଇଥିଲା। ଅପରାଧୀମାନେ ବିଭିନ୍ନ ସମୟରେ ବ୍ୟାଙ୍କ ଅଧିକାରୀ, ପୋଲିସ, କମ୍ପାନୀ କର୍ମଚାରୀ କିମ୍ବା ପରିଚିତ ବ୍ୟକ୍ତିଙ୍କ ପରି ପରିଚୟ ଦେଇ ଲୋକଙ୍କ ଠାରୁ ଗୋପନୀୟ ତଥ୍ୟ ହାସଲ କରି ଠକେଇ କରୁଥିବା ବିଷୟରେ ମଧ୍ୟ ସଚେତନ କରାଯାଇଥିଲା। ଏହି ଅବସରରେ ପୋକ୍ସୋ ଆଇନ ସମ୍ପର୍କରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ଶିଶୁ ଓ କିଶୋର-କିଶୋରୀମାନଙ୍କ ସୁରକ୍ଷା, ଅନଲାଇନ୍‌ରେ ଅଜଣା ବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନ ସମୟରେ ଆବଶ୍ୟକ ସତର୍କତା ଏବଂ କୌଣସି ଅସୁବିଧା କିମ୍ବା ଅନୁଚିତ ଘଟଣା ଘଟିଲେ ବିଶ୍ୱସନୀୟ ବଡ଼ମାନଙ୍କୁ ଜଣାଇବା ନେଇ ଆଲୋଚନା କରାଯାଇଥିଲା। ସାଇବର ଅପରାଧର ଶିକାର ହେବା ପରେ ଚୁପ୍ ନରହି ତୁରନ୍ତ ଘଟଣା ସମ୍ପର୍କରେ ଅବଗତ କରାଇବା ଜରୁରୀ ବୋଲି ମଧ୍ୟ କୁହାଯାଇଥିଲା। ସନ୍ଦେହଜନକ ଅନଲାଇନ୍ କାରବାର, ଠକେଇ କଲ୍ କିମ୍ବା ଡିଜିଟାଲ୍ ମାଧ୍ୟମରେ ହେଉଥିବା ଅପରାଧ ପ୍ରତି ସଚେତନ ରହିବା ସହ ଆବଶ୍ୟକ ସମୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥାର ସହାୟତା ନେବାକୁ ପରାମର୍ଶ ଦିଆଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ସାଇବର ଅପରାଧର ବିଭିନ୍ନ ଦିଗ ସମ୍ପର୍କରେ ଜାଣିବା ସହ ନିଜେ ସଚେତନ ହେବା ଏବଂ ନିଜ ପରିବାର ଓ ସମାଜର ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାର ବାର୍ତ୍ତା ପାଇଥିଲେ। ବିଦ୍ୟାଳୟ ପରିସରରେ ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ନେଇ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ମଧ୍ୟ ଆଗ୍ରହ ପ୍ରକାଶ କରିଥିଲେ। ଶେଷରେ ବିଦ୍ୟାଳୟ ପକ୍ଷରୁ ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ସାଇବର ଅପରାଧ ବିରୋଧରେ ସଚେତନତା, ସତର୍କତା ଓ ସୁରକ୍ଷିତ ଡିଜିଟାଲ୍ ବ୍ୟବହାର ହିଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ବାର୍ତ୍ତା ରହିଥିଲା।

# ଜିଲ୍ଲା ସ୍ତରୀୟ ସେବା ସଂକଳ୍ପ ଅଭିଯାନର ତର୍କ ପ୍ରତିଯୋଗିତାରେ ପିଏମଶ୍ରୀ ସ୍କୁଲର ଟ୍ୱିଙ୍କିଲରାଣୀ




ରେଢ଼ାଖୋଲ, (ମହାଭାରତ): ଭାରତ ସରକାରଙ୍କ ଆହ୍ୱାନ କ୍ରମେ ଜିଲ୍ଲା ସ୍ତରୀୟ ସେବା ସଂକଳ୍ପ ଅଭିଯାନରେ ସ୍କୁଲ ସ୍ତରରେ ଆରମ୍ଭ କରି ବ୍ଲକ ସ୍ତରରେ ତର୍କ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ରେଢ଼ାଖୋଲ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ରଂଜିତ କୁମାର ଭୋଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯାଜ୍ଞସେନୀ ନାୟକଙ୍କ ସହଯୋଗରେ ବିଚାରକ ମଣ୍ଡଳୀ ମାନଙ୍କ ଦ୍ୱାରା ବ୍ଲକସ୍ତରୀୟ ସେବା ସଂକଳ୍ପ ଅଭିଯାନ ଅଧୀନରେ ସିନିଅର, ଜୁନିଅର, ସବ-ଜୁନିଅର ଛାତ୍ରଛାତ୍ରୀ ମାନଙ୍କର ତର୍କ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଜୁନିଅର ଗ୍ରୁପ ର ତର୍କ ପ୍ରତିଯୋଗିତାରେ ପିଏମଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଖନ୍ଦାଢ଼ିପ ର ଅଷ୍ଟମ ଶ୍ରେଣୀର ଛାତ୍ରୀ ଟ୍ୱିଙ୍କିଲ ରାଣୀ ସାହୁ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ମନୋନୀତ କରାଯାଇଥିଲା। ଜିଲ୍ଲା ସ୍ତରୀୟ ସେବା ସଂକଳ୍ପ ଅଭିଯାନର ପ୍ରତିଯୋଗିତାରେ ଭାଗ ନେଇ ପୁଣି ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିରେ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ,ବ୍ଲକ ଶିକ୍ଷାଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି ଅଞ୍ଚଳବାସୀ ଛାତ୍ରୀଙ୍କୁ ଭୂୟୋଂସୀ ପ୍ରଶଂସା କରିଥିଲେ।

# ଗଜପତିରେ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପ୍ରତିକୂଳ ପାଗ ପାଇଁ ଗର୍ଭବତୀ ମା ମାନଙ୍କୁ ଉଦ୍ଧାର




ପାରଳାଖେମୁଣ୍ଡି, (ମହାଭାରତ) : ଗଜପତି ଜିଲ୍ଲାରେ ପ୍ରତିକୂଳ ପାଗ ଏକ ବିପଦ ବାନ୍ଧିଛି।ସେଥିପାଇଁ ଜିଲ୍ଲା ପ୍ରଶାସନ କିଛି ସତର୍କତାମୂଳକ ପଦକ୍ଷେପ ନେଇଥିବା ବେଳେ କିଛି ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ଏଦିଗରେ ବିରଳ ଉଦ୍ୟମ ଜାରୀ ରଖିଛନ୍ତି।ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଏସ୍.ଡବ୍ଲ୍ୟୁ.ଡବ୍ଲ୍ୟୁ.ଏସ୍. ରାୟଗଡ ବ୍ଲକର ଦୂର୍ଗମ ଗ୍ରାମରୁ ଗର୍ଭବତୀ ମା ମାନଂକୁ ନିଜର ଡମ୍ବାପୁର ମାଗୁହ ଠାରେ ନିଜର ପରିବହନ ଦ୍ୱାରା ଆଣି ରଖିଛନ୍ତି।ସତର୍କତା ମୂଳକ ପଦକ୍ଷେପ ଦ୍ୱାରା ସେମାନେ ସୁଦୂର ଜଲାଂଗ, ଓମେଡା,କରଡାସିଂ ଓ ଗଣ୍ଡାହାତୀରୁ ୧୦ ଜଣ ଗର୍ଭବତୀ ମାଂକୁ ଆଣି ନିଜର ମାଗୁହରେ ରଖିଛନ୍ତି।ଏଥିପାଇଁ ସେମାନଂକ ଡମ୍ବାପୁର କର୍ମୀମାନେ ବହୁ ଉଦ୍ୟମ କରିଥିଲେ।ସେହିଭଳି ଆର୍.ଉଦୟଗିରି ବ୍ଲକର ଡେରବା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ଶିଆଳିଲଟି ଏସଏସଡି ହାଇସ୍କୁଲରେ ବାତ୍ୟାକୁ ଦୃଷ୍ଟିରେ ରଖି ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରିଥିଲେ।ସେହିପରି ନୂଆଗଡ ବ୍ଲକର ପିସ୍ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଖଜୁରିପଦା ମାଗୁହ ଠାରେ ନିକଟସ୍ଥ ଦୂର୍ଗମ ଗ୍ରାମରୁ ଗର୍ଭବତୀ ମା ମାନଂକୁ ଆଣି ରଖିଛନ୍ତି।ସେହିଭଳି ଏହି ସଂଗଠନ ଦ୍ୱାରା ମୋହନା ବ୍ଲକରେ ଦୂରଦୂରାନ୍ତ ଗ୍ରାମ ଯଥା:- ଜାମୁଗଣ୍ଡା,ଆଡାଂକ,କେପାଣିଗଣ୍ଡା, କର୍ଚାବାଡି,ଦମାଦୁଆ,କୋଟାମା, ଶିକୁଲିପଦର ଏବଂ ଧାନାପଦାରୁ ମଧ୍ୟ ବ୍ଲକ ମୁଖ୍ୟ କାର୍ଯ୍ୟାଳୟରେ ଥିବା ମାଗୁହକୁ ୧୦ ଜଣ ମାଂକୁ ଆଣିପାରିଛନ୍ତି।ଉଭୟ ସଂଗଠନ ଦ୍ୱାରା ସେହି ମହିଳାମାନଙ୍କ ପାଇଁ ରହିବା ଓ ଖାଇବାର ସୁବନ୍ଦୋବସ୍ତ କରାଯାଇଛି।ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହ ଯୋଗାଯୋଗ କରାଯାଇ ସେମାନଙ୍କ ଯତ୍ନ ନିଆଯାଉଛି।ନିକଟରେ ଗଜପତି ସିଡିଏମଓ ଓ ଡିପିଏମ୍ ଉକ୍ତ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରି ମାମାନଂକର ଉପଚାର ବ୍ୟବସ୍ଥା ତଦାରଖ କରିଥିଲେ।

# ଛାତରୁ ଖସି ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ, ଚନ୍ଦ୍ରଗିରିରେ ଶୋକର ଛାୟା

ମୋହନା, (ମହାଭାରତ) : ଗଜପତି ଜିଲ୍ଲାର ଚନ୍ଦ୍ରଗିରି ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। ଛାତରୁ ଖସି ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବାରୁ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁସାରେ, କୃଷ୍ଣ ନାମକ ଏହି ଛାତ୍ର ଗୁରୁବାର ଅପରାହ୍ନରେ ସାଙ୍ଗମାନଙ୍କ ସହ ଘର ଛାତ ଉପରେ ବସି ମୋବାଇଲ ଦେଖୁଥିଲେ। ହଠାତ୍ ବର୍ଷା ଆରମ୍ଭ ହେବାରୁ ସେ ତଳକୁ ଆସୁଥିବା ବେଳେ ଓଦା ଛାତରେ ଗୋଡ଼ ଖସି ତଳକୁ ପଡ଼ିଯାଇଥିଲେ। ଫଳରେ ତାଙ୍କ ମୁହଁ, ପାଟି ଓ ଆଖିରେ ଗୁରୁତର ଆଘାତ ଲାଗିଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଚନ୍ଦ୍ରଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ଏମ୍ ?କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ରାସ୍ତାରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ କୃଷ୍ଣଙ୍କ ଘର



ଗଞ୍ଜାମ ଜିଲ୍ଲାର ଟିକରପଡ଼ା ଗ୍ରାମରେ ହୋଇଥିବା ବେଳେ ସେ ଛୋଟବେଳୁ ଚନ୍ଦ୍ରଗିରିସ୍ଥିତ ମାମୁଁଘରେ ରହି ପାଠପଢ଼ା କରୁଥିଲେ। ସେ ଚନ୍ଦ୍ରଗିରି ବାଳକ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଥିଲେ। ଜଣେ ମେଳାପୀ, ଭଦ୍ର ଓ ମେଧାବୀ ଛାତ୍ର ଭାବେ ସେ ସମସ୍ତଙ୍କ ପ୍ରିୟ ଥିବାରୁ ତାଙ୍କ ଅକାଳ ବିୟୋଗରେ ବିଦ୍ୟାଳୟ ସହ ସମଗ୍ର ଚନ୍ଦ୍ରଗିରି ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ୨୫ରେ ଗଜପତିର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ

ପାରଳାଖେମୁଣ୍ଡି, (ମହାଭାରତ) : ଗଜପତି ଜିଲ୍ଲାରେ ଅରେଞ୍ଜ ସତର୍କତା ଜାରି ହୋଇଥିବା ଦୃଷ୍ଟିରେ ଆସନ୍ତା ୨୫ ତାରିଖରେ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏନେଇ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଆଦେଶ ଜାରି କରାଯାଇଛି। ଏହି ଆଦେଶ ଅନୁଯାୟୀ, ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ଏସ୍‌ଏସ୍‌ଡି ବିଭାଗ ଅଧୀନ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଅନୁଦାନପ୍ରାପ୍ତ ଓ ଘରୋଇ ବିଦ୍ୟାଳୟଗୁଡ଼ିକ ମଧ୍ୟ ବନ୍ଦ ରହିବ। ଜିଲ୍ଲାରେ ପାଣିପାଗଜନିତ ପରିସ୍ଥିତି ଓ ପ୍ରବଳ ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିମନ୍ତେ ଏହି ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଆଦେଶକ୍ରମେ ଜିଲ୍ଲା ଶିକ୍ଷାଧିକାରୀ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ସମସ୍ତ ବିଦ୍ୟାଳୟର ମୁଖ୍ୟ ଓ ବ୍ଲକ୍ ? ଶିକ୍ଷାଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ପାଇଁ ଅବଗତ କରାଯାଇଛି।

# ଉଦ୍ୟାନ ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ରେ କର୍ମଚାରି ଅଭାବ। ସହକାର ଉଦ୍ୟାନ ଅଧିକାରୀ ପଦବୀ ପୁରଣ ହେବ କେବେ ?

ଗଜପତି, (ମହାଭାରତ) : ଗଜପତି ଜିଲ୍ଲାରେ ଥିବା ଜିଲ୍ଲା ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ରେ ସହକାରୀ ଉଦ୍ୟାନ ଅଧିକାରୀ ପଦବୀ ଖାଲି ପଡ଼ିଛି । ଜଣେ ତୋ ତ ଧିକ ଦାୟିତ୍ୱ ଗ୍ରହଣ କରୁଛନ୍ତି। ବ୍ଲକ ଲେଭଲ ରେ ଯଦି ସହକାରୀ ଉଦ୍ୟାନ ଅଧିକାରୀ ଖାଲି ପଡ଼ିବ ତେବେ ଉଦ୍ୟାନ ଚାଷୀ ଙ୍କ ଉନ୍ନତି ହେବ କିପରି। ତେଣୁ ନୂତନ ସରକାର ଯଦି ଏଥି ପ୍ରତି ଗୁରୁତ୍ୱ ଦେଲେ ଜିଲ୍ଲାର ବିକାଶ ହୋଇ ପାରିବ ବୋଲି ଜିଲ୍ଲା ବାସୀ ଆଶା ପ୍ରକଟ କରିଛନ୍ତି।

# ଉଦଘାଟନକୁ ଅପେକ୍ଷା କରିଛି ଓଡ଼ଗାଁ ଅତ୍ୟାଧୁନିକ ବସଷ୍ଟାଣ୍ଡ

ଓଡ଼ଗାଁ, (ମହାଭାରତ): ଓଡ଼ଗାଁର ଅତ୍ୟାଧୁନିକ ବସଷ୍ଟାଣ୍ ଉଦଘାଟନକୁ ଅପେକ୍ଷା କରିଛି।ଯୁଦ୍ଧକାଳୀନ ଭିତିରେ ବସଷ୍ଟାଣ୍ତ କାମ ସାରିବାକୁ ନିର୍ଦ୍ଧେଶ ମିଳିବାପରେ ସମସ୍ତ କାମ ଶେଷହୋଇଛି।ଗତ ଜୁଲାଇ ମାସ ୨୩ ତାରିଖରେ ଏହାର ଉଦଘାଟନ ହେବାର ଥିଲା ମାତ୍ର ଉଦଘାଟନକୁ ସରକାରୀ ସ୍ତରରେ ବାତିଲକରି ଦିଆଗଲା।ଏବେ ୨ମାସ ବିତିବାକୁ ବସିଥିଲେ ମଧ୍ୟ ଉଦଘାଟନ ହେବାର ନା ଗନ୍ଧନାହିଁ।ଫଳରେ ଯାତ୍ରୀ,ରୋଗୀ ଓ ମହିଳାମାନେ ବସକୁ ଅପେକ୍ଷା କରିବାକୁ ଆସି ଦହଗଞ୍ଜ ହେଉଛନ୍ତି। ସୂଚନା ଅନୁଯାୟୀ ଓଡ଼ଗାଁରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅତ୍ୟାଧୁନିକ ବସଷ୍ଟାଣ୍ତ ନିର୍ମାଣପାଇଁ ୯କୋଟି ଟଙ୍କା ବ୍ୟୟବରାଦ ହେଲା। ଭିତିପ୍ରସ୍ଥର ସ୍ଥାପନକୁ ୩ବର୍ଷ ବିତିବାକୁ ବସିଥିଲେ ମଧ୍ୟ ବସଷ୍ଟାଣ୍ଡ ଉଦଘାଟନ ନହୋଇ ପଡ଼ିରହିଛି।୨୦୨୩ ମସିହାରେ ପୂର୍ବ ସରକାର ଓଡ଼ଗାଁରେ ଅତ୍ୟାଧୁନିକ ବସଷ୍ଟାଣ୍ତ କରିବାକୁ ଯୋଜନା କାର୍ଯ୍ୟକାରୀ କଲେ।ଓଡ଼ିଶା ପୁଲିସ ହାଉସିଂ ବୋର୍ଡ଼ ଓ ୱେଲଫେୟାର କର୍ପୋରେସନ ଲିମିଟେଡ଼ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବାପରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଟେଣ୍ଡରହୋଇ କାର୍ଯ୍ୟ ଆରମ୍ଭ ହେଲା।ଓଡ଼ଗାଁରୁ ନୟାଗଡ଼ ୩୦ କିଲୋମିଟର ଦୂରତା ହୋଇଥିବା ବେଳେ ଏହା ୨୧ନଂ ରାଜ୍ୟ ରାଜପଥ ଦେଇ ଯିବାକୁ ପଡୁଛି।ଏହି ରାସ୍ତା ଦେଇ ପୁରୀ,ଭୁବନେଶ୍ୱର,କଟକ, ରାଉରକେଲା,ସମ୍ବଲପୁର,କନ୍ଧମାଳ, ଜୟପୁର,ଭବାନୀପାଟଣା, ମାଲକାନାଗିରି,କନ୍ଧମାଳ,ଆନ୍ଧ୍ରକୁ ସଂଯୋଗ କରୁଥିବାରୁ ପ୍ରତି ମୂହୁର୍ତରେ ଯାତ୍ରୀମାନେ ଯିବାଆସିବା କରୁଛନ୍ତି। ଲୋକଙ୍କ ସୁବିଧାକୁ ଲକ୍ଷ୍ୟ ରଖି ସରକାର ଆମ ବସଷ୍ଟାଣ୍ତ ନିର୍ମାଣ କରିବାକୁ ଯୋଜନା କରିଥିଲେ।ଯାତ୍ରୀ ବସରୁ ଓହ୍ଲାଇ ରାତିରେ କେଉଁଠି ରହିବେ,କାହା ପାଖରେ ରହିବେ ଏବଂ ଚୋରି ଡ଼କାୟତି ଭୟ ମଧ୍ୟ ସେମାନଙ୍କୁ ବ୍ୟତିବ୍ୟସ୍ତ କରିପକାଉଛି। ଏହାସହିତ ନିଜ ଜୀବନ ପ୍ରତି ବିପଦ ସୃଷ୍ଟିହେଉଛି ବୋଲି କିଛିଯାତ୍ରୀ କହିଛନ୍ତି।ଅନେକ ବ୍ୟକ୍ତିଙ୍କ ଠାରୁ ରାଜରାସ୍ତାରେ ଚୋରି ହେଉଥିଲେ ମଧ୍ୟ ରାତିରେ ଯାତ୍ରୀ ନିରାପଦ କିଭଳି ରହିବେ ତାକୁ ନେଇ ପ୍ରଶ୍ନ ଠିଆହୋଇଛି।ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି ବସଷ୍ଟାଣ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ତାହା ଚାଲୁ ନକରିବା ପଛରେ କି କାରଣ ରହିଛି। ଏହି ବସଷ୍ଟାଣ୍ତକୁ ନେତା,ମନ୍ତ୍ରୀ ଉଦଘାଟନ ଜରୁରୀ କି ଲୋକଙ୍କ ସ୍ୱାର୍ଥ ଜରୁରୀ ବୋଲି ସେମାନେ କହି ଅସନ୍ତୋଷ ଝାଡ଼ିଛନ୍ତି। ଅଧରାତିରେ ଯାତ୍ରୀ ଆସି ବସକୁ ବାହାରେ ଅପେକ୍ଷା କରୁଛି କିମ୍ବା ମହିଳାଯାତ୍ରୀ ମଦ୍ୟପଙ୍କ କବଳରେ ପଡ଼ି ଧନ,ଜୀବନ ହରାଉଛି ଏଥିପାଇଁ ଦାୟୀ କିଏବୋଲି ଯାତ୍ରୀମାନେ କହିଛନ୍ତି।ଯାତ୍ରୀମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱଦେଇ ତୁରନ୍ତ ବସଷ୍ଟାଣ୍ତ ଚାଲୁ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଖବର ପ୍ରସାରଣର ପରେ ମରାମତି ହେଲା ଅଚଳ ନଳକୂପ

ଲାଞ୍ଜିଗଡ଼, (ମହାଭାରତ): ଖବର ପ୍ରସାରଣର ପ୍ରଭାବ। ଶେଷରେ ମରାମତି ହେଲା ବଟକା ଗ୍ରାମର କୁମ୍ ପଡ଼ାର ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଥିବା ଏକମାତ୍ର ନଳକୂପ।ଏହାପରେ ପାନୀୟ ଜଳ ପାଇଁ ହଇରାଣ ହେଉଥିବା ପଡ଼ାବାସୀଙ୍କ ମୁହଁରେ ହସ ଫୁଟିଛି।ସୂଚନା ଅନୁସାରେ କୁମ୍ ପଡ଼ାରେ ଥିବା ଏକମାତ୍ର ନଳକୂପଟି ଦୀର୍ଘ ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଅଚଳ ହୋଇ ପଡ଼ିଥିଲା।ଫଳରେ ପଡ଼ାର ପ୍ରାୟ ୬ଟି ପରିବାରର ୧୫ରୁ ଊର୍ଦ୍ଧ୍ୱ ଲୋକ ପାନୀୟ ଜଳ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ।ନଳକୂପ ଅଚଳ ହେବା ପରେ ଲୋକେ ଜମି ହୁଡ଼ା ତଳେ ବୋହି ଯାଉଥିବା ପାଣି ସଂଗ୍ରହ କରି ବ୍ୟବହାର କରୁଥିଲେ।ଏପରିକି ବେଳେବେଳେ ପ୍ରାୟ ଏକ କିଲୋମିଟର ଦୂର ଧରାଭଟା ଗାଁରୁ



ପାଣି ଆଣିବାକୁ ପଡୁଥିଲା।ଏନେଇ ପଡ଼ାବାସୀଙ୍କ ଅଭିଯୋଗକୁ ନେଇ ଖବର ପ୍ରସାରଣ କରାଯାଇଥିଲା।ଖବର ପ୍ରସାରଣ ପରେ ଏହି ସମସ୍ୟାକୁ ନେଇ ସମାଜସେବୀ ତଥା ରାଜୀବଗାନ୍ଧୀ ସେବା ସଂଗଠନର ଲାଞ୍ଜିଗଡ଼ ଆବାହକ ମୁଲୁ ମାଝୀ ଯୁବ ସାମ୍ବାଦିକ ମଳୟ ବେନୁଆଁ ସହ ଯୋଗାଯୋଗ କରିଥିଲେ।ପରେ ସେ ପାନୀୟ ଜଳ ବିଭାଗର ଯନ୍ତ୍ରୀ ଓ ଏସିଏମ୍ ମାନଙ୍କ ସହ ଯୋଗାଯୋଗ କରି ନଳକୂପ ମରାମତି ପାଇଁ ପଦକ୍ଷେପ ନେଇଥିଲେ।ତାଙ୍କ ପ୍ରଚେଷ୍ଟା ପରେ ଶେଷରେ ଅଚଳ ନଳକୂପଟିର ମରାମତି କରାଯାଇଛି।ନଳକୂପ ମରାମତି ପରେ ପଡ଼ାବାସୀଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇଥିବାରୁ ଲୋକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।ଦୀର୍ଘଦିନ ଧରି ଲାଗି ରହିଥିବା ପାନୀୟ ଜଳ ସମସ୍ୟା ଖବର ମାଧ୍ୟମରେ ସାମ୍ନାକୁ ଆସିବା ପରେ ଏହାର ସମାଧାନ ହୋଇଥିବାରୁ ପଡ଼ାବାସୀ ସମାଜସେବୀ ମୁଲୁ ମାଝୀଙ୍କୁ ଧନ୍ୟବାଦ ଜଣାଇବା ସହ ଖବର ପ୍ରସାରଣ କରି ସେମାନଙ୍କ ସମସ୍ୟାକୁ ସାମ୍ନାକୁ ଆଣିଥିବା ଗଣମାଧ୍ୟମ ପ୍ରତିନିଧି ମଳୟ ବେନୁଆଁଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ଖବର ପ୍ରସାରଣ ପରେ ସମାଜସେବୀ ମୁଲୁ ମାଝୀଙ୍କ ପ୍ରଚେଷ୍ଟାରେ ପାନୀୟ ଜଳ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇ ଅଚଳ ନଳକୂପର ମରାମତି କରାଯାଇଛି। ଏବେ ଦୀର୍ଘ ୬ ମାସର ଜଳ ଯନ୍ତ୍ରଣାରୁ ମୁକ୍ତି ପାଇଛନ୍ତି କୁମ୍ ପଡ଼ାବାସୀ।

## ବର୍ଷାରେ ଭାଙ୍ଗିଗଲା ମାଟିଘର, ମାଙ୍କ ସହ ଦୁଇ ଝିଅ ଆହତ



ପାଟଣାଗଡ ( ମହାଭାରତ): ବର୍ଷା ଆଣିଲା ଦୁଃଖର ପାହାଡ଼। ମୁଣ୍ଡ ଉପରେ ଛାତ ହୋଇ ରହିଥିବା ମାଟି ଘର ଭୁଶୁଡ଼ି ପଡ଼ିବାରୁ ମାଆଙ୍କ ସହ ଦୁଇ ଝିଅ ଗୁରୁତର। ଅସହାୟ ପରିବାର ଏବେ ହସ୍ପିଟାଲରେ। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଲରମ୍ବା ଗ୍ରାମ ପଞ୍ଚାୟତର କୁତୁର୍ଲା ଗାଁରେ। ସୂଚନା ଅନୁସାରେ, ସ୍ୱର୍ଗତ ସହଦେବ ପର୍ଡିଆଙ୍କ ପତ୍ନୀ ସରସ୍ୱତୀ ପର୍ଡିଆ ନିଜର ଚାରି ଝିଅଙ୍କୁ ନେଇ ଅତ୍ୟନ୍ତ ଦୁଃଖକଷ୍ଟରେ ଜୀବନ ବିତାଉଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ଚଳାଇବା ତାଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ତେବେ ଲଗାଣ ବର୍ଷା ଯୋଗୁଁ ମାଟି ଘର ଭୁଶୁଡ଼ି ପଡ଼ିବାରୁ ସରସ୍ୱତୀ ପର୍ଡିଆଙ୍କ ସହ ଦୁଇ ଝିଅ ଗୁରୁତର ହୋଇଥିବା ଜଣାପଡ଼ିଛି। ଗାଁବାସୀ ତୁରନ୍ତ ମାଟି ତଳୁ ସେମାନଙ୍କୁ ଉଦ୍ଧାର କରିଥିଲେ। ବର୍ତ୍ତମାନ ସରସ୍ୱତୀ ପର୍ଡିଆ, ଦୀପା ପର୍ଡିଆ ଓ ଲିପା ପର୍ଡିଆ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି। ସ୍ୱାମୀଙ୍କୁ ହରାଇ ଚାରି ଝିଅଙ୍କୁ ନେଇ ସଂଘର୍ଷ କରୁଥିବା ଏହି ପରିବାର ଉପରେ ଏବେ ବର୍ଷା ଆଣିଦେଇଛି ଆଉ ଏକ ବଡ଼ ବିପଦ। ତେଣୁ ପ୍ରଶାସନ ପକ୍ଷରୁ ଏହି ଅସହାୟ ପରିବାରକୁ ତୁରନ୍ତ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## କୁଦାବେଡାରେ ଶ୍ରୀ ଶ୍ରୀ ଲୋକନାଥ ମନ୍ଦିରର ରତ୍ନମୁଦ ଉତ୍ସବ

ପାଟଣା:-(ମହାଭାରତ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ କୁଦାବେଡା ଗ୍ରାମରେ ଶ୍ରୀ ଶ୍ରୀ ଲୋକନାଥ ମନ୍ଦିରର ରତ୍ନମୁଦ ଉତ୍ସବ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଧାର୍ମିକ ଉତ୍ସବରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ସାହାରପଡା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ କୁମାର ମହାନ୍ତ, କନିଷ୍ଠ ଯନ୍ତ୍ରୀଙ୍କ ସମେତ ବ୍ଲକର ଅନ୍ୟାନ୍ୟ ସହଯୋଗୀ କର୍ମଚାରୀ ଉପସ୍ଥିତ ଥିଲେ। ରତ୍ନମୁଦ ଉତ୍ସବରେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଗୌରହରି ମହାନ୍ତ ଓ ତାଙ୍କ ଧର୍ମପତ୍ନୀ ସାବିତ୍ରୀ ମହାନ୍ତ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଧାର୍ମିକ ରୀତିନୀତି ଅନୁଯାୟୀ ଉତ୍ସବ ସମ୍ପନ୍ନ ହୋଇଥିବା ବେଳେ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଓ ଭକ୍ତିଭାବ ପରିଲକ୍ଷିତ ହୋଇଥିଲା।

## ଷ୍ଟେଟବ୍ୟାଙ୍କର ଶ୍ରେଷ୍ଠ ଗ୍ରାହକ ଭାବେ ସମ୍ବର୍ଦ୍ଧିତ ହେଲେ ସମୀର

**କେନ୍ଦ୍ରାପଡ଼ା:**ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ସମୀର ଟିଭିଏସର ନିର୍ଦ୍ଦେଶକ ସମୀର କୁମାର ଚାନ୍ଦଙ୍କୁ ଶ୍ରେଷ୍ଠ ଗ୍ରାହକ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟି ବୈଠକରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ଚାନ୍ଦଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ରମାକାନ୍ତ ମାଝୀ ଯୋଗଦେଇ ଷ୍ଟେଟବ୍ୟାଙ୍କର ଶ୍ରେଷ୍ଠ ଗ୍ରାହକ ଶ୍ରୀ ଚାନ୍ଦଙ୍କ ବ୍ୟବସାୟୀକ ବୁଦ୍ଧିମତା, ଉତ୍ତମ ବ୍ୟବହାର ଓ ସମାଜସେବା କ୍ଷେତ୍ରରେ ତାଙ୍କ ଅବଦାନ ସମ୍ପର୍କରେ ବିଷଦ ଭାବେ ବର୍ଣ୍ଣନା କରିଥିଲେ। ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାର ମୁଖ୍ୟ ପରିଚାଳକ ଅର୍କଜ୍ୟୋତି ଭଟ୍ଟାଚାର୍ଯ୍ୟ ଯୋଗଦେଇ ଶ୍ରୀ ଚାନ୍ଦଙ୍କ ବ୍ୟବସାୟିକ କଳାକୌଶଳ, ଶତାଧିକ କର୍ମଚାରୀଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ଏବଂ ଗ୍ରାହକମାନଙ୍କୁ ଉତ୍ତମ ସେବା ପ୍ରଦାନ ଯୋଗୁଁ ଦିନକୁ ଦିନ ତାଙ୍କ ବ୍ୟବସାୟର ଅଭିବୃଦ୍ଧି ହୋଇଚାଲିଥିବା କହିଥିଲେ। ସବୁ ଦୃଷ୍ଟିରୁ ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାର ଜଣେ ଶ୍ରେଷ୍ଠ ଗ୍ରାହକ ଭାବରେ ଶ୍ରୀ ଚାନ୍ଦଙ୍କୁ ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଶ୍ରୀ ଭଟ୍ଟାଚାର୍ଯ୍ୟ କହିଛନ୍ତି। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବ୍ୟାଙ୍କର ପ୍ରତିନିଧି ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କୁ ବାରମ୍ବାର ଥାନାରୁ ଜାମିନ ଦେବା ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ଏସପିଙ୍କୁ ଦାବି



**କେନ୍ଦ୍ରାପଡ଼ା:**କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ, ପାଟକୁରା ଓ ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳରେ ଦଳିତ ସୂଚନା ଅଧିକାର କର୍ମୀଙ୍କୁ ଘରେ ପଶି ଆକ୍ରମଣ କରିବା ଘଟଣାର ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଅଭିଯୁକ୍ତମାନଙ୍କୁ ବାରମ୍ବାର ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଦେଉଛି। ଫଳରେ ଅପରାଧୀ ମାନେ ଅଧିକ ଉତ୍ସାହିତ ହୋଇ ଆକ୍ରମଣ କରୁଥିବା ନେଇ ଏସପି ସିଦ୍ଧାର୍ଥ କଟାରିଆଙ୍କ ନିକଟରେ ଅଭିଯୋଗ ହୋଇଛି। ଆଜି ରାଜ୍ୟ ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଓ କେନ୍ଦ୍ରାପଡ଼ା ଜିଲ୍ଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ସମେତ ସୂଚନା ଅଧିକାର କର୍ମୀ ତଥା ପାଟକୁରା ଥାନାର ପୀଡିତ ରମାକାନ୍ତ ମାହାଳି, ମାର୍ଶାଘାଇ ଥାନାର ପୀଡିତ ଜନକର ଜେନା, ମାନସ ଆଚାର୍ଯ୍ୟ ଓ ଜମ୍ବୁ ସାମୁଦ୍ରିକ ଥାନାର ପୀଡିତ ଅମିତାଭ ଚାନ୍ଦଙ୍କ ସମେତ ସୂଚନା ଅଧିକାର କର୍ମୀ ପ୍ରବେଶ ମହାପାତ୍ର, ଆଳୟ ସାମନ୍ତରାୟ, ସୁମନ୍ତ ସେଠୀ ପ୍ରମୁଖ ଏସପି ଶ୍ରୀ କଟାରିଆଙ୍କୁ ତାଙ୍କ ଜଜାଙ୍ଗସ୍ଥିତ କାର୍ଯ୍ୟାଳୟରେ ଭେଟି ଏଭଳି ଅଭିଯୋଗ କରିଥିଲେ। କିଭଳି ଭାବେ ଜଣେ ଅଭିଯୁକ୍ତକୁ ବାରମ୍ବାର ଥାନାରୁ ଜାମିନ ଦିଆଯାଉଛି ଏବଂ ସେ ଉତ୍ସାହିତ ହୋଇ ଅଧିକ ଆକ୍ରମଣ କରୁଛି ତାହାର ତଦନ୍ତ କରାଯିବ ବୋଲି ଏସପି ଶ୍ରୀ କଟାରିଆ ସେମାନଙ୍କୁ ପ୍ରତିଶୃତି ଦେଇଥିବା ଜଣାପଡିଛି।

## କୁଆଁରିଆ ଡ୍ୟାମରୁ ବନ୍ୟାଜଳ ନିଷ୍କାସନ, ତଳିଆ ଅଞ୍ଚଳକୁ ସତର୍କ ସୂଚନା




ଦଶପଲ୍ଲା,(ମହାଭାରତ): ଲଗାତାର ଦୁଇ ଦିନ ଧରି ଲାଗି ରହିଥିବା ପ୍ରବଳ ବର୍ଷା ଓ ସମ୍ଭାବ୍ୟ ବାତ୍ୟା ପ୍ରଭାବକୁ ଦୃଷ୍ଟିରେ ରଖି କୁଆଁରିଆ ଜଳଭଣ୍ଡାରରୁ ବଳକା ଜଳ ନିଷ୍କାସନ ଆରମ୍ଭ ହୋଇଛି। ଦଶପଲ୍ଲା ତଥା ଡ୍ୟାମ୍‌ର ଉପରମୁଣ୍ଡ ଏବଂ ଆଖପାଖ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ଜଳଭଣ୍ଡାରରେ ଜଳପତନ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଥିଲା। ଏହାକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ଡ୍ୟାମ୍‌ର ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳ ନିଷ୍କାସନ ଯୋଗୁଁ ତଳମୁଣ୍ଡରେ ଜଳସ୍ତର ବଢ଼ିବାର ସମ୍ଭାବନା ଥିବାରୁ ପ୍ରଶାସନ ଓ ଜଳସେଚନ ବିଭାଗ ପକ୍ଷରୁ ନଦୀକୂଳିଆ ତଥା ଡ୍ୟାମ୍ ନିକଟବର୍ତ୍ତୀ ଗ୍ରାମବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ନଦୀ ନାଳକୁ ନ ଯିବା ଏବଂ ସତର୍କତା ଅବଲମ୍ବନ କରିବା ଲାଗି ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଉଛି।

## ସିଂହ ବାହିନୀ ଫାର୍ମରସ୍ ପ୍ରଡ୍ୟୁସର କମ୍ପାନୀ ପକ୍ଷ ରୁ ସମନ୍ୱୟ ସଭା ଅନୁଷ୍ଠିତ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରେ ଆଗଧାଡ଼ି ର ସିଂହ ବାହିନୀ ଫାର୍ମରସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ପକ୍ଷ ରୁ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇ ଛି। କାର୍ଯ୍ୟକ୍ରମ କୁ ସୁଚରିତା ମହାନ୍ତ ପରିଚାଳନା କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ ବିଏଲସି ରଞ୍ଜନ ନାୟକ, ସିଂହ ବାହିନୀ ଫାର୍ମରସ ପ୍ରଡ୍ୟୁସର କମ୍ପାନୀ ର ସିଇଓ ପଦ୍ମ ଲୋଚନ ନାଏକ, କୋଷାଧକ୍ଷ ସୁନୀଲ କୁମାର ମହାନ୍ତ,ସିସି ବନବାସୀ ମହାରଣା,ଏସଏସି ଅମିତ୍ ମିଶ୍ର, ତଥା ପାଞ୍ଚ ନିର୍ଦ୍ଦେଶକା ପ୍ରଭାସିନୀ ମହାନ୍ତ, ସୁବାସିନୀ ନାଏକ, ରୁକ୍ମଣୀ ନାଏକ, ଅନୁସ୍ୟା ମହାନ୍ତ, ମକରୀ ମହାନ୍ତ ଙ୍କ ଉପସ୍ଥିତ ରେ କମ୍ପାନୀ ଆଗାମୀ ବର୍ଷ କିପରି କାର୍ଯ୍ୟରେ ଅଗ୍ରଗତି ଉନ୍ନତି କରିପାରିବ ତାହା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ୨୪ଟି ପ୍ରଡ୍ୟୁସର ଗ୍ରୁପ ର ୧୫୦ଜଣ ମହିଳା ସଦସ୍ୟ ଉପସ୍ଥିତ ଥିଲେ।

## ଜୀବନ ସହ ସଂଘର୍ଷ କରୁଛନ୍ତି କିଡନୀ ରୋଗରେ ପୀଡିତ ସ୍ୱତାମ୍ବର

**ମାଲକାନଗିରି/ କାଲିମେଳା:** ମାଲକାନଗିରି ଜିଲ୍ଲା ଏମଭି-୭୯ ନିକଟ ନୂଆଗୁଡାର ସତାମ୍ବର ସୁନା କିଡ଼ନି ରୋଗରେ ପୀଡ଼ିତ ହୋଇ ମେଡିକାଲ ଶଯ୍ୟାରେ ଜୀବନ ସହ ସଂଘର୍ଷ କରୁଛନ୍ତି। ଯୁବାବସ୍ଥାରେ ଗୁରୁତର କିଡ଼ନି ସମସ୍ୟାରେ ପୀଡ଼ିତ ହେବାରୁ ତାଙ୍କ ପରିବାର ଉପରେ ଦୁଃଖର କଳା ବାଦଲ ମାଡି ଆସିଛି। ସ୍ତ୍ରୀ ଓ ଦୁଇ ସନ୍ତାନଙ୍କୁ ନେଇ ସତାମ୍ବର ସୁନାଙ୍କ ଛୋଟ ପରିବାର । ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି । ସେ କିଡନି ରୋଗରେ ପୀଡିତ ଥିବାରୁ ଏବେ ତାଙ୍କ ପରିବାର କିପରି ଚଳିବେ ସେହି ଚିନ୍ତାରେ। ସେ ଶଯ୍ୟାଶାୟୀ ହୋଇଥିବାରୁ ପରିବାରର ଆର୍ଥିକ ସ୍ଥିତି ମଧ୍ୟ ଦୁର୍ବଳ ହୋଇପଡ଼ିଛି ।ସେ ଜଣେ ସ୍ନାତକ ଦିନ ମଜୁରିଆ ଅଟନ୍ତି । ସେ ବହୁତ ଥର ସରକାରୀ ଚାକିରୀ ଖଣ୍ଡିଏ ପାଇଁ ଆବେଦନ କରିଥିଲେ ମଧ୍ୟ ଆର୍ଥିକ ସମସ୍ୟା ପାଇଁ ସେ ସେଠାରୁ ନିଯୁକ୍ତି ନ ପାଇ ସେ ଚାଲିଆସୁଥିଲେ । ତାଙ୍କର ନିୟମିତ ଚିକିତ୍ସା ଓ ଔଷଧ ଖର୍ଚ୍ଚ ଯୋଗାଡ଼ ଚିକିତ୍ସାରେ ଅର୍ଥ ବାଧକ



ପରିବାର ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି । ସ୍ୱାମୀଙ୍କ ଚିକିତ୍ସା ଓ ପିଲାମାନଙ୍କ ଭବିଷ୍ୟତକୁ ନେଇ ପରିବାର ଚିନ୍ତିତ । ସ୍ୱାସ୍ଥ୍ୟ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିବାରୁ ପୁରା ପରିବାର ଏବେ ସତମ୍ବରଙ୍କୁ ନେଇ କୋରାପୁଟ ମେଡିକାଲ କଲେଜରେ ସଂଘର୍ଷ କରୁଥିବା ଦେଖିବାକୁ ମିଳିଛି। ଏଭଳି ପରିସ୍ଥିତିରେ ସତମ୍ବର ସୁନାଙ୍କ ଉତ୍ତମ ଚିକିତ୍ସା ଓ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ପ୍ରଶାସନ, ଜନପ୍ରତିନିଧି ସମାଜସେବୀ ମାନଙ୍କ ନିକଟରେ ନିବେଦନ କରାଯାଇଛି। ଗରିବ ଓ ଅସହାୟ ପରିବାରକୁ ସରକାରୀ ସହାୟତା କିମ୍ବା କୌଣସି ସହାୟତା ମିଳିପାରିଲେ ପରିବାରକୁ ଆଶ୍ୱସ୍ତି ମିଳିବା ସହ ଉତ୍ତର ଚିକିତ୍ସା ମଧ୍ୟ ହୋଇ ପାରନ୍ତା ବୋଲି ଆଶା ପ୍ରକାଶ କରିଛନ୍ତି ପରିବାର ଲୋକେ ।

## ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୫ବର୍ଷ ସଶ୍ରମ କାରାଦଣ୍ଡ
### ୫୦ହଜାର ଜରିମାନା ସହ ପିଡିତାଙ୍କୁ ୧୦ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା:**ଏକ ନାବାଳିକା ଗଣଦୁଷ୍କର୍ମ ମାମଲାର ବିଚାର କରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ପ୍ରଜ୍ଞା ପାରମିତା ରାଉଳ ଦୋଷୀକୁ ୨୫ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୫୦ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଆଉ ଏକ ବର୍ଷ ଅତିରିକ୍ତ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଦଣ୍ଡିତ ଅଭିଯୁକ୍ତ ଜଣକ ହେଉଛନ୍ତି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସାଂକୁପା ଗ୍ରାମର ଗୌରାଙ୍ଗ ସେଠୀ(୫୮)। ଘଟଣାର ବିବରଣୀ ଅନୁଯାୟୀ୨୦୨୩ ମସିହାରେ ନାବାଳିକା ଜଣକ ଗ୍ରାମ ନିକଟସ୍ଥ ବଜାରରୁ ଘରକୁ ଫେରୁଥିବା ବେଳେ ନାବାଳିକାଙ୍କୁ ବାଟରେ ଅଟକାଇ ଅଭିଯୁକ୍ତମାନେ ଘରକୁ ଡାକି ନେଇ ମୁହଁ ବନ୍ଦ କରି ଜଣଙ୍କ ପରେ ଜଣେ ଦୁଷ୍କର୍ମ କରିଥିଲେ ଏବଂ କାହାକୁ କହିଲେ ପରିବାରକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଉକ୍ତ ଘଟଣାରେ ନାବାଳିକା ଜଣକ ଘଟଣାର ପ୍ରାୟ ୬ ମାସ ପରେ ଅସୁସ୍ଥ ହୋଇପଡିଥିଲେ। ପିଡିତାଙ୍କୁ ଡାକ୍ତରଖାନାରେ ପରୀକ୍ଷା କରାଇବା ପରେ ସେ ୬ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏହାପରେ ପରିବାର ପକ୍ଷରୁ ୨୦୨୩ ମସିହା ସେପଟ୍ଟେମ୍ବର ୯ ତାରିଖରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ସେହି ଅଭିଯୋଗକୁ ଭିତ୍ତି କରି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ କେସ୍ ନଂ ୪୮୧/୨୦୨୩ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ କୋର୍ଟରେ ଅଭିଯୋଗଫର୍ଦ୍ଦ ଦାଖଲ କରିବା ପରେ ମକଦ୍ଦମାର ବିଚାର ଆରମ୍ଭ ହୋଇଥିଲା। ସେହି ମକଦ୍ଦମାର ବିଚାର ସମୟରେ କୋର୍ଟ ୧୭ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ପୋକ୍ସୋ ଆକ୍ଟର ଧାରା ୬ ଅଧିନରେ ଅଭିଯୁକ୍ତ ଗୌରାଙ୍ଗ ସେଠୀଙ୍କୁ ଦୋଷୀ ସାବ୍ୟସ୍ତ କରି ୨୫ ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ମାମଲାର ଅନ୍ୟ ଦୁଇ ଅଭିଯୁକ୍ତଙ୍କ ନାମରେ ମକଦ୍ଦମା ବିଚାରାଧୀନ ରହିଛି। ସେହି ଦୁଇଜଣ ଫେରାର ଥିବା ଦର୍ଶାଯାଇଛି। ପୀଡ଼ିତାଙ୍କ ମାନସିକ ଆଘାତକୁ ଦୃଷ୍ଟିରେ ରଖି ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନେହେରୁ କୁମାର ସାହୁ ଏହି ମାମଲାଟି କୋର୍ଟରେ ସରକାରଙ୍କ ପକ୍ଷରୁ ପରିଚାଳନା କରୁଥିଲେ।

## ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ

ଓଡ଼ଗାଁ,(ମହାଭାରତ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଘଌଌ) ଦିବସ ପାଳିତ ହୋଇଯାଇଛି INSSe ମୂଳ ଆଦର୍ଶ "ମୁଁ ନୁହେଁ,ତୁମେ" ଏବଂ "ସେବା ମାଧ୍ୟମରେ ଶିକ୍ଷା" ଆଧାରରେ ସ୍ୱେଚ୍ଛାସେବୀମାନଙ୍କୁ ସମାଜସେବା, ଦାୟିତ୍ୱବୋଧ,ଏକତା ଓ ମାନବିକତାର ମହତ୍ତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା ।ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଭାବଗ୍ରାହୀ କର ଅଧ୍ୟକ୍ଷତା କରି ସେବାଧର୍ମର ମହନୀୟତା ଓ ସମାଜପ୍ରତି ଯୁବପିଢ଼ିର ଦାୟିତ୍ୱ ବିଷୟରେ ମତବ୍ୟକ୍ତ କରିଥିଲେ ।ପୂର୍ବତନ ଘଌଌ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ କୃଷ୍ଣଚନ୍ଦ୍ର ସାହୁ ଘଌଌର ଅତୀତ,ବର୍ତ୍ତମାନ ଓ ଭବିଷ୍ୟତର ରୂପରେଖ ସମ୍ପର୍କରେ ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରାଇଥିଲେ ।ରାଜନୀତି ବିଜ୍ଞାନ ଅଧ୍ୟାପକ ଅବନୀକାନ୍ତ ପାତ୍ର "ସେବାହିଁ ପରମ ଧର୍ମ" ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ ।୧୯୬୯ ମସିହାରେ ଆରମ୍ଭ ହୋଇଥିବା NSSର ମୂଳଲକ୍ଷ୍ୟ ହେଉଛି ସ୍ୱେଚ୍ଛାକୃତ ସାମୁଦାୟିକ ସେବା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ରର ବିକାଶ କରିବା ।ଏହି ଅବସରରେ ସ୍ୱେଚ୍ଛାସେବୀମାନେ ସମାଜ ଓ ରାଷ୍ଟ୍ରର ସେବାପାଇଁ ନିଜକୁ ଉତ୍ସର୍ଗ କରିବାର ସଙ୍କଳ୍ପ ନେଇଥିବାବେଳେ ବର୍ତ୍ତମାନର NSS କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବିଜୟାନନ୍ଦ ଶତପଥୀ ଉପସ୍ଥିତ ଅତିଥି ଓ ସ୍ୱେଚ୍ଛାସେବୀ ମାନଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

## ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ




ଦଶପଲ୍ଲା, (ମହାଭାରତ): ଆୟୋଜିତ ସେବା ପକ୍ଷ ଅବସରରେ ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଘୋଳାହାଣ୍ଡିସ୍ଥିତ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୁବ ସ୍ୱେଚ୍ଛାସେବୀ, ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର ସାହୁ ଏବଂ ସେକ୍ରେଟାରୀ ପ୍ରକାଶ କୁମାର ସାହୁ ଉପସ୍ଥିତ ରହି ସଚେତନତା ସୃଷ୍ଟି କରିବା ସହ ବିଭିନ୍ନ କିସମର ଔଷଧୀୟ ତଥା ଛାୟାପ୍ରଦ ବୃକ୍ଷରୋପଣ କରିଥିଲେ। ପରିବେଶ ସୁରକ୍ଷା, ସ୍ୱଚ୍ଛତା ଏବଂ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଯୁବ ସ୍ୱେଚ୍ଛାସେବୀ ତଥା ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। "ସ୍ୱଚ୍ଛ ବିଦ୍ୟାଳୟ, ସବୁଜ ପରିବେଶ" ବାର୍ତ୍ତା ନେଇ ସମସ୍ତ ଯୁବକ ଓ ଛାତ୍ରଛାତ୍ରୀ ଏହି ସେବା ମୂଳକ କାର୍ଯ୍ୟରେ ଅତ୍ୟନ୍ତ ଉତ୍ସାହର ସହିତ ସକ୍ରିୟ ଭାବେ ସାମିଲ ହୋଇଥିଲେ। ବିଦ୍ୟାଳୟ ପରିସର ସଫେଇ ସହିତ ସବୁଜିମା ଭରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।

## ଗୋନାରେ ସ୍ୱର୍ଗତ ଜଗବନ୍ଧୁ ମାଝୀ ଓ ଅଙ୍ଗରକ୍ଷୀ ପିଙ୍କୁ ପାତ୍ରଙ୍କ ୧୬ତମ ସହିଦ ଦିବସ ପାଳିତ

ରାଇଘର:(ମହାଭାରତ)ଉମରକୋଟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ଗୋନା ଠାରେ ଉମରକୋଟର ପୂର୍ବତନ ବିଧାୟକ ସ୍ୱର୍ଗତ ଜଗବନ୍ଧୁ ମାଝୀ ଏବଂ ତାଙ୍କ ଅଙ୍ଗରକ୍ଷୀ ସ୍ୱର୍ଗତ ପିଙ୍କୁ ପାତ୍ରଙ୍କ ୧୬ତମ ସହିଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦଳୀୟ ନେତା, କର୍ମୀ, ଜନପ୍ରତିନିଧି ଓ ସମର୍ଥକମାନେ ଉପସ୍ଥିତ ହୋଇ ସ୍ୱର୍ଗତ ଜଗବନ୍ଧୁ ମାଝୀ ଓ ପିଙ୍କୁ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ସହିଦ ଦିବସ ଅବସରରେ ଉପସ୍ଥିତ ନେତା ଓ କର୍ମୀମାନେ ସ୍ୱର୍ଗତ ଜଗବନ୍ଧୁ ମାଝୀ ଏବଂ ତାଙ୍କ ଅଙ୍ଗରକ୍ଷୀ ପିଙ୍କୁ ପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ସେମାନଙ୍କ ଅକାଳ ବିୟୋଗକୁ ସ୍ମରଣ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ଜଣାଇଥିଲେ ।ଏହି ସହିଦ ଦିବସ ପାଳନ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରମେଶ ମାଝୀ ଉପସ୍ଥିତ ରହି ସ୍ୱର୍ଗତ ଜଗବନ୍ଧୁ ମାଝୀଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହ ରାଇଘର ବ୍ଲକ ସଭାପତି ସୁବାସ ଗଣ୍ଡ, ପୂର୍ବତନ ବ୍ଲକ ସଭାପତି ରାଇସିଂ ଗଣ୍ଡ, ପୂର୍ବତନ ବ୍ଲକ ଚେୟାରମେନ ତଥା ନାରୀନେତ୍ରୀ ନବିନା ନାୟକ, ପୂର୍ବତନ ଚେୟାରମେନ ଚିତ୍ତରଞ୍ଜନ ଗଣ୍ଡ, ସୁରେଶ ଭାରତୀ,ଶୁକଦେବ ଗଣ୍ଡ, ଖଗେଶ୍ୱର ହରିଜନ, ନବୀ ସାନ୍ତା, ଯତୀନ୍ଦ୍ର ଗଣ୍ଡ, କୈଳାସ ନାଗ ପ୍ରମୁଖ ଉପସ୍ଥିତ ଥିଲେ ।ସେହିପରି ସରଗୁଲି ସରପଞ୍ଚ ହେମଲାଲ ଗଣ୍ଡଙ୍କ ସମେତ କୁମର ଗଣ୍ଡ କଜମ୍ପଦନି ଓ ଅନ୍ୟାନ୍ୟ ଦଳୀୟ ନେତା, କର୍ମୀ ଓ ସ୍ଥାନୀୟ ଲୋକମାନେ ମଧ୍ୟ ଏହି ସହିଦ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।କାର୍ଯ୍ୟକ୍ରମରେ ସ୍ୱର୍ଗତ ଜଗବନ୍ଧୁ ମାଝୀ ଓ ପିଙ୍କୁ ପାତ୍ରଙ୍କ ତ୍ୟାଗ, ସେବା ଓ ସ୍ମୃତିକୁ ମନେ ପକାଇ ଉପସ୍ଥିତ ବ୍ୟକ୍ତିମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଦୁଇ ସହିଦଙ୍କ ସ୍ମୃତିକୁ ଆଗାମୀ ପିଢ଼ି ମଧ୍ୟ ମନେ ରଖିବା ଏବଂ ତାଙ୍କ ଅବଦାନକୁ ସମ୍ମାନ କରିବା ଉପରେ ଉପସ୍ଥିତ ନେତାମାନେ ଗୁରୁତ୍ୱାରୋପ କରିଥିଲେ ।ପ୍ରତିବର୍ଷ ଭଳି ଏଥର ମଧ୍ୟ ସହିଦ ଦିବସ ଅବସରରେ ଗୋନା ଅଞ୍ଚଳରେ ଶୋକ ଓ ଶ୍ରଦ୍ଧାର ପରିବେଶ ଦେଖିବାକୁ ମିଳିଥିଲା।

### ମଣିଷ ଗଢା କାରଖାନାର ଭିତ୍ତିଭୂମି ବିପର୍ଯ୍ୟସ୍ତ

## ୧୩୩ ଟି ସ୍କୁଲର ୧୫୯ଟି ଶ୍ରେଣୀ କୋଠରୀ ଅସୁରକ୍ଷିତ

**ସମ୍ବଲପୁର,:** ଦୀର୍ଘ ବର୍ଷ ହେଲା ରାଜ୍ୟ ରେ 'ସଭିଏଁ ପଢ ସଭିଏଁ ବଢ' ଜାତୀୟ ଶିକ୍ଷା ନୀତି ଏନ୍.ଇ.ପି ଟ୍ୱେଣ୍ଟି ଆଦି ସରକାରୀ ସ୍ଲୋଗାନ୍ ଓ ନୀତି ରେ ଗୁଣାତ୍ମକ ମାନ ର ଶିକ୍ଷା ପ୍ରଦାନ ପାଇଁ ଚାଲିଛି ସର୍ବଶିକ୍ଷା ଅଭିଯାନ । ଶିକ୍ଷାନୁଷ୍ଠାନ ଗୁଡିକର ଭିତ୍ତିଭୂମିର ବିକାଶ ସକାଶେ ଅଜସ୍ର ଅର୍ଥ ମଞ୍ଜୁର ହେଉଛି ବୋଲି ସରକାର ଜୋରଦାର ପ୍ରଚାରପ୍ରସାର କରୁଛନ୍ତି ।ତେବେ ନାଗରିକ ମାନଙ୍କ ମୌଳିକ ଅଧିକାର ପରିସରଭୁକ୍ତ ଥିବା ଏବଂ ମଣିଷ ଗଢା କାରଖାନା କୁହାଯାଉଥିବା ଅନେକ ସ୍କୁଲ ଗୁଡିକର ଭିତ୍ତିଭୂମି ର ଅବସ୍ଥା ଅତି ଶୋଚନୀୟ ଅବସ୍ଥା ରେ ବର୍ଷ ବର୍ଷ ଧରି ପଡି ରହିଥିଲେ ସୁଦ୍ଧା ସରକାର ଙ୍କ ତଥାକଥିତ ଭିତ୍ତିଭୂମି



ବିକାଶ ଅପହଞ୍ଚ ଓ ବାଟବଣା ହୋଇ ପଡିଛି । ସମ୍ବଲପୁର ଜିଲ୍ଲାର ଶିଳ୍ପ ସମୃଦ୍ଧ ଅଞ୍ଚଳ ବିବେଚିତ ରେଙ୍ଗାଲିବ୍ଲକ ଅଞ୍ଚଳ ରେ ଥିବା ଅସୁରକ୍ଷିତ ସ୍କୁଲ କୋଠରୀ ଗୁଡିକ ସରକାର ଙ୍କ ନୀତି ଓ ଶିକ୍ଷା ଭିତ୍ତିଭୂମି ବିକାଶ ର ଅସଲ ସ୍ୱରୂପ କୁ ପଦା ରେ ପକାଇ ଦେଇଛି । ରେଙ୍ଗାଲିବ୍ଲକ ରେ ପ୍ରଥମ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଉ ଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ ସଂଖ୍ୟା ୧୩୩ । ଏହି ୧୩୩ ଟି ସ୍କୁଲ ର ୧୫୯ ଟି ଶ୍ରେଣୀ କୋଠରୀ କୁ ବିଭାଗୀୟ ଅଧିକାରୀ ଙ୍କ ଦ୍ୱାରା ଅସୁରକ୍ଷିତ ଘୋଷଣା କରାଯାଇ ଥିବା ବେଳେ ୧୩୫ ଟି କୋଠରୀ ର ଛାଞ୍ଚ ଅସୁରକ୍ଷିତ ଥିବା ଘୋଷଣା କରାଯାଇଛି । ୧୫୮ ଟି ଶ୍ରେଣୀ କୋଠରୀ ରେ ଥିବା ଝରକା ଭାଙ୍ଗି ପଡି ରହିଛି । ୮୪ଟି ଶ୍ରେଣୀ କୋଠରୀ ଭଙ୍ଗା କବାଟ ରେ ଚାଲିଛି । ଏଭଳି ଶୋଚନୀୟ ଅସୁରକ୍ଷିତ ଭିତ୍ତିଭୂମି ରେ ସର୍ବ ଶିକ୍ଷା ଅଭିଯାନ ରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କିପରି ହେଉ ଥିବ ତାହା ସହଜେ ଅନୁମେୟ ।ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରାଯାଇ ବାଧ୍ୟତାମୂଳକ ଶିକ୍ଷା ଆଇନ୍ ପ୍ରଣୟନ କରାଯାଇ ଥିବା ବେଳେ ଶିକ୍ଷାନୁଷ୍ଠାନ ଗୁଡିକ ର ଭିତ୍ତିଭୂମି ର ଅବସ୍ଥା ଏଭଳି ଦୟନୀୟ କାହିଁକି ବୋଲି ସଚେତନ ନାଗରିକ ମହଲ ରେ ପ୍ରଶ୍ନ ହେଉଛି । ରେଙ୍ଗାଲିବ୍ଲକ ଅଞ୍ଚଳ ରେ ଅନେକ ବହୁରାଷ୍ଟ୍ରିୟ କମ୍ପାନୀର ଖଣି, କାରଖାନା ସ୍ଥାପିତ । ସଂପୃକ୍ତ କମ୍ପାନୀ ର ଖଣିଜ ପାଣ୍ଠି ଓ ସି.ଏସ୍.ଆର୍ ପାଣ୍ଠି ର ୭୦% ଭାଗ ପ୍ରଭାବିତ କ୍ଷତିଗ୍ରସ୍ତ ଅଞ୍ଚଳ ର ପାରିପାର୍ଶ୍ୱିକ ଉନ୍ନୟନ ରେ ବିନିଯୋଗ ହେବାର ନିୟମ ଅଛି । ଏହି ପରିପ୍ରେକ୍ଷୀ ରେ କମ୍ପାନୀ ଗୁଡିକର ଖଣିଜ ପାଣ୍ଠି ଓ ସି.ଏସ୍.ଆର୍ ପାଣ୍ଠି ରୁ ରେଙ୍ଗାଲିବ୍ଲକ ଅଞ୍ଚଳ ରେ ଥିବା ସରକାରୀ ଶିକ୍ଷାନୁଷ୍ଠାନ ଗଡିକ ର ଭିତ୍ତିଭୂମିର ବିକାଶ ରେ କାହିଁକି ବିନିଯୋଗ କରାଯାଉ ନାହିଁ ବୋଲି ଜନ ଅଭିଯୋଗ ହେଉଛି ।

## ୪ ବର୍ଷରେ ୧୧୧ ସାଂସଦ-ବିଧାୟକଙ୍କ ଦଳବଦଳ, ୬ ରାଜ୍ୟରେ ବଦଳିଲା ରାଜନୈତିକ ଚିତ୍ର: ଏଡିଆର୍ ରିପୋର୍ଟ

ନୂଆଦିଲ୍ଲୀ: ନିର୍ବାଚନରେ ଲୋକେ ଯେଉଁ ରାଜନୈତିକ ଚିତ୍ର ତିଆରି କରନ୍ତି, ନିର୍ବାଚନ ପରେ ଦଳବଦଳ ଯୋଗୁଁ ତାହା ଅନେକ ସମୟରେ ବଦଳିଯାଏ। ଗତ ୪ ବର୍ଷରେ ଦେଶର ୧୧୧ ଜଣ ବର୍ତ୍ତମାନର ସାଂସଦ ଓ ବିଧାୟକ ନିର୍ବାଚନ ଜିତିବା ପରେ ନିଜ ଦଳ ଛାଡ଼ି ଅନ୍ୟ ଦଳରେ ଯୋଗ ଦେଇଛନ୍ତି। ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଓ ନ୍ୟାସନାଲ୍ ଇଲେକ୍ସନ୍ ୱାଚ୍‌ର ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି। ଏହି ଅବଧି ୨୦୨୨ରୁ ୨୦୨୬ ମଧ୍ୟରେ ହୋଇଥିବା ନିର୍ବାଚନ ଓ ଉପନିର୍ବାଚନକୁ ନେଇ ପ୍ରସ୍ତୁତ ହୋଇଛି। ରିପୋର୍ଟ ଅନୁସାରେ, ୧୧୧ ଜଣଙ୍କ ମଧ୍ୟରେ ୨୬ ଜଣ ଲୋକସଭା ସାଂସଦ, ୭ ଜଣ ରାଜ୍ୟସଭା ସାଂସଦ ଓ ୭୮ ଜଣ ବିଧାୟକ ଅଛନ୍ତି। ୭୮ ବିଧାୟକଙ୍କ ମଧ୍ୟରୁ ୭୦ ଜଣ ନିର୍ବାଚନ




ଜିତିବା ପରେ ସିଧାସଳଖ ଦଳ ବଦଳାଇଥିବା ବେଳେ ୮ ଜଣ ଇସ୍ତଫା କିମ୍ବା ଅଯୋଗ୍ୟତା ପରେ ଉପନିର୍ବାଚନ ଲଢ଼ି ପୁଣି ବିଜୟୀ ହୋଇଥିଲେ। ସର୍ବାଧିକ ଦଳବଦଳ ନାଗାଲାଣ୍ଡରେ ହୋଇଛି। ସେଠାରେ ୩୨ ଜଣ ନେତା ଦଳ ବଦଳାଇଛନ୍ତି। ପଶ୍ଚିମବଙ୍ଗରେ ୨୦, ତେଲଙ୍ଗାନାରେ ୯, ଗୋଆ ଓ ପଞ୍ଜାବରେ ୮ ଜଣ ଲେଖାଏଁ, ମହାରାଷ୍ଟ୍ର ଓ ମେଘାଳୟରେ ୬ ଜଣ ଲେଖାଏଁ ଏବଂ ମଣିପୁରରେ ୫ ଜଣ ଦଳ ବଦଳାଇଛନ୍ତି। ମୋଟ ୧୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏଭଳି ଘଟଣା ରେକର୍ଡ ହୋଇଛି। ଦଳ ଛାଡ଼ିବା ମାମଲାରେ ନ୍ୟାସନାଲିଷ୍ଟ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି (ଏନ୍‌ଡିପିପି)ର ସର୍ବାଧିକ ୨୫ ଜଣ ପ୍ରତିନିଧି ରହିଛନ୍ତି। ଏହା ପରେ ତୃଣମୂଳ କଂଗ୍ରେସର ୨୦ ଓ କଂଗ୍ରେସର ୧୯ ଜଣ ଦଳ ଛାଡ଼ିଛନ୍ତି। ବିଆର୍‌ଏସ୍‌ର ୯, ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଓ ଏନ୍‌ସିପିର ୭ ଜଣ ଲେଖାଏଁ, ଶିବସେନା (ୟୁବିଟି)ର ୬, ଜେଡି(ୟୁ)ର ୫ ଓ ଏନ୍‌ପିପିର ୪ ଜଣ ମଧ୍ୟ ଦଳ ବଦଳାଇଛନ୍ତି। ଏନ୍‌ଡିପିପି, ତୃଣମୂଳ କଂଗ୍ରେସ ଓ କଂଗ୍ରେସରୁ ମିଶି ୬୪ ଜଣ ନେତା ଅନ୍ୟ ଦଳକୁ ଯାଇଛନ୍ତି, ଯାହା ମୋଟ ଦଳବଦଳର ୫୮ ପ୍ରତିଶତ। ଅନ୍ୟପକ୍ଷରେ, ନୂଆ ଦଳରେ ଯୋଗଦେବା ମାମଲାରେ ନାଗା ପିପୁଲ୍ସ ଫ୍ରଣ୍ଟ୍ (ଏନ୍‌ପିଏଫ୍)ରେ ସର୍ବାଧିକ ୩୨ ଜଣ ଯୋଗ ଦେଇଛନ୍ତି। ବିଜେପିରେ ୨୯, ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆରେ ୨୦, କଂଗ୍ରେସରେ ୯, ଶିବସେନାରେ ୮, ଏନ୍‌ପିପିରେ ୬ ଓ ପିପିଏରେ ୪ ଜଣ ଯୋଗ ଦେଇଛନ୍ତି। ରିପୋର୍ଟ ଅନୁସାରେ, ଏନ୍‌ପିଏଫ୍, ବିଜେପି ଓ ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ ମିଶି ୧୧୧ ଜଣଙ୍କ ମଧ୍ୟରୁ ୮୧ ଜଣଙ୍କୁ ନିଜ ଦଳରେ ସାମିଲ କରିଛନ୍ତି। ଏଡିଆର୍ କହିଛି, ଏଭଳି ଦଳବଦଳ ଯୋଗୁଁ ନାଗାଲାଣ୍ଡ, ପଶ୍ଚିମବଙ୍ଗ, ତେଲଙ୍ଗାନା, ଗୋଆ, ମହାରାଷ୍ଟ୍ର ଓ ମଣିପୁର ଭଳି ୬ଟି ରାଜ୍ୟର ରାଜନୈତିକ ସମୀକରଣରେ ପରିବର୍ତ୍ତନ ଆସିଛି। କେତେକ ସ୍ଥାନରେ ବିଧାୟକଙ୍କ ଦଳବଦଳ ସରକାର ଗଠନ ଓ ଭାଙ୍ଗିବାରେ ମଧ୍ୟ ପ୍ରଭାବ ପକାଇଥିବା ରିପୋର୍ଟରେ କୁହାଯାଇଛି। ଦଳବଦଳ ରୋକିବା ପାଇଁ ସମ୍ବିଧାନର ଦଶମ ଅନୁସୂଚୀକୁ ଅଧିକ ସୁଦୃଢ଼ କରିବା, ଏଭଳି ମାମଲାର ସମୟବଦ୍ଧ ନିଷ୍ପତ୍ତି ଏବଂ ରାଜନୈତିକ ଦଳଗୁଡ଼ିକର ଆଭ୍ୟନ୍ତରୀଣ ଗଣତନ୍ତ୍ରକୁ ମଜବୁତ କରିବା ପାଇଁ ଏଡିଆର୍ ପରାମର୍ଶ ଦେଇଛି।

## ସୌରଜଗତ ବାହାର ଗ୍ରହରୁ ପ୍ରଥମଥର ରେଡିଓ ସଙ୍କେତ ଠାବ

ନୂଆଦିଲ୍ଲୀ: ସୌରଜଗତ ବାହାରେ ଥିବା ଏକ ଗ୍ରହରୁ ପ୍ରଥମଥର ପାଇଁ ସିଧାସଳଖ ରେଡିଓ ସଙ୍କେତ ଆସୁଥିବା ଠାବ କରିଛନ୍ତି ମହାକାଶ ବିଜ୍ଞାନୀ। 'ବିଟା ପିକ୍ଟୋରିସ୍ ବି' ନାମକ ଏକ ବିଶାଳ ଗ୍ୟାସୀୟ ଗ୍ରହରୁ ଏହା ଆସୁଥିବା ଚିହ୍ନଟ ହୋଇଛି। ପୃଥିବୀଠାରୁ ପ୍ରାୟ ୬୩ ଆଲୋକବର୍ଷ ଦୂରରେ ଥିବା ଏହି ଗ୍ରହକୁ ଦକ୍ଷିଣ ଆଫ୍ରିକାର 'ମିରକ୍ୟାଟ୍' ରେଡିଓ ଟେଲିସ୍କୋପ୍ ଆରେ ଦ୍ୱାରା ନିରୀକ୍ଷଣ କରାଯାଇଛି। ଏହି ଆବିଷ୍କାର ଫଳରେ ପ୍ରଥମଥର ପାଇଁ ସୌରଜଗତ ବାହାର ଏକ ଗ୍ରହର ଚୁମ୍ବକୀୟ କ୍ଷେତ୍ରର ଶକ୍ତି ସମ୍ପର୍କରେ ପ୍ରତ୍ୟକ୍ଷ ଆକଳନ କରିବାର ସୁଯୋଗ ମିଳିଛି। ଗବେଷକମାନେ ୨୦୨୫ ଓ ୨୦୨୬ରେ ଚାରିଟି ପର୍ଯ୍ୟାୟରେ 'ବିଟା ପିକ୍ଟୋରିସ୍' ନକ୍ଷତ୍ରମଣ୍ଡଳକୁ ମିରକ୍ୟାଟ୍ ଦ୍ୱାରା ନିରୀକ୍ଷଣ କରିଥିଲେ। ସେଥିରେ ଦ୍ରୁତ ଓ ପୁନରାବୃତ୍ତି ହେଉଥିବା ରେଡିଓ ବିସ୍ଫୋରଣ ଭଳି ସଙ୍କେତ ସହ ଅବିରତ ରେଡିଓ ତରଙ୍ଗ ନିର୍ଗମନ ମଧ୍ୟ ରେକର୍ଡ ହୋଇଥିଲା। ଏହାର ତରଙ୍ଗଦୈର୍ଘ୍ୟ ୦.୮୫ରୁ ୩.୫ ଗିଗାହର୍ଜ ମଧ୍ୟରେ ଥିଲା। ଏହା ନକ୍ଷତ୍ରରୁ ନୁହେଁ, ଗ୍ରହ 'ବିଟା ପିକ୍ଟୋରିସ୍ ବି'ରୁ ଆସୁଥିବା ଜଣାପଡ଼ିଥିଲା। ବିଜ୍ଞାନୀଙ୍କ ଅନୁଯାୟୀ, ଏହି ରେଡିଓ ନିର୍ଗମନର ସମ୍ପର୍କ ଗ୍ରହର ଚୁମ୍ବକୀୟ କ୍ଷେତ୍ର ଓ 'ଅରୋରା' ବା ମେରୁଜ୍ୟୋତି ସଦୃଶ ପ୍ରକ୍ରିୟା ସହ ରହିଛି। ଗ୍ରହର ଚୁମ୍ବକୀୟ କ୍ଷେତ୍ରରେ ଶକ୍ତିଶାଳୀ କଣିକା ପ୍ରବେଶ କରିବା ବେଳେ ରେଡିଓ ତରଙ୍ଗ ସୃଷ୍ଟି ହୋଇପାରେ। ପୃଥିବୀ ସମେତ ସୌରଜଗତର ଅନ୍ୟ କେତେକ ଗ୍ରହରେ ମଧ୍ୟ ଏପରି ପ୍ରକ୍ରିୟା ସହ ଅରୋରା ଦେଖାଯାଏ। ସଙ୍କେତର ସର୍ବାଧିକ ତରଙ୍ଗଦୈର୍ଘ୍ୟ ଆଧାରରେ ଗବେଷକମାନେ ଆକଳନ କରିଛନ୍ତି ଯେ 'ବିଟା ପିକ୍ଟୋରିସ୍ ବି'ର ଚୁମ୍ବକୀୟ କ୍ଷେତ୍ର ଅତି କମ୍‌ରେ ୧.୨୫ କିଲୋଗସ୍ ହୋଇପାରେ। ଏହା ପୃଥିବୀର ଚୁମ୍ବକୀୟ କ୍ଷେତ୍ରଠାରୁ ଅନେକ ଗୁଣ ଅଧିକ। ଗ୍ରହଟି ୨୦୦୮ରେ ଆବିଷ୍କୃତ ହୋଇଥିଲା ଏବଂ ଏହା ବୃହସ୍ପତିର ପ୍ରାୟ ୧୧.୭ ଗୁଣ ବୋଲି ଆକଳନ କରାଯାଇଛି। ଏହା ନିଜ ନକ୍ଷତ୍ରକୁ ପରିକ୍ରମା କରିବାକୁ ପ୍ରାୟ ୨୩.୬ ବର୍ଷ ନେଇଥାଏ। ବିଜ୍ଞାନୀମାନେ ସ୍ପଷ୍ଟ କରିଛନ୍ତି ଯେ ଏହି ରେଡିଓ ସଙ୍କେତ କୌଣସି ଭିନ୍ନଗ୍ରହର ଜୀବ ବା ସଭ୍ୟତା ପକ୍ଷରୁ ପଠାଯାଇଥିବା ବାର୍ତ୍ତା ନୁହେଁ। ଏହା ଗ୍ରହର ପ୍ରାକୃତିକ ଚୁମ୍ବକୀୟ ଓ ଅରୋରା ସମ୍ପର୍କିତ ପ୍ରକ୍ରିୟାର ଫଳ। ତଥାପି ସୌରଜଗତ ବାହାର ଗ୍ରହର ଚୁମ୍ବକୀୟ କ୍ଷେତ୍ର ଅଧ୍ୟୟନ ପାଇଁ ଏହି ଆବିଷ୍କାର ନୂଆ ଦିଗ ଖୋଲିଛି।



# ଜ୍ଞାନେଶ କୁମାର ଇସ୍ତଫା ଦିଅନ୍ତୁ, ନଚେତ ଆନ୍ଦୋଳନ, ଅଭିଜିତ ଦୀପକେ ଦେଲେ ଅଲ୍‌ଟିମେଟମ୍






ନୂଆଦିଲ୍ଲୀ : ନିର୍ବାଚନ କମିଶନର ଏବଂ ଏସଆଇଆରକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ସିଜେପି ମୁଖ୍ୟ ନିର୍ବାଚନ କମିଶନର ଜ୍ୟାନେଶ କୁମାରଙ୍କୁ ୪୮ ଘଣ୍ଟାର ଅଲ୍‌ଟିମେଟମ ଦେଇଛି । କକରୋଚ ଜନତା ପାର୍ଟି କହିଛି, ଯଦି ଜ୍ଞାନେଶ କୁମାର ଆଗାମୀ ୪୮ ଘଣ୍ଟା ଭିତରେ ନିଜ ପଦରୁ ଇସ୍ତଫା ନ ଦିଅନ୍ତି ତେବେ ସମଗ୍ର ଦେଶରେ ନିର୍ବାଚନ ଆୟୋଗଙ୍କ ବିରୋଧରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ସିଜେପିର ମୁଖ୍ୟ ଅଭିଜିତ ଦୀପକେ କହିଛନ୍ତି । ଏହା ପରେ ଦିଲ୍ଲୀ ଜନ୍ତର ମନ୍ତର ୨.୦ ମଧ୍ୟ ଆରମ୍ଭ ହୋଇଯିବ । ଏଥିସହ ସିଜେପି ମୁଖ୍ୟ ନିର୍ବାଚନ ଆୟୋଗ ଓ ସରକାରଙ୍କ ସାମ୍ନାରେ ପ୍ରମୁଖ ଦାବି ରଖିଛନ୍ତି ।

ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ସିଜେପି ମୁଖ୍ୟ କହିଛନ୍ତି, ଜ୍ଞାନେଶ କୁମାର ନିଜ ପଦରୁ ଇସ୍ତଫା ଦିଅନ୍ତୁ । ତାଙ୍କ ବିରୋଧରେ ତୁରନ୍ତ ଫୌଜଦାରୀ ମାମଲା ଦାୟର କରାଯାଉ । ତାଙ୍କୁ କିଏ କିଏ ଆଦେଶ ଦେଉଥିଲେ ତାର ଯାଞ୍ଚ କରାଯାଉ । ସମସ୍ତ ନିର୍ବାଚନକୁ ତତ୍କାଳ ପ୍ରଭାବରୁ ରୋକ୍ ଲଗାଯାଉ । ୨୦୨୪ ଜାନୁଆରୀର ଭୋଟର ତାଲିକା ପୁନଃ ଜାରି କରାଯାଉ ଏବଂ ଏସଆଇଆର ପ୍ରକ୍ରିୟା ବନ୍ଦ କରାଯାଉ । ସୁପ୍ରିମକୋର୍ଟ ଏସଆଇଆର ସହ ଜଡ଼ିତ ସମସ୍ତ ଫାଇଲ୍ ସିଜ୍ କରନ୍ତୁ। ୨୦୨୩ର ସେହି ଆଇନକୁ ପ୍ରତ୍ୟାହାର କରାଯାଉ, ଯେଉଁଥିରେ ନିର୍ବାଚନ ଆୟୁକ୍ତଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ସଂରକ୍ଷଣ ପ୍ରଦାନ କରୁଛି । ନୂଆ ଆଇନ ପ୍ରଣୟନ ହେଉ, ଯେଉଁଥିରେ ସିଭିଲ୍ ସୋସାଇଟିର ଭାଗିଦାରୀ ରହୁ । ଅଭିଜିତ ଦୀପକେ କହିଛନ୍ତି, ଯେଉଁ ରିପୋର୍ଟ ସାମ୍ନାକୁ ଆସିଛି, ସେଥିରୁ ପ୍ରମାଣିତ ହେଉଛି ଯେ, ମୁଖ୍ୟ ନିର୍ବାଚନ ଆୟୁକ୍ତ ଦେଶର ସବୁଠୁ ବଡ଼ ଶତ୍ରୁ । ତାଙ୍କୁ ତୁରନ୍ତ ଇସ୍ତଫା ଦେଇ ଦେବା ଉଚିତ୍ । ସେ ଗଣତନ୍ତ୍ର ପାଇଁ ସବୁଠୁ ବଡ଼ ବିପଦ।

ସେପଟେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଗୁରୁବାର ଦିନ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ପ୍ରିୟଙ୍କା ଅଭିଯୋଗ କରିଛନ୍ତି ଯେ, ଯଦି ଭୋଟର ତାଲିକା ସହିତ ହେରଫେର୍ ଓ ଭୋଟରଙ୍କ ନାମ ବାଦ୍ ଦେବା ପାଇଁ ଜ୍ଞାନେଶ କୁମାର ଦାୟୀ ବୋଲି ପ୍ରମାଣିତ ହୁଏ, ତେବେ ତାଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରାଯିବା ଉଚିତ ।

## ଜାମସେଦପୁରରେ ଭୟଙ୍କର ସଡ଼କ ଦୁର୍ଘଟଣା, କ୍ୟାବିନେଟ ମନ୍ତ୍ରୀଙ୍କ ଝିଅ ସମେତ ୪ ମୃତ

ଜାମସେଦପୁର : ଝାଡ଼ଖଣ୍ଡର ଜାମସେଦପୁର ଦୋମୁହାନୀ ଅଞ୍ଚଳରେ ଭୟାବହ ସଡ଼କ ଦୁର୍ଘଟଣା । ଏକ କାରକୁ ଟ୍ରକ ଜୋରଦାର ଧକ୍କା ଦେବାରୁ ୪ ଜଣଙ୍କ ଜୀବନ ଚାଲିଯାଇଛି । ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଝାଡ଼ଖଣ୍ଡ ସରକାରଙ୍କ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ଦୀପିକା ପାଣ୍ଡେୟ ସିଂହଙ୍କ ଝିଅଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କାରର ଉପର ସଂପୂର୍ଣ୍ଣ ଭାବେ ଉଡ଼ିଯାଇଥିଲା । ଖବର ମୁତାବକ, ଗୁରୁବାର ଭୋର ପ୍ରାୟ ୨ଟା ୩୦ରୁ ୩ଟା ମଧ୍ୟରେ ସୋନାରୀ ଥାନା ଅଞ୍ଚଳର ମେରାଇନ୍ ଡ୍ରାଇଭରେ ରାସ୍ତା କଡ଼େର ପୂର୍ବରୁ ଖରାପ ହୋଇ ଠିଆ ହୋଇଥିବା ଏକ ଟ୍ରେଲର୍ ପଛରେ ଏକ ଦ୍ରୁତଗତି କାର୍ ନିୟନ୍ତ୍ରଣ ହରାଇ ଧକ୍କା ଦେଇଥିବା ଜଣାପଡ଼ିଛି । ଦୁର୍ଘଟଣାରେ କାରର ସାମ୍ନା ଭାଗ ସମ୍ପୂର୍ଣ୍ଣ ଚୁରମାର ହୋଇ ଟ୍ରେଲର୍ ପଛରେ ଫସିଯାଇଥିଲା । କାର୍ ଭିତରେ ଥିବା ୪ ଜଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ଉଦ୍ଧାରକାରୀ ଦଳ ଗ୍ୟାସ୍ କଟର୍ ବ୍ୟବହାର କରି କାର୍ କାଟି ମୃତଦେହଗୁଡ଼ିକୁ ବାହାର କରିଥିଲେ । ତେବେ ମୃତକଙ୍କ ମଧ୍ୟରେ ଦୀପିକା ପାଣ୍ଡେୟ ସିଂହଙ୍କ ଝିଅ ତୃଷା ସିଂହଙ୍କ ସହ ସାର୍ଥକ ଅଗ୍ରୱାଲ, ନମନ ଗୁପ୍ତା ଏବଂ ବଂଶିକା ଖଣ୍ଡେଲୱାଲ ରହିଛନ୍ତି । ମୃତକଙ୍କ ପରିବାରକୁ ପୋଲିସ ଘଟଣା ସମ୍ପର୍କରେ ସୂଚନା ଦେଇଛି । ଟ୍ରେଲରଟି ବୁଧବାର ରାତି ପ୍ରାୟ ୧୦ଟାରୁ ଖରାପ ହୋଇ ରାସ୍ତାକଡ଼େର ଠିଆ ହୋଇଥିଲା । ଭୋର ସମୟରେ ଦ୍ରୁତଗତିରେ ଆସୁଥିବା କାର୍ଟି ନିୟନ୍ତ୍ରଣ ହରାଇ ଟ୍ରେଲର୍ ପଛରେ ଧକ୍କା ଦେଇଥିଲା । ଦୁର୍ଘଟଣାର ପ୍ରକୃତ କାରଣ ଏବଂ କାର୍ର ଗତି ସମ୍ପର୍କରେ ପୋଲିସ ତଦନ୍ତ କରୁଛି । ଜାମସେଦପୁର ଦୁର୍ଘଟଣାକୁ ନେଇ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଶୋକ ପ୍ରକାଶ କରିଛନ୍ତି । ସେ ସୋସିଆଲ୍ ମିଡିଆରେ ମନ୍ତ୍ରୀ ଦୀପିକା ପାଣ୍ଡେୟ ସିଂହଙ୍କ ଝିଅ ଏବଂ ଅନ୍ୟ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି । ନିଜ ସନ୍ତାନକୁ ହରାଇବାର ଦୁଃଖ ଯେକୌଣସି ମାତାପିତାଙ୍କ ପାଇଁ ଅସହନୀୟ, ମୋର ସମବେଦନା ଶୋକସନ୍ତପ୍ତ ପରିବାରଗୁଡ଼ିକ ସହ ରହିଛି ।

## ୧୦ ମାସରେ ୧୪ ଆପତ୍ତି, ୬ ଥର ଯୁଗ୍ମ ସାମ୍ବାଦିକ ସମ୍ମିଳନୀ




ନୂଆଦିଲ୍ଲୀ: ନିର୍ବାଚନ କମିସନରେ ଗତ ୧୦ ମାସ ଧରି ଭିତରେ ମତଭେଦ ରହିଥିବା ରିପୋର୍ଟ ସାମ୍ନାକୁ ଆସିଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ସହ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଥିବା ୩ ସଦସ୍ୟ ବିଶିଷ୍ଟ କମିସନରେ ଅନେକ ନିଷ୍ପତ୍ତିକୁ ନେଇ ଦୁଇ କମିସନର ଲିଖିତ ଭାବେ ଆପତ୍ତି ଜଣାଇଥିଲେ। ତେବେ ଏହି ସମୟରେ ସାର୍ବଜନୀନ ଭାବେ ତିନିଜଣ ଏକାଠି ରହିଥିବା ଦେଖାଯାଇଥିଲା। ଅର୍ଥାତ୍ ଭିତରେ ମତଭେଦ ଓ ବାହାରେ ଏକଜୁଟତା ଦେଖିବାକୁ ମିଳୁଥିଲା। ୨୦୨୫ ଅକ୍ଟୋବର ୨୮ରୁ ୨୦୨୬ ଅଗଷ୍ଟ ୧୪ ମଧ୍ୟରେ ଦୁଇ ନିର୍ବାଚନ କମିସନର ବିଭିନ୍ନ ପ୍ରସଙ୍ଗରେ ୧୪ ଥର ଆପତ୍ତି ଜଣାଇଥିଲେ। ଏଥିରେ ନୂଆ ଭୋଟରଙ୍କ ନାମ ଯୋଡ଼ିବା, ଭୋଟର ତାଲିକାରୁ ନାମ ବାଦ୍ ଦେବା ଓ ପୁଣି ଯୋଡ଼ିବା, ଭୋଟର ସମ୍ପର୍କିତ ନିଷ୍ପତ୍ତି ବିରୋଧରେ ଆବେଦନ ଏବଂ ଭୋଟର ତଥ୍ୟ ଥିବା ନିର୍ବାଚନ କମିସନର ସଫ୍‌ଟୱେର୍‌କୁ ପ୍ରବେଶ ଭଳି ପ୍ରସଙ୍ଗ ରହିଥିଲା। ୨୦୨୫ ଅକ୍ଟୋବର ୨୭ରେ ଏସ୍‌ଆଇଆର୍‌ର ଦ୍ୱିତୀୟ ପର୍ଯ୍ୟାୟ ନେଇ କମିସନ ସାମ୍ବାଦିକ ସମ୍ମିଳନୀ କରିଥିଲା। ପରଦିନ ସାନ୍ଧୁ ସର୍ବସମ୍ମତି ବିନା ନିର୍ବାଚନ କମିସନ ନାମରେ ଚିଠି ଓ ଆଦେଶ ଜାରି କରାଯିବାକୁ ନେଇ ଆପତ୍ତି ଜଣାଇଥିଲେ। ଏହା ପରେ ଭୋଟର ତାଲିକା ପରିଚାଳନା ପାଇଁ ବ୍ୟବହୃତ ଇଆରଓନେଟ୍‌କୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ରାଜ୍ୟସ୍ତରୀୟ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ସଫ୍‌ଟୱେର୍ ପ୍ରବେଶ ସୀମିତ କରାଯିବା ନେଇ ନଭେମ୍ବର ୪ରେ ଉପନିର୍ବାଚନ କମିସନର ସଞ୍ଜୟ କୁମାର ଚିନ୍ତା ପ୍ରକାଶ କରିଥିଲେ। ପରେ ଇସିଆଇନେଟ୍ ଆସିବା ପରେ ଭୋଟର ତଥ୍ୟର ଅଧିକ କେନ୍ଦ୍ରୀକରଣକୁ ନେଇ ସାନ୍ଧୁ ଓ ଯୋଶୀ ପ୍ରଶ୍ନ ଉଠାଇଥିଲେ।

ଏହି ସମୟରେ ତିନି କମିସନର ଗୁଆହାଟୀ, କୋଲକାତା ଓ ନୂଆଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ଏକାଠି ଯୁଗ୍ମ ସମ୍ମିଳନୀ କରି ସାମ୍ବାଦିକଙ୍କୁ ସୂଚନା ଦେଇଥିଲେ। ଫେବୃଆରି ୧୮ରେ ଆସାମ ନିର୍ବାଚନ ପ୍ରସ୍ତୁତି, ମାର୍ଚ୍ଚ ୧୦ରେ ପଶ୍ଚିମବଙ୍ଗର ଭୋଟର ତାଲିକା ଏବଂ ମାର୍ଚ୍ଚ ୧୫ରେ ୫ଟି ବିଧାନସଭା ନିର୍ବାଚନର କାର୍ଯ୍ୟସୂଚୀ ଘୋଷଣା ବେଳେ ତିନିଜଣ ଏକାଠି ଥିଲେ। ତେବେ ଏସବୁ ସାର୍ବଜନୀନ କାର୍ଯ୍ୟକ୍ରମରେ ସାନ୍ଧୁ ଓ ଯୋଶୀ ନିଜର ଆପତ୍ତି କିମ୍ବା ମତଭେଦ ପ୍ରକାଶ କରିନଥିଲେ। ନିର୍ବାଚନ କମିସନ ମଧ୍ୟ ୧୪ଟି ଆପତ୍ତିର ଅସ୍ତିତ୍ୱ, ତାରିଖ କିମ୍ବା ବିଷୟବସ୍ତୁକୁ ଖଣ୍ଡନ କରିନାହିଁ। କିନ୍ତୁ ଏଗୁଡ଼ିକୁ ସାଧାରଣ ନିଷ୍ପତ୍ତି ପ୍ରକ୍ରିୟାର ଅଂଶ ବୋଲି କହିଛି। ଗତ ୧୦ ମାସରେ କମିସନର ସମସ୍ତ ଚୂଡ଼ାନ୍ତ ନିଷ୍ପତ୍ତି ସର୍ବସମ୍ମତିରେ ନିଆଯାଇଥିବା ଇସି କହିଛି।

## ସେନ୍‌ସେକ୍ସରେ ୧୨୪୮ ପଏଣ୍ଟ ହ୍ରାସ

ମୁମ୍ବାଇ: ଅଶୋଧିତ ତୈଳ ଦରରେ ବୃଦ୍ଧି ଓ ନୂଆ ବୀମା କମିସନ ନିୟମ ଘୋଷଣା ହେବା ପରେ ଆଜି ଷ୍ଟକ ବଜାର କାରବାରରେ ଅସ୍ଥିରତା ଦେଖାଦେଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୧୨୪୭.୭୧ ପଏଣ୍ଟ ହ୍ରାସ ପାଇ ୭୩,୫୮୦.୫୪ ପଏଣ୍ଟରେ ବନ୍ଦ ହୋଇଥିଲା। ସେହି ସମୟରେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ୩୮୩.୭୦ ପଏଣ୍ଟ ହ୍ରାସ ପାଇ ୨୩,୦୬୩.୧୦ ପଏଣ୍ଟରେ ବନ୍ଦ ହୋଇଥିଲା। ଭାରତୀୟ ବୀମା ନିୟାମକ ଓ ବିକାଶ କର୍ତ୍ତୃପକ୍ଷ (ଆଇଆର୍‌ଡିଏଆଇ) ପକ୍ଷରୁ ବୀମା କମିସନ ଢାଞ୍ଚାରେ ପରିବର୍ତ୍ତନ କରାଯିବା ପରେ ଆର୍ଥିକ କ୍ଷେତ୍ରର କମ୍ପାନିଗୁଡ଼ିକର ସେୟାର ଅଧିକ ବିକ୍ରି ହୋଇଥିଲା। ସେନ୍‌ସେକ୍ସର ଅଂଶ ଥିବା ବଜାଜ ଫାଇନାନ୍ସ, ଆକ୍ସିସ୍ ବ୍ୟାଙ୍କ, ବଜାଜ ଫିନ୍‌ସର୍ଭ, ଇଣ୍ଡିଗୋ, ଟ୍ରେଣ୍ଟ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏସିଆନ୍ ପେଣ୍ଟ୍ସ ଓ ଭାରତୀ ଏୟାରଟେଲ୍ ସେୟାର ମୂଲ୍ୟରେ ବଡ଼ ଧରଣର ହ୍ରାସ ହୋଇଥିଲା। ନିଫ୍‌ଟିରେ ଅଟୋମୋବାଇଲ୍, ଆର୍ଥିକ ସେବା, ଏଫ୍‌ଏମ୍‌ସିଜି, ସୂଚନା ପ୍ରଯୁକ୍ତି, ଗଣମାଧ୍ୟମ ଓ ଧାତବ କ୍ଷେତ୍ରର କମ୍ପାନିଗୁଡ଼ିକର ସେୟାର ଅଧିକ ବିକ୍ରି ହୋଇଥିଲା। ଫାର୍ମା, ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ରିଅଲ ଇଷ୍ଟେଟ୍, କଞ୍ଜ୍ୟୁମର ଡ୍ୟୁରେବଲ୍, ସ୍ୱାସ୍ଥ୍ୟସେବା ଏବଂ ତୈଳ ଓ ଗ୍ୟାସ୍ କ୍ଷେତ୍ରର କମ୍ପାନିଗୁଡ଼ିକର ସେୟାର ମଧ୍ୟ ଚାପରେ ଥିଲା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ପୁଣି ବୃଦ୍ଧି ପାଇଛି। ବ୍ରେଣ୍ଟ କ୍ରୁଡ୍ ଦର ବ୍ୟାରେଲ୍‌କୁ ୧୦୫.୧୦ ଡଲାର ଏବଂ ଆମେରିକାର ୱେଷ୍ଟ ଟେକ୍ସାସ୍ ଇଣ୍ଟରମେଡିଆରି ଦର ୯୩.୪୭ ଡଲାରକୁ ବୃଦ୍ଧି ପାଇଛି। ମହଙ୍ଗା ତେଲ ଭାରତର ଆମଦାନି ବିଲ୍ ବଢ଼ାଇବା ଓ ଦେଶରେ ଦରଦାମ୍ ସ୍ଥିତି ବେଲଗାମ କରିବା ଆଶଙ୍କା ଥିବାରୁ ନିବେଶକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଇରାନ ଉପରେ ଆମେରିକାର ଆକ୍ରମଣ ପରଠାରୁ ଅଶୋଧିତ ତେଲ ଦର ଉଚ୍ଚା ରହିଛି। ଗତ କିଛି ଦିନ ପୂର୍ବେ ତାହା ସାମାନ୍ୟ ତଳକୁ ଖସିଥିଲା। ଏବେ ପୁଣି ସେଥିରେ ବୃଦ୍ଧି ହେବା ନିବେଶକମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

# ବିବାହ ପରେ ଜେଲକୁ ଫେରିଯିବେ କୁଖ୍ୟାତ ଗ୍ୟାଙ୍ଗଷ୍ଟର



ନୂଆଦିଲ୍ଲୀ: ହରିୟାଣାର ଝଜ୍ଜର ଏକ ଅନନ୍ୟ ବିବାହର ସାକ୍ଷୀ ହେବାକୁ ଯାଉଛି। ଏହି ବିବାହ ପାଇଁ ବରଙ୍କୁ ମାତ୍ର ୧୨ ଘଣ୍ଟା ପାଇଁ ଜେଲରୁ ବାହାରକୁ ଅଣାଯାଇଛି। ଅନ୍ୟପକ୍ଷରେ କନ୍ୟା ବିବାହ ପାଇଁ ୩ ଜଣ ପିଲାଙ୍କ ସହ କାମ୍ବୋଡିଆରୁ ଆସିଛନ୍ତି। ଏହି ବିବାହ ହେଉଛି ହରିୟାଣାର କୁଖ୍ୟାତ ଗ୍ୟାଙ୍ଗଷ୍ଟର ମୈନପାଲ ବାଦଲି ଓରଫ ମୈନପାଲ ଢିଲ୍ଲାଙ୍କର । ଢିଲ୍ଲା ବର୍ତ୍ତମାନ ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି। ବିବାହ ପାଇଁ ତାଙ୍କୁ ଆଜି ମାତ୍ର ୧୨ ଘଣ୍ଟାର କଷ୍ଟଡି ପାରୋଲ୍ ମିଳିଛି। ବିବାହ ପରେ ସେ ପୁଣି ଝଜ୍ଜର ଜେଲକୁ ଫେରିଯିବେ। ମୈନପାଲ ଢିଲ୍ଲା ମୂଳତଃ ଝଜ୍ଜର ଜିଲ୍ଲାର ବାଦଲି ଗାଁର ବାସିନ୍ଦା। ବିବାହ କାର୍ଯ୍ୟକ୍ରମ ଜେଲ ନିକଟରେ ଝଜ୍ଜର-ଗୁରୁଗ୍ରାମ ରୋଡ୍‌ସ୍ଥିତ ଦୁଲିନା ଫାର୍ମରେ ଆୟୋଜିତ ହୋଇଛି। କାମ୍ବୋଡିଆର ବାସିନ୍ଦା ମେଟା ଚାନ୍ (କନ୍ୟା) ଏବଂ ତାଙ୍କ ପରିବାର ସଦସ୍ୟମାନେ ବିବାହ ପାଇଁ ପୂର୍ବରୁ ଝଜ୍ଜରରେ ପହଞ୍ଚି ସାରିଛନ୍ତି। ହିନ୍ଦୁ ରୀତିନୀତି ଅନୁସାରେ ବିବାହ ଅନୁଷ୍ଠିତ ହେବ। ବିବାହରେ ସାମିଲ ହେବା ପାଇଁ ମୈନପାଲଙ୍କୁ ୨୪ ସେପ୍ଟେମ୍ବର ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ କଷ୍ଟଡି ପାରୋଲ୍ ଦିଆଯାଇଛି। ଏହି ସମୟରେ ସେ ପୁଲିସର ନଜରରେ ରହିବେ। ଅର୍ଥାତ୍ ଏହା ସାଧାରଣ ପାରୋଲ୍ ନୁହେଁ। ଜେଲରୁ ବାହାରିବା ପରେ ମଧ୍ୟ ତାଙ୍କ ସୁରକ୍ଷା ଏବଂ ନଜରଦାରି ଦାୟିତ୍ୱ ପୁଲିସ ଉପରେ ରହିବ। ବିବାହର ସମସ୍ତ ରୀତିନୀତି ଶେଷ ହେବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ତାଙ୍କୁ ପୁଣି ଜେଲକୁ ଟାଣି ନିଆଯିବ।

ମୈନପାଲ ଢିଲ୍ଲାଙ୍କ ବିବାହ କାମ୍ବୋଡିଆର ବାସିନ୍ଦା ମେଟା ଚାନ୍‌ଙ୍କ ସହ ହେଉଛି। ମୈନପାଲ ୨୦୨୧ରେ ଜେଲରୁ ପାରୋଲ୍‌ରେ ବାହାରି ଫେରାର ହୋଇଯାଇଥିଲେ। ଏହା ପରେ ସେ କାମ୍ବୋଡିଆରେ ପହଞ୍ଚିଥିଲେ। ସେଠାରେ ତାଙ୍କର ମେଟା ଚାନ୍‌ଙ୍କ ସହ ପରିଚୟ ହୋଇଥିଲା। ପରେ ଉଭୟ ଏକାଠି ରହିବା ଆରମ୍ଭ କରିଥିଲେ ଏବଂ ପରିବାର ଗଢ଼ିଥିଲେ। ତାଙ୍କର ୪ ଜଣ ପିଲା ଅଛନ୍ତି। ଏହି ବିବାହ ପାଇଁ ମେଟା ଚାନ୍ ନିଜ ପରିବାର ସହ ଭାରତ ଆସିଛନ୍ତି। ମୈନପାଲଙ୍କୁ ୧୭ ଜୁଲାଇ ୨୦୧୮ରେ ହିସାର ସେଣ୍ଟ୍ରାଲ୍ ଜେଲରୁ ୬ ସପ୍ତାହର ପାରୋଲ୍ ମିଳିଥିଲା। ପାରୋଲ୍ ଅବଧି ଶେଷ ହେବା ପରେ ତାଙ୍କୁ ଜେଲକୁ ଫେରିବାର ଥିଲା, କିନ୍ତୁ ସେ ଫେରି ନଥିଲେ। ଏହା ପରେ ସେ ଫେରାର ହୋଇଯାଇଥିଲେ ଏବଂ ପରେ କାମ୍ବୋଡିଆରେ ପହଞ୍ଚିଥିଲେ। ବିଦେଶ ଯିବା ପାଇଁ ସେ ଜାଲିଆତି ଦସ୍ତାବିଜ ବ୍ୟବହାର କରିଥିଲେ। କାମ୍ବୋଡିଆରେ ସେ ନିଜର ପରିଚୟ ବଦଳାଇ ରହିବାକୁ ଚେଷ୍ଟା କରିଥିଲେ ଏବଂ ସେଠାରେ ବ୍ୟବସାୟ ମଧ୍ୟ ଆରମ୍ଭ କରିଥିଲେ। ମୈନପାଲ ଢିଲ୍ଲାଙ୍କ ଅପରାଧିକ ରେକର୍ଡ ବହୁ ପୁରୁଣା। ତାଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ, ଲୁଟ୍ ?, ଡକାୟତି, ଅପରାଧିକ ଷଡ଼ଯନ୍ତ୍ର ଏବଂ ବେଆଇନ ଅସ୍ତ୍ର ସମ୍ପର୍କିତ ପ୍ରାୟ ୨୨ଟି ମାମଲା ରହିଛି। ୨୦୧୩ରେ ଅଦାଲତ ତାଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଥିଲେ। ଏହା ବ୍ୟତୀତ ଆଉ ଦୁଇଟି ମାମଲାରେ ମଧ୍ୟ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିବା ସୂଚନା ରହିଛି। ପାରୋଲ୍‌ରେ ଜେଲରୁ ବାହାରି ଫେରାର ହେବା ପରେ ମୈନପାଲ ଅନେକ ବର୍ଷ ଭାରତ ବାହାରେ ରହିଥିଲେ। ତଦନ୍ତକାରୀ ସଂସ୍ଥାଗୁଡ଼ିକ ତାଙ୍କର କାମ୍ବୋଡିଆରେ ଥିବା ନେଇ ସୂଚନା ପାଇଥିଲେ। ହରିୟାଣା ପୁଲିସର ଅନୁରୋଧ କ୍ରମେ ସିବିଆଇ ୬ ନଭେମ୍ବର ୨୦୨୪ରେ ଇଣ୍ଟରପୋଲ୍ ? ମାଧ୍ୟମରେ ତାଙ୍କ ବିରୋଧରେ ରେଡ୍ ନୋଟିସ୍ ଜାରି କରାଇଥିଲା। ଏହା ପରେ ଭାରତୀୟ ଏଜେନ୍ସିଗୁଡ଼ିକ କାମ୍ବୋଡିଆ କର୍ତ୍ତୃପକ୍ଷଙ୍କ ସହ ମିଶି ତାଙ୍କୁ ଖୋଜିବା ଏବଂ ଗିରଫ କରିବା ପ୍ରକ୍ରିୟା ଆଗକୁ ବଢ଼ାଇଥିଲେ। ୨୪ ଜୁଲାଇ ୨୦୨୫ରେ କାମ୍ବୋଡିଆ କର୍ତ୍ତୃପକ୍ଷ ମୈନପାଲଙ୍କୁ ଗିରଫ କରିଥିଲେ। ଏହାପରେ ପ୍ରତ୍ୟର୍ପଣ ପ୍ରକ୍ରିୟା ଶେଷ ହୋଇଥିଲା। ପ୍ରାୟ ଦେଢ଼ ମାସ ପରେ, ୨ ସେପ୍ଟେମ୍ବର ୨୦୨୫ରେ ତାଙ୍କୁ ଭାରତ ଫେରାଇ ଅଣାଯାଇଥିଲା। ଭାରତ ଆସିବା ପରଠାରୁ ସେ ପୁଣି ଜେଲରେ ଅଛନ୍ତି ଏବଂ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି।

# 'ବୈଭବଙ୍କ ପାଇଁ ମୋ ନିଦ ହଜିଯାଇଥିଲା': ଗମ୍ଭୀର



ନୂଆଦିଲ୍ଲୀ, ୨୪।୯: ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ ଗୌତମ ଗମ୍ଭୀର ଏକ ବଡ଼ ଖୁଲାସା କରିଛନ୍ତି। ସଞ୍ଜୁ ସାମସନଙ୍କୁ ଟି-୨୦ ଦଳରୁ ବାଦ ଦେବା ତାଙ୍କ ଏପର୍ଯ୍ୟନ୍ତର କୋଚିଂ କ୍ୟାରିୟରର ସବୁଠୁ କଠିନ ନିଷ୍ପତ୍ତି ଥିଲା ବୋଲି ଗମ୍ଭୀର କହିଛନ୍ତି। ଆଗାମୀ ଘରୋଇ ସିଜନ ପୂର୍ବରୁ ଏକ ସାକ୍ଷାତକାରରେ ଗମ୍ଭୀର କହିଛନ୍ତି ଯେ, ଏହି ନିଷ୍ପତ୍ତି ଯୋଗୁ ତାଙ୍କୁ ତାଙ୍କ କୋଚିଂ କାର୍ଯ୍ୟକାଳରେ ପ୍ରଥମ ଥର ପାଇଁ ରାତିରେ ନିଦ ହୋଇନଥିଲା। ଗମ୍ଭୀର କହିଛନ୍ତି ଯେ, ଏହି କଠିନ ନିଷ୍ପତ୍ତି ସମ୍ପର୍କରେ ସେ ନିଜେ ସଞ୍ଜୁ ସାମସନଙ୍କ ସହ ସିଧାସଳଖ ଏବଂ ଖୋଲାଖୋଲି ଆଲୋଚନା କରିଥିଲେ। ଏହି ଘଟଣା ଟି-୨୦ ବିଶ୍ୱକପ ୨୦୨୬ ପରବର୍ତ୍ତୀ ସମୟର। ଏହି ବିଶ୍ୱକପରେ ସଞ୍ଜୁ ସାମସନଙ୍କୁ 'ପ୍ଲେୟର ଅଫ ଦ ଟୁର୍ନାମେଣ୍ଟ' ଚୟନ କରାଯାଇଥିଲା। ଏହାପରେ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜର ମାତ୍ର ୩ଟି ମ୍ୟାଚ ପରେ ସାମସନଙ୍କୁ ପ୍ଲେଇଂ ଇଲେଭେନରୁ ବାଦ ଦିଆଯାଇଥିଲା। ସେହି ସମୟରେ ଆଇପିଏଲ ୨୦୨୬ ଏବଂ ଅଣ୍ଡର-୧୯ ବିଶ୍ୱକପରେ ଦମଦାର ପ୍ରଦର୍ଶନ କରିଥିବା ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ଅନ୍ତର୍ଜାତୀୟ ସ୍ତରରେ ସୁଯୋଗ ଦିଆଯାଇଥିଲା। ତେବେ ସୂର୍ଯ୍ୟବଂଶୀଙ୍କ ୩ଟି ଆକ୍ରମଣାତ୍ମକ କିନ୍ତୁ କମ ସ୍କୋରର ପାଳି ପରେ ସଞ୍ଜୁ ସାମସନଙ୍କୁ ପୁଣି ଦଳରେ ସାମିଲ କରାଯାଇଥିଲା। ଏହି ଘଟଣାକୁ ତାଙ୍କ କୋଚିଂ କାର୍ଯ୍ୟକାଳର ସବୁଠୁ ଭାବପ୍ରବଣ ମୁହୂର୍ତ୍ତ ବୋଲି କହି ଗମ୍ଭୀର କହିଛନ୍ତି, ମୁଁ ସତ କହିବି, ମୋର ଦୁଇ ବର୍ଷର ଯାତ୍ରାରେ ଏହା ଏକମାତ୍ର ରାତି ଥିଲା, ଯେଉଁ ରାତିରେ ମୁଁ ଶୋଇ ପାରିନଥିଲି। ମୁଁ ଏହି କଥା ସଞ୍ଜୁଙ୍କୁ ମଧ କହିଥିଲି। କାରଣ ମୁଁ ଜାଣିଥିଲି, ଟି-୨୦ ଫର୍ମାଟରେ ଏହା ମୋ କୋଚିଂ କ୍ୟାରିୟରର ସବୁଠୁ କଠିନ ନିଷ୍ପତ୍ତି ଥିଲା। ଗମ୍ଭୀରଙ୍କ କହିବା ଅନୁଯାୟୀ, ଯେଉଁ ଖେଳାଳି ନିକଟରେ 'ପ୍ଲେୟର ଅଫ ଦ ଟୁର୍ନାମେଣ୍ଟ' ହୋଇଥିଲେ, ତାଙ୍କୁ ୩-୪ଟି ମ୍ୟାଚ ପରେ ବାହାରେ ବସାଇବା ନିଶ୍ଚିତ ଭାବେ କଠିନ ଥିଲା। କିନ୍ତୁ ସେହି ସମୟରେ ବୈଭବ ମଧ୍ୟ ଚମତ୍କାର ଫର୍ମରେ ଥିଲେ ଏବଂ ଭାରତକୁ ସିରିଜ ଜିତିବାର ଆବଶ୍ୟକତା ଥିଲା। ଗମ୍ଭୀର ସ୍ପଷ୍ଟ କରିଛନ୍ତି ଯେ, ଏହି ନିଷ୍ପତ୍ତି ସମ୍ପର୍କରେ ସେ ସଞ୍ଜୁ ସାମସନଙ୍କଠାରୁ କୌଣସି କଥା ଲୁଚାଇନଥିଲେ। ଦଳ ପରିଚାଳନାର ଚିନ୍ତାଧାରା ସମ୍ପର୍କରେ ତାଙ୍କୁ ସବୁକିଛି ଜଣାଇଥିଲେ। ଗମ୍ଭୀର କହିଛନ୍ତି, ମୁଁ ସଞ୍ଜୁଙ୍କ ସହ ବହୁତ ସଚ୍‌ଚୋଟ ଭାବେ କଥା ହୋଇଥିଲି। ସେତେବେଳେ ବୈଭବ ଭିନ୍ନ ଲୟରେ ଥିଲେ। ଟପ ଅର୍ଡରରେ ଦ୍ରୁତ ରନ କରିପାରୁଥିବା ଜଣେ ଖେଳାଳିଙ୍କ ଆବଶ୍ୟକତା ଥିଲା, ଯିଏ ଦଳକୁ ଦୃଢ଼ ଆରମ୍ଭ ଦେଇପାରିବେ। ସଞ୍ଜୁ ମୋ କଥା ବୁଝିଥିଲେ ଏବଂ ଏହି ନିଷ୍ପତ୍ତିକୁ ସହଜ ଭାବେ ଗ୍ରହଣ କରିଥିଲେ।

# କ୍ରିକେଟରୁ ଅଚାନକ ସନ୍ନ୍ୟାସ ନେଲେ ରୁଟ୍‌ଙ୍କ ଭାଇ

ନୂଆଦିଲ୍ଲୀ, ୨୪।୯: ଇଂଲଣ୍ଡ କ୍ରିକେଟ ଦଳର ସୁପରଷ୍ଟାର ବ୍ୟାଟର୍ସଙ୍କ କଥା ଉଠିଲେ ସର୍ବପ୍ରଥମେ ଜୋ ରୁଟ୍‌ଙ୍କ ନାମ ଆସିଥାଏ। ଜୋ ରୁଟ୍‌ଙ୍କ ସାନ ଭାଇ ବିଲି ରୁଟ୍ ମଧ୍ୟ ପେସାଦାର କ୍ରିକେଟ ଖେଳିଛନ୍ତି। ତେବେ ମାତ୍ର ୩୪ ବର୍ଷ ବୟସରେ ବିଲି କ୍ରିକେଟକୁ ଅଲବିଦା କହିବାକୁ ନିଷ୍ପତ୍ତି ନେଇଛନ୍ତି। ୧୧ ବର୍ଷର କ୍ରିକେଟ କ୍ୟାରିୟରରେ ସେ ମୋଟ ୧୯୩ଟି ମ୍ୟାଚ ଖେଳିଛନ୍ତି। ବିଲି ରୁଟ୍ ତାଙ୍କର ଶେଷ ମ୍ୟାଚ ସେପ୍ଟେମ୍ବର ୧୫ରେ ଗ୍ଲାମର୍ଗାନ ପକ୍ଷରୁ ସରେ ବିପକ୍ଷରେ ଖେଳିଥିଲେ। ଏହି ମ୍ୟାଚରେ ସେ ୨୨ ରନ କରିଥିଲେ। ବଡ଼ ଭାଇ ଜୋ ଜୋ ରୁଟ୍‌ଙ୍କ ଭଳି ବିଲି କେବେ ମଧ୍ୟ ଇଂଲଣ୍ଡ ପାଇଁ ଖେଳିବାର ସୁଯୋଗ ପାଇନଥିଲେ। ଜୋ ରୁଟ୍‌ଙ୍କ ସାନ ଭାଇ ବିଲି ୨୦୧୫ରେ ପେସାଦାର କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ।

ପ୍ରଥମେ ସେ ଫର୍ଷ୍ଟ କ୍ଲାସ କ୍ରିକେଟ ଖେଳିଥିଲେ। ଏହାର ଦୁଇ ବର୍ଷ ପରେ ସେ ଲିଷ୍ଟ-ଏ ଏବଂ ଟି-୨୦ କ୍ରିକେଟରେ ପଦାର୍ପଣ କରିଥିଲେ। ଘରୋଇ କ୍ରିକେଟରେ ବିଲିଙ୍କ ପ୍ରଦର୍ଶନ ଭଲ ରହିଥିଲା। ତେବେ ଏହା ସତ୍ତ୍ୱେ ସେ ଇଂଲଣ୍ଡ ଦଳରେ ସ୍ଥାନ ପାଇପାରିନଥିଲେ। ଗ୍ଲାମର୍ଗାନ ପୂର୍ବରୁ ବିଲି ନଟିଂହାମଶାୟର ପାଇଁ ମଧ୍ୟ କାଉଣ୍ଟି କ୍ରିକେଟ ଖେଳିଥିଲେ। ବ୍ୟାଟିଂ ସହିତ ବିଲି କିଛି ମ୍ୟାଚରେ ବୋଲିଂ ମଧ୍ୟ କରିଥିଲେ। ତାଙ୍କ ପେସାଦାର କ୍ୟାରିୟରରେ ମୋଟ ୧୪ଟି ଉଇକେଟ୍ ରହିଛି। ଲିଷ୍ଟ-ଏ କ୍ରିକେଟରେ ତାଙ୍କ ରେକର୍ଡ ଅପେକ୍ଷାକୃତ ଭଲ ରହିଥିବା ବେଳେ ଟି-୨୦ ଫର୍ମାଟରେ ସେ ବିଶେଷ ସଫଳ ହୋଇନଥିଲେ। ସେ ଶେଷ ଟି-୨୦ ମ୍ୟାଚ ୨୦୨୩ରେ ଖେଳିଥିଲେ। ସେହିପରି ଶେଷ ଲିଷ୍ଟ-ଏ ମ୍ୟାଚ ୨୦୨୫ରେ ଖେଳିଥିଲେ। ଫାଷ୍ଟ କ୍ଲାସ କ୍ରିକେଟରେ ବିଲି ରୁଟ୍ ମୋଟ ୮୩ଟି ମ୍ୟାଚ ଖେଳିଛନ୍ତି। ୧୪୧ଟି ଇନିଂସରେ ସେ ୩୨.୦୮ ହାରରେ ୪୧୦୭ ରନ କରିଛନ୍ତି। ଏଥିରେ ୭ଟି ଶତକ ଏବଂ ୧୭ଟି ଅର୍ଦ୍ଧଶତକ ସାମିଲ ରହିଛି। ତାଙ୍କ ସର୍ବୋଚ୍ଚ ସ୍କୋର୍ ୨୨୯ ରନ। ଏହା ସହିତ ସେ ୨୭ଟି କ୍ୟାଚ ମଧ୍ୟ ଧରିଛନ୍ତି। ଫର୍ଷ୍ଟ କ୍ଲାସ କ୍ରିକେଟରେ ତାଙ୍କ ନାମରେ ୮ଟି ଉଇକେଟ୍ ରହିଛି। ଲିଷ୍ଟ-ଏ କ୍ରିକେଟରେ ବିଲି ରୁଟ୍ ମୋଟ ୬୦ଟି ମ୍ୟାଚ ଖେଳିଛନ୍ତି। ଏହି ଫର୍ମାଟରେ ସେ ୪୦.୬୦ ହାରରେ ୧୬୬୫ ରନ ସଂଗ୍ରହ କରିଛନ୍ତି।

### ଉଚ୍ଚତା ମାତ୍ର ୪ ଫୁଟ ୭ ଇଞ୍ଚ

# ଉଠାଇଲେ ୨୧୫ କିଲୋ ଭାର

ନୂଆଦିଲ୍ଲୀ, ୨୪।୯: ଏସିଆନ ଗେମ୍ସର ୪୯ କିଲୋଗ୍ରାମ ମହିଳା ଭାରୋତ୍ତୋଳନ ବର୍ଗରେ ଭାରତକୁ ରୌପ୍ୟ ପଦକ ମିଳିଛି। ଭାରତୀୟ ଷ୍ଟାର୍ ଭାରୋତ୍ତୋଳକ ମୀରାବାଇ ଚାନୁ ରୌପ୍ୟ ପଦକ ଜିତିଥିବା ବେଳେ ଉତ୍ତର କୋରିଆର ରି ସଙ୍ଗ-ଗମ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରି ସଙ୍ଗ-ଗମ ମୋଟ ୨୧୫ କିଲୋଗ୍ରାମ ଭାର ଉଠାଇ ଏହି ସଫଳତା ହାସଲ କରିଛନ୍ତି। ମୀରାବାଇ ଚାନୁଙ୍କ ତୁଳନାରେ ସେ ୧୭ କିଲୋଗ୍ରାମ ଅଧିକ ଭାର ଉଠାଇଛନ୍ତି। ଏହି ପ୍ରଦର୍ଶନ ସହ ରି ସଙ୍ଗ-ଗମ ପୁଣିଥରେ ବିଶ୍ୱ ରେକର୍ଡ ଭାଙ୍ଗିଛନ୍ତି। ରି ସଙ୍ଗ-ଗମ ଏସିଆନ ଗେମ୍ସରେ କ୍ରମାଗତ ତୃତୀୟ ଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୦୧୮ ଏସିଆନ ଗେମ୍ସରେ ମଧ୍ୟ ସେ ସ୍ୱର୍ଣ୍ଣ ଜିତିଥିଲେ। ଏହାପରେ ହାଙ୍ଗଝୋଉ ଏସିଆନ ଗେମ୍ସରେ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ହାସଲ କରିଥିଲେ। ଏବେ ପୁଣି ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ଜିତି ସେ ଏସିଆନ ଗେମ୍ସରେ ନିଜର ଦବଦବା ଜାରି ରଖିଛନ୍ତି। ରି ସଙ୍ଗ-ଗମଙ୍କ ଶାରୀରିକ ଗଠନ ମଧ୍ୟ ଚର୍ଚ୍ଚାର ବିଷୟ। ତାଙ୍କ ଉଚ୍ଚତା ମାତ୍ର ୪ ଫୁଟ ୭ ଇଞ୍ଚ ହୋଇଥିଲେ ମଧ୍ୟ ଭାରୋତ୍ତୋଳନରେ ତାଙ୍କ ଶକ୍ତି ଓ ପ୍ରଦର୍ଶନ ଅତ୍ୟନ୍ତ ଉଲ୍ଲେଖନୀୟ। ମୀରାବାଇ ଚାନୁଙ୍କ ସହ ତାଙ୍କର ମୁକାବିଲାରେ ରି ସଙ୍ଗ-ଗମଙ୍କ ଦବଦବା ଦେଖିବାକୁ ମିଳିଛି। ରି ସଙ୍ଗ-ଗମ କେବଳ ଏସିଆନ ଗେମ୍ସରେ ନୁହେଁ, ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ନିଜର ଦକ୍ଷତା ପ୍ରମାଣ କରିଛନ୍ତି। ୨୦୨୪ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଅନ୍ୟ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ମଧ୍ୟ ତାଙ୍କ ନାମରେ ସ୍ୱର୍ଣ୍ଣ ପଦକ ରହିଛି। ଏହି ବିଜୟ ସହ ରି ସଙ୍ଗ-ଗମ ପୁଣିଥରେ ନିଜକୁ ବିଶ୍ୱର ଶ୍ରେଷ୍ଠ ଭାରୋତ୍ତୋଳକଙ୍କ ମଧ୍ୟରେ ସାମିଲ କରିଛନ୍ତି।

# ଭାରତ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜ ପାଇଁ ନ୍ୟୁଜିଲାଣ୍ଡର ଟିମ୍ ଘୋଷଣା

ନୂଆଦିଲ୍ଲୀ, ୨୩/୦୯; ଭାରତ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ପାଇଁ ନ୍ୟୁଜିଲାଣ୍ଡ ଦଳ ଘୋଷଣା କରିଛି। ନ୍ୟୁଜିଲାଣ୍ଡ ୧୬ ଜଣିଆ ଶକ୍ତିଶାଳୀ ଦଳ ଘୋଷଣା କରିଛି କିୱି ଟିମ୍। ଯାହାର ନେତୃତ୍ୱ ମିଚେଲ ସାଣ୍ଟନରଙ୍କ କାନ୍ଧରେ ରହିଛି। ଅକ୍ଟୋବରରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟି-୨୦ ସିରିଜ୍ ଖେଳାଯିବ। ଏହି ସିରିଜ୍ ପାଇଁ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଗସ୍ତରେ ଯିବ। ଏହି ସିରିଜ୍ ଅକ୍ଟୋବର ୨୨ ରୁ ଆରମ୍ଭ ହେବ। ଯେଉଁଥିରେ ଦ୍ରୁତ ବୋଲର ଆଡାମ ମିଲନେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପ୍ରାୟ ଏକ ବର୍ଷ ଧରି ଅନ୍ତର୍ଜାତୀୟ କ୍ରିକେଟ୍ ଠାରୁ ଦୂରରେ ରହିବା ପରେ ମିଲେନ୍ କିୱି ଦଳକୁ ଫେରିଛନ୍ତି।

କେଉଁ ଖେଳାଳି ସ୍ଥାନ ପାଇଲେ, କିଏ ଆଉଟ୍ ନ୍ୟୁଜିଲାଣ୍ଡ ଦ୍ୱାରା ଚୟନ କରାଯାଇଥିବା ୧୬ ଜଣ ଖେଳାଳିଙ୍କ ମଧ୍ୟରୁ ୧୩ ଜଣ ସମାନ, ଯେଉଁମାନେ ଚଳିତ ବର୍ଷ ଟି-୨୦ ବିଶ୍ୱକପ୍ ଦଳରେ ଥିଲେ। ସ୍ପିନ୍ ଅଲରାଉଣ୍ଡର ମାଇକେଲ୍ ବ୍ରେସୱେଲ୍ ଏବଂ ଦ୍ରୁତ ବୋଲର ଆଡାମ ମିଲନ୍ ଆହତ କାରଣରୁ ଟି-୨୦ ବିଶ୍ୱକପ୍ ଖେଳିପାରିନଥିଲେ। ଭାରତ ବିପକ୍ଷ ଟି-୨୦ ସିରିଜରେ ରଚିନ ରବୀନ୍ଦ୍ର ନ୍ୟୁଜିଲାଣ୍ଡ ଦଳରୁ ବାଦ୍ ପଡ଼ିଛନ୍ତି। ଏହା ପଛର କାରଣ ତାଙ୍କ ଆଘାତ ବୋଲି କୁହାଯାଉଛି। ବେନ୍ ସିୟର୍ସ ମଧ୍ୟ ଗୋଇଠିରେ ଆଘାତ ହେତୁ ଭାରତ ବିପକ୍ଷ ଘରୋଇ ଟି-୨୦ ସିରିଜ୍ ପାଇଁ ଦଳରେ ସ୍ଥାନ ପାଇପାରି ନାହାଁନ୍ତି।



ନ୍ୟୁଜିଲାଣ୍ଡ ଗସ୍ତରେ ଖେଳାଯାଇଥିବା ୧୨ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ଏହି ୫ଟି ମ୍ୟାଚ୍ ରହିଛି। ଏହି ୧୨ଟି ମ୍ୟାଚରେ ୫ଟି ଟି-୨୦ ବ୍ୟତୀତ ୫ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଟି-୨୦ ସିରିଜ୍ ପରେ ନ୍ୟୁଜିଲାଣ୍ଡ ଗସ୍ତରେ ଦିନିକିଆ ସିରିଜ୍ ଖେଳାଯିବ। ଶେଷରେ ୨ଟି ପରୀକ୍ଷା ହେବ। ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍‌ଅକ୍ଟୋବରରେ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଗସ୍ତରେ ଯିବ। ଅକ୍ଟୋବର ୨୨ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଦୁଇ ଦଳ ମଧ୍ୟରେ ୫ଟି ମ୍ୟାଚ୍ ଖେଳାଯିବ। ପ୍ରଥମ ଦୁଇଟି ଟି-୨୦ ମ୍ୟାଚ୍ ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯିବ ଏବଂ ତୃତୀୟ ମ୍ୟାଚ୍ ୱେଲିଂଟନରେ ଖେଳାଯିବ। ଉଭୟ ଦଳ ଚତୁର୍ଥ ମ୍ୟାଚ୍ ପାଇଁ ଅକଲ୍ୟାଣ୍ଡରେ ଖେଳିବେ ଏବଂ ତା'ପରେ ସିରିଜର ଶେଷ ମ୍ୟାଚ୍ ନଭେମ୍ବର ୧ରେ ହାମିଲଟନରେ ଖେଳାଯିବ। ଅକ୍ଟୋବର ୨୨- ପ୍ରଥମ ଟି-୨୦ - ଭାରତ ବନାମ ନ୍ୟୁଜିଲାଣ୍ଡ, ଅକ୍ଟୋବର ୨୪- ଭାରତ ବନାମ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟି-୨୦, ଅକ୍ଟୋବର ୨୭- ତୃତୀୟ ଟି-୨୦ - ଭାରତ ବନାମ ନ୍ୟୁଜିଲାଣ୍ଡ, ଅକ୍ଟୋବର ୩୦ - ଚତୁର୍ଥ ଟି-୨୦ - ଭାରତ ବନାମ ନ୍ୟୁଜିଲାଣ୍ଡ ଓ ନଭେମ୍ବର ୧ - ପଞ୍ଚମ ଟି-୨୦ - ଭାରତ ବନାମ ନ୍ୟୁଜିଲାଣ୍ଡ।

ନ୍ୟୁଜିଲାଣ୍ଡ ଦଳ: ମିଚେଲ ସାଣ୍ଟନର୍ (ଅଧିନାୟକ), ଫିନ୍ ଆଲେନ୍, ମାଇକେଲ୍ ବ୍ରେସୱେଲ୍, ମାର୍କ ଚାପମ୍ୟାନ୍, ଡେଭନ୍ କନୱେ, ଜାକବ ଡଫି, ଲୋକି ଫର୍ଗୁସନ୍, ଜାକ୍ ଫୋକ୍ସ, ମ୍ୟାଟ୍ ହେନରୀ, କାଇଲ୍ ଜେମିସନ୍, ଆଡାମ ମିଲନେ, ଡାରିଲ୍ ମିଚେଲ୍, ଗ୍ଲେନ୍ ଫିଲିପ୍ସ, ଟିମ୍ ସେଫର୍ଟ, ନାଥନ୍ ସ୍ମିଥ୍।

# ଟିଟି: ଶ୍ରୀଜା-ସିଣ୍ଡ୍ରେଲା, ଯଶସ୍ୱିନୀ- ଦିୟା, ମନୁଷ ଆଗେଇଲେ



**ନାଗୋୟା, ୨୪।୯:** ଭାରତୀୟ ଟିଟି ଖେଳାଳିମାନେ ଚଳିତ ଏସୀୟ କ୍ରୀଡାରେ ଗୁରୁବାର ଚମତ୍କାର ପ୍ରଦର୍ଶନ କରି ଆଗକୁ ବିଛନ୍ତି। ମହିଳା ଯୁଗଳ ଯୋଡି ଶ୍ରୀଜା ଅକୁଳା ଓ ସିଣ୍ଡ୍ରେଲା ଦାସ ଏବଂ ଯଶସ୍ୱିନୀ ଘୋରପଡ ଓ ଦିୟା ଚିତାଲେ ପ୍ରିକ୍ୱାର୍ଟରଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି। ସେହିଭଳି ପୁରୁଷ ଏକକରେ ମନୁଷ ଶାହ ନିଜ ମ୍ୟାଚ୍ ଜିତି ଆଗେଇଛନ୍ତି। ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଶ୍ରୀଜା ଓ ସିଣ୍ଡ୍ରେଲା ୩-୦ (୧୧-୫, ୧୧-୪, ୧୨-୧୦)ରେ ମଙ୍ଗୋଲିଆର ବୁରେଞ୍ଜାରଗଲ ସାଞ୍ଜା ଓ ବୋଲୋର-ଏର୍ଡନ ବାତ୍‌ମୁଙ୍ଖଙ୍କୁ ପରାସ୍ତ କରିଥିଲେ। ପରବର୍ତ୍ତୀ ରାଉଣ୍ଡରେ ଏହି ଯୋଡି ବିଶ୍ୱର ୨ ନମ୍ବର ଚୀନ୍ ଖେଳାଳି କୁଆଇ ମାନ୍ ଓ ୱାଙ୍ଗ ମନ୍ୟୁଙ୍କୁ ଭେଟିବେ। ସେହିଭଳି ଯଶସ୍ୱିନୀ ଓ ଦିୟା ୩-୦ (୧୧-୨, ୧୧-୨, ୧୧-୪)ରେ ଇରାନର ସେତାୟେଶ ଲେଖାନୀ ଓ ମହଶିଦ ଅଶତାରୀଙ୍କୁ ହରାଇଥିଲେ। ଯଶସ୍ୱିନୀ ଓ ଦିୟା ପ୍ରିକ୍ୱାର୍ଟରଫାଇନାଲ୍‌ରେ ଚୀନ୍‌ର ଫାନ୍ ଶୁହାନ୍ ଓ ଚେନ୍ ୟିଙ୍କୁ ଭେଟିବେ। ପୁରୁଷ ଏକକରେ ବିଶ୍ୱର ୪୩ ନମ୍ବର ମନୁଷ ୪-୦ (୧୧-୯, ୧୪-୧୨, ୧୧-୭, ୧୧-୪)ରେ ମାଲେସିଆର ୱଙ୍ଗ କ୍ୱି ସେନ୍‌ଙ୍କୁ ମାତ୍ ଦେଇଥିଲେ। ରାଉଣ୍ଡ-୩୨ରେ ସେ ବିଶ୍ୱର ୨୦ ନମ୍ବର ଇରାନର ବେନ୍ୟାମିନ୍ ଫାରାଜିଙ୍କୁ ଭେଟିବେ। ପ୍ରଥମ ରାଉଣ୍ଡ ବାଇ ପାଇଥିବା ମାନବ ସିଧାସଳଖ ରାଉଣ୍ଡ-୩୨ରେ ଉତ୍ତର କୋରିଆର ୟୁ ତାଏ ରିଓଙ୍ଗଙ୍କୁ ଭେଟିବେ।

# ଏସିଆନ୍ ଗେମ୍ସ : ସଲମାନ ଓ ସତନାମଙ୍କୁ ଐତିହାସିକ ବ୍ରୋଞ୍ଜ

ନୂଆଦିଲ୍ଲୀ, ୨୪।୯: ଏସିଆନ ଗେମ୍ସ ୨୦୨୬ରେ ଗୁରୁବାର ଦେଶ ପାଇଁ ବ୍ରୋଞ୍ଜ ପଦକ ଜିତିଛନ୍ତି ସତନାମ ସିଂହ ଓ ସଲମାନ ଖାନ। ଏହା ସହିତ ସେମାନେ ଇତିହାସ ରଚିଛନ୍ତି। କାରଣ ନୌଚାଳନାର ପୁରୁଷ ଡବଲ ସ୍କଲସରେ ଏସିଆନ ଗେମ୍ସରେ ଏହା ହେଉଛି ଭାରତର ପ୍ରଥମ ପଦକ। ପୂର୍ବରୁ ଏହି ଇଭେଣ୍ଟରେ ଭାରତକୁ ପଦକ ମିଳି ନଥିଲା। ଫାଇନାଲ ପ୍ରତିଯୋଗିତାରେ ୧୫୦୦ ମିଟର ପର୍ଯ୍ୟନ୍ତ ସତନାମ ଓ ସଲମାନ ଯୋଡ଼ି ଦ୍ୱିତୀୟ ସ୍ଥାନରେ ରହିଥିଲେ। କିନ୍ତୁ ଶେଷ ୫୦୦ ମିଟରେ ସେମାନେ ତୃତୀୟ ସ୍ଥାନକୁ ଖସି ଯାଇଥିଲେ। ଏହି ଇଭେଣ୍ଟରେ ଚାଇନାର ପ୍ରତିଯୋଗୀ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ଜିତିଥିଲେ ଓ ଉଜବେକିସ୍ଥାନର ପ୍ରତିଯୋଗୀ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ପାଇଥିଲେ। ସଲମାନଙ୍କର ଏହା ପ୍ରଥମ ଏସିଆନ ଗେମ୍ସ ପଦକ ହୋଇଥିବା ବେଳେ ସତନାମ ହାତେଇଛନ୍ତି ତାଙ୍କ କ୍ୟାରିୟରର ଦ୍ୱିତୀୟ ଏସିଆନ ଗେମ୍ସ ପଦକ। ଏହା ପୂର୍ବରୁ ସେ ଚୀର ହ୍ୟାଙ୍ଗଝୋଉରେ ଅନୁଷ୍ଠିତ ଏସିଆନ ଗେମ୍ସରେ ପୁରୁଷ କ୍ୱାଡ୍ରପଲ ସ୍କଲସରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ସତନାମ ପ୍ରଥମେ ଜଣେ ହ୍ୟାଣ୍ଡବଲ୍ ଖେଳାଳି ଥିଲେ। ସେ ଏହି ଖେଳରେ ଜଣେ ଜାତୀୟ ସ୍ତରର ଖେଳାଳି ଥିଲେ। ୮ ବର୍ଷ ତଳେ ସେ ରୋଇଙ୍ଗ ବା ନୌଚାଳନା ପ୍ରତି ଆକର୍ଷିତ ହୋଇଥିଲେ। ଅଲିମ୍ପିଆନ୍ ସ୍ୱର୍ଣ୍ଣ ସିଂହ ବିର୍କ ହେଉଛନ୍ତି ତାଙ୍କର ପ୍ରେରଣା, ଯିଏ ୨୦୧୮ରେ ଇଣ୍ଡୋନେସିଆରେ ଅନୁଷ୍ଠିତ ଏସିଆନ ଗେମ୍ସରେ ପୁରୁଷ ଲାଇଟୱେଟ ଡବଲ ସ୍କଲସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।



ଅନ୍ୟପକ୍ଷରେ ଭାରତୀୟ ସେନାରେ ଯୋଗ ଦେବା ପରେ ଏହି କ୍ରୀଡ଼ାକୁ ପ୍ରବେଶ କରିଥିଲେ ସଲମାନ। ତା ପୂର୍ବରୁ ସେ ଦିଲ୍ଲୀରେ ଉବେର କ୍ୟାବ ଚଲାଉଥିଲେ। ତାଙ୍କୁ ୧୮ ବର୍ଷ ହୋଇଥିବା ବେଳେ ଡେଙ୍ଗୁରେ ତାଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ତାଙ୍କ ଜୀବନ ଭିନ୍ନ ମୋଡ଼ ନେଇଥିଲା। ସେ ବଡ଼ ପୁଅ ହୋଇଥିବାରୁ ପରିବାରର ଦାୟିତ୍ୱ ତାଙ୍କ ଉପରେ ଥିଲା। ଭାରତୀୟ ସେନାରେ ଯୋଗ ଦେବାର ସ୍ୱପ୍ନ ଧୂଳିସାତ ହୋଇଥିଲା ଓ ସେ ଦିଲ୍ଲୀରେ ଉବେର କ୍ୟାବ ଚଲାଇଲେ। ପରବର୍ତ୍ତୀ ସମୟରେ ତାଙ୍କର ଜଣେ ବନ୍ଧୁଙ୍କଠାରୁ ପ୍ରେରଣା ପାଇ ସେ ଉବେର କ୍ୟାବକୁ ଆଉ ଜଣେ ଡ୍ରାଇଭରଙ୍କୁ ଦେଇ ଭାରତୀୟ ସେନାରେ ଯୋଗ ଦେବା ପାଇଁ ପ୍ରସ୍ତୁତି କଲେ ଓ ସେଥିରେ ସଫଳ ହୋଇଥିଲେ। ଭାରତୀୟ ସେନାରେ ଯୋଗ ଦେବା ପରେ ତାଙ୍କର ପରିଚିତି ହୋଇଥିଲା ରୋଇଙ୍ଗ କ୍ରୀଡ଼ା ସହିତ। ପ୍ରଥମେ ସେ ଏହି ଖେଳ ପ୍ରତି ଅମଙ୍ଗ ଥିଲେ।

# ବେଦାନ୍ତ ଦକ୍ଷତା ବିକାଶରେ ୧ହଜାର ଯୁବକଯୁବତୀ ଉପକୃତ

**ଭୁବନେଶ୍ୱର, ୨୪।୯:** କଳାହାଣ୍ଡିର ଯୁବକଯୁବତୀଙ୍କ ପାଇଁ ଧନ୍ଦାମୂଳକ ତାଲିମ ଏବଂ ସ୍ଥାୟୀ ଜୀବିକା ନିର୍ବାହ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହୋଇ ରହିଛି। ଏହି ଆବଶ୍ୟକତାକୁ ପୂରଣ କରି, ବେଦାନ୍ତ ଆଲୁମିନିୟମ ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କୁ ଶିଳ୍ପ-ଆବଶ୍ୟକ ଦକ୍ଷତା ବିକାଶ ସହିତ ସେମାନଙ୍କର ନିଯୁକ୍ତି ସାମର୍ଥ୍ୟ ବୃଦ୍ଧି ଏବଂ ଦୀର୍ଘ ଜୀବିକା ସୁଯୋଗକୁ ସକ୍ଷମ କରିବା ଉଦ୍ଦେଶ୍ୟରେ ଏକ ସଂରଚିତ ଦକ୍ଷତା ବିକାଶ ପଦକ୍ଷେପ କାର୍ଯ୍ୟକାରୀ କରିଛି। ଲାଞ୍ଜିଗଡ଼ରେ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକଳାପକୁ ଆଖପାଖର ଗ୍ରାମର ଯୁବ ଯୁବତୀମାନେ ଏହି ପଦକ୍ଷେପ ମାଧ୍ୟମରେ ନୂତନ ଦିଗ ଖୋଜୁଛନ୍ତି। ଏହାର ଆରମ୍ଭ ପରଠାରୁ, ଏହି ପଦକ୍ଷେପ ୧୦୦୦ ରୁ ଅଧିକ ଯୁବକମାନଙ୍କୁ ତାଲିମ ଦେଇଛି, ଯେଉଁମାନଙ୍କ ମଧ୍ୟରୁ ୭୫ ପ୍ରତିଶତରୁ ଅଧିକ ଓଡ଼ିଶା ମଧ୍ୟରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ମୋଟ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୫୫ ପ୍ରତିଶତ ହେଉଛନ୍ତି ମହିଳା, ଯାହା ସମାବେଶୀ ଅଭିବୃଦ୍ଧି ଉପରେ ଏହି କାର୍ଯ୍ୟକ୍ରମର ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ସରକାରଙ୍କ ସହିତ ଭାଗିଦାରୀ ମାଧ୍ୟମରେ ଏହି ପ୍ରକଳ୍ପ ବର୍ତ୍ତମାନ ଭବାନୀପାଟଣା ଏବଂ ଲାଞ୍ଜିଗଡ଼ରେ ଆବାସିକ ଏବଂ ଅଣ-ଆବାସିକ ତାଲିମ କେନ୍ଦ୍ର ମାଧ୍ୟମରେ ପରିଚାଳିତ ହେଉଛି, ଯେଉଁଥିରେ ଇଲେକ୍ଟ୍ରିସିଆନ୍, ସିଲେଇ ମେସିନ୍ ଅପରେଟର ଏବଂ ଖାଦ୍ୟ ଏବଂ ପାନୀୟ ସହାୟକ ପରି ବିଭିନ୍ନ ପାଠ୍ୟକ୍ରମ ପ୍ରଦାନ କରାଯାଉଛି। ଏକ ବିକଶିତ ଭାରତର ଦୃଷ୍ଟିକୋଣ ସହିତ ଯୋଡ଼ି ହୋଇ, ଏହି ପଦକ୍ଷେପ ଗୁଣାତ୍ମକ ଧନ୍ଦାମୂଳକ ତାଲିମ, ଦକ୍ଷତା ବୃଦ୍ଧି ଏବଂ ନିଯୁକ୍ତି ସହାୟତା ମାଧ୍ୟମରେ ଶିଳ୍ପ ଚାହିଦା ଏବଂ କାର୍ଯ୍ୟବଳ ପ୍ରସ୍ତୁତି ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବା ଉପରେ ଧ୍ୟାନ ଦେଇଥାଏ।

# ଭୁବନେଶ୍ୱର ଟାଇଗର୍ସ ୧ ରନ୍‌ରେ ଜିତିଲା

**କଟକ, ୨୪।୯:** 'ଭାରତ ମସଲା ଓଡ଼ିଶା ଟ୍ୱେଣ୍ଟି-୨୦ ଲିଗ୍ ସିଏମ୍ ଟ୍ରଫି'ର ଚତୁର୍ଥ ଦିବସର ପ୍ରଥମ ମ୍ୟାଚ୍ ବର୍ଷା ପାଇଁ ବାତିଲ ହୋଇ ଯାଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଭୁବନେଶ୍ୱର ଟାଇଗର୍ସ ଡିଏଲ୍ଏସ୍ ପଦ୍ଧତିରେ ବିଜୟୀ ହୋଇଛି। ଭୁବନେଶ୍ୱର ଟାଇଗର୍ସ ଗୋଟିଏ ରନ୍‌ରେ କଟକ ପାନ୍ଥର୍ସକୁ ପରାସ୍ତ କରିଛି। ବୁଧବାର ଲଘୁଚାପ ବର୍ଷା ପାଇଁ ଅପରାହ୍ଣରେ ଥିବା ରାଉରକେଲା ସୁପରଷ୍ଟାର୍ସ ଓ ପୁରୀ ଟାଇଟାନସ୍ ଲିଗ୍ ମ୍ୟାଚ୍ ବାତିଲ ହୋଇଥିଲା। ଅନ୍ୟପକ୍ଷରେ ଦ୍ୱିତୀୟ ମ୍ୟାଚ୍‌ଟି ବିଳମ୍ବରେ ଖେଳାଯାଇଥିଲେ ମଧ୍ୟ ବର୍ଷା ପାଇଁ ଏହାକୁ ୯ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କଟକ ପାନ୍ଥର୍ସ ଦଳ ୭.୪ ଓଭରରେ ୬ ୱିକେଟ୍ ହରାଇ ୫୩ ରନ୍ କରିଥିଲା। ବର୍ଷା ହେବାରୁ କଟକ ପାଳି ସେଠିଠାରେ ଅଟକି ଯାଇଥିଲା। ଦଳ ପକ୍ଷରୁ କାର୍ତ୍ତିକ ବିଶ୍ୱାଳ ସର୍ବାଧିକ ୨୩ ରନ୍ କରିଥିବା ବେଳେ ସେମ୍ୟରଞ୍ଜନ ବିଶ୍ୱାଳ ୧୨ରନ୍ କରିଥିଲେ। ଭୁବନେଶ୍ୱର ଟାଇଗର୍ସ ପକ୍ଷରୁ ରାଜେଶ ମହାନ୍ତି ୨ଟି, ସମ୍ବିତ ବେଜା ୨ଟି ଓ ରାକେଶ ପଟ୍ଟନାୟକ ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ। ମଧ୍ୟାନ୍ତର ପରେ ପୁଣି ବର୍ଷା ହେବାରୁ ଡିଏଲ୍ଏସ୍ ପଦ୍ଧତିରେ ଭୁବନେଶ୍ୱର ଟାଇଗର୍ସ ପାଇଁ ଗୋଟିଏ ଓଭରରେ ୮ରନ୍‌ର ଟାର୍ଗେଟ ଧାର୍ଯ୍ୟ କରାଯାଇଥିଲା। ହେଲେ ରାଜେଶ ମହାନ୍ତିଙ୍କ ୫ରନ୍ ଓ ସ୍ୱସ୍ତିକ ସାମଲଙ୍କ ୪ରନ୍ ସହାୟତାରେ ଭୁବନେଶ୍ୱର ଟାଇଗର୍ସ ଗୋଟିଏ ଓଭର ଖେଳି ଗୋଟିଏ ୱିକେଟ୍ ହରାଇ ୯ରନ୍ ସଂଗ୍ରହ କରି ମ୍ୟାଚ୍ ଜିତିଥିଲା। ରାଜେଶ ମହାନ୍ତି ଜିଓସ୍ ୱାର୍ଲଡକାଷ୍ଟ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଗୁଲସନ ଝୁରାନୀଙ୍କଠାରୁ 'ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି' ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ସ୍ୱସ୍ତିକ ସାମଲ 'ମୋମେଣ୍ଟ ଅଫ୍ ଦ ମ୍ୟାଚ୍' ପୁରସ୍କାର ସ୍କାର୍ଟସ୍ ଏକ୍ସ କନସଲଟାନ୍ସିର ନିର୍ଦ୍ଦେଶକ ରୋହନ ଗୁପ୍ତା ଏବଂ କାର୍ତ୍ତିକ ବିଶ୍ୱାଳ 'ଡାଇନାମିକ୍ ଷ୍ଟ୍ରାଇକର ଅଫ୍ ଦ ମ୍ୟାଚ୍' ପୁରସ୍କାର ଭୁବନେଶ୍ୱର ଟାଇଗର୍ସର ସହମାଲିକ ଅମନ ପଟ୍ଟନାୟକଙ୍କଠାରୁ ଗ୍ରହଣ କରିଥିଲେ।




Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate, Bhubaneswar-751010, Near NSIC Office, Dist - Khordha (Odisha), **Email : odishamahabharata@gmail.com, orissamahabharat@rediffmail.com**
**Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର**